ଆଜି - ରବିବାର
ତାରିଖ - ୧୯ ଅପ୍ରେଲ ୨୦୨୬
ମାସ - ମେଷ, ଦିନ - ୦୬
ତିଥି - ଦ୍ୱିତୀୟା, ପକ୍ଷ-ଶୁକ୍ଳ
ନକ୍ଷତ୍ର - ଦ୍ୱିଜା, କୃତିକା କ୍ଷୟ, ମେଷ, ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୩୦: ୦୦
ସୂର୍ଯ୍ୟାସ୍ତ - ୬ : ୦୨ : ୦୦
E-mail: ajikalibls@gmail.com

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି


"ପାର୍ଥିବ ପ୍ରେମକୁ ଜାଳି ତା'ର ପାଉଁଶକୁ କାଳି କରିଦିଅ; ହୃଦୟକୁ କଲମ କର ଏବଂ ଧିମତାକୁ ଲେଖକ କରି ଏମିତି ଲେଖା ଲେଖିଚାଲ, ଯାହାର କେବେ ଶେଷ ହେବନାହିଁ ।"
- ଗୁରୁ ନାନକ


E-News : www.Ajikali epaper.com

Vol.- 41 ISSUE- 06 R.N.I. REGD. No. 44026/86 ବାଲେଶ୍ୱର ୧୯ ଅପ୍ରେଲ ୨୦୨୬ ରବିବାର BALASORE 19 APRIL 2026 SUNDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


## ଦେଶବାସୀଙ୍କୁ ସମ୍ବୋଧିତ କଲେ ପ୍ରଧାନମନ୍ତ୍ରୀ

### ମହିଳା ସଂରକ୍ଷଣ ବିଲ୍‌କୁ ବିରୋଧ କରି ପାପ କରିଛନ୍ତି ବିରୋଧୀ



ନୂଆଦିଲ୍ଲୀ : ଲୋକସଭାରେ ମହିଳା ସଂରକ୍ଷଣ ବିଲ୍ କାଟ୍ ଖାଇଲା । ଶୁକ୍ରବାର ଭୋଟ୍ ହୋଇ ଫେଲ୍ ମାରିଥିବାବେଳେ ଶନିବାର ଦେଶବାସୀଙ୍କୁ ସମ୍ବୋଧନ କରି ବର୍ଷିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ବିରୋଧୀ ମହିଳା ଆରକ୍ଷଣ ବିଲକୁ ବିରୋଧ କରି ବିରୋଧୀମାନେ ପାପ କରିଛନ୍ତି । ବିରୋଧୀମାନେ ନାରୀଙ୍କ ସ୍ୱପ୍ନକୁ ପୂରଣ ହେବାକୁ ଦେଲେନାହିଁ । ରାଜନୈତିକ ସ୍ୱାର୍ଥ ପାଇଁ ମହିଳାଙ୍କ କ୍ଷତି ହେଲା । ବିରୋଧୀମାନେ ଯେଉଁ ପାପ କରିଛନ୍ତି ପରିଣାମ ମିଳିବ । ପ୍ରଧାନମନ୍ତ୍ରୀ କହିଥିଲେ, 'ଆମ ପାଇଁ, ଜାତୀୟ ସ୍ୱାର୍ଥ ସର୍ବୋପରି । କିନ୍ତୁ, ଯେତେବେଳେ ଦଳୀୟ ସ୍ୱାର୍ଥ କିଛି ଲୋକଙ୍କ ପାଇଁ ସବୁକିଛି ହୋଇଯାଏ, ଯେତେବେଳେ ଦଳୀୟ ସ୍ୱାର୍ଥ ଜାତୀୟ ସ୍ୱାର୍ଥ ଅପେକ୍ଷା ବଡ଼ ହୋଇଯାଏ, ସେତେବେଳେ ମହିଳା ଏବଂ ଦେଶକୁ ଏହାର କ୍ଷତି ସହିବାକୁ ପଡ଼ିଥାଏ । ଏଥର ମଧ୍ୟ ଏହା ଘଟିଛି । କଂଗ୍ରେସ, ଡିଏମକେ, ଟିଏମସି ଏବଂ ସମାଜବାଦୀ ପାର୍ଟି ଭଳି ଦଳଗୁଡ଼ିକର ସ୍ୱାର୍ଥପର ରାଜନୀତିର କ୍ଷତି ଦେଶର ମହିଳାମାନଙ୍କୁ ସହିବାକୁ ପଡ଼ିଛି ।' କଂଗ୍ରେସ, ସମାଜବାଦୀ ପାର୍ଟିକୁ କ୍ଷମା କରିବେନି ଲୋକେ । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, 'ମହିଳାମାନେ ସବୁକିଛି ଭୁଲିଯାଆନ୍ତି କିନ୍ତୁ ନିଜର ଅପମାନକୁ କେବେ ଭୁଲନ୍ତି ନାହିଁ । ତେଣୁ, ସଂସଦରେ କଂଗ୍ରେସ ଏବଂ ଏହାର ସହଯୋଗୀଙ୍କ ଆଚରଣର ଯନ୍ତ୍ରଣା ସର୍ବଦା ପ୍ରତ୍ୟେକ ମହିଳାଙ୍କ ହୃଦୟରେ ରହିବ । ସମାଜବାଦୀ ପାର୍ଟି କ'ଣ କରିଛି ତାହା ମହିଳାମାନେ କେବେ ଭୁଲିପାରିବେ ନାହିଁ ।' 'ମୁଁ ଆଶା କରିଥିଲି ଯେ କଂଗ୍ରେସ ତା'ର ଅତୀତର ଭୁଲ ସଂଶୋଧନ କରିବ ଏବଂ ତା'ର ପାପର ପ୍ରାୟଶ୍ଚିତ କରିବ, କିନ୍ତୁ ସେ ଏହି ସୁଯୋଗ ହାତଛଡ଼ା କରିଛି । ଏକ ପରଜୀବୀ ପରି, କଂଗ୍ରେସ ଆଂଚଳିକ ଦଳଗୁଡ଼ିକର ପିଠିରେ ଚଢ଼ି ବଂଚିବାକୁ ଚେଷ୍ଟା କରୁଛି ।

## ୱେ-ଟ୍ରାକ୍ ଇଣ୍ଡିଆର ନୂତନ ମାନୁଫାକଚରିଙ୍ଗ୍ ୟୁନିଟ୍‌କୁ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

### ୨୦୩୬ ସୁଦ୍ଧା ଓଡ଼ିଶା ହେବ ୫୦୦ ବିଲିଅନ ଡଲାର ଅର୍ଥନୀତିର ରାଜ୍ୟ

ଭୁବନେଶ୍ୱର :ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଇନ୍ଫୋଭେଲି-୨, ଖୋର୍ଦ୍ଧାଠାରେ 'ୱେ-ଟ୍ରାକ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍'ର ଅତ୍ୟାଧୁନିକ ମାନୁଫାକଚରିଙ୍ଗ୍ ୟୁନିଟ୍ ର ଶୁଭ ଉଦ୍‌ଘାଟନ କରିଛନ୍ତି । ଓଡ଼ିଶା ମାଟିରୁ ଓଡ଼ିଆ ଉଦ୍ୟୋଗୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ବ୍ରାଣ୍ଡ୍ ଆଜି ସ୍ମାର୍ଟ ଇନଫ୍ରାସ୍ଟ୍ରକ୍ଚର୍ ଓ ଏଆଇ କ୍ଷେତ୍ରରେ ଦେଶର ଏକ ପ୍ରମୁଖ ସଂସ୍ଥା ଭାବେ ଉଭା ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରି ୱେ-ଟ୍ରାକ୍ ଇଣ୍ଡିଆର ସମସ୍ତ ଟିମ୍ ମେମ୍ବରଙ୍କୁ ଅଭିନନ୍ଦନ ଜଣାଇଥିଲେ । ୱେ-ଟ୍ରାକ୍ ଇଣ୍ଡିଆ ଆଜି ଭାରତର ଚତୁର୍ଥ ସର୍ବବୃହତ୍ ୱେ-ବ୍ରିଜ୍ ଉତ୍ପାଦକ ଭାବେ ପରିଚୟ ସୃଷ୍ଟି କରିବା ଆମ ରାଜ୍ୟ ପାଇଁ ଗର୍ବର ବିଷୟ ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ସରକାର ଆସିବା ପରେ ଓଡ଼ିଶାରେ ଶିଳ୍ପ ବିପ୍ଳବ ଜାରି ରହିଛି । ପୂର୍ବରୁ କେବଳ ଖଣି ଭିତିକ ଶିଳ୍ପ ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ଆମ ସରକାର, ଏଆଇ ସେମିକଣ୍ଡକ୍ଟର, ଟେକ୍ସଟାଇଲ ଓ ଫାର୍ମାସିଉଟିକାଲ ଭଳି ନ୍ୟୁ ଇକୋନୋମି କ୍ଷେତ୍ରରେ ପୁଞ୍ଜି ନିବେଶ କରିବାରେ ସକ୍ଷମ ହୋଇଛି । ଏହି ସମୟ ମଧ୍ୟରେ ପ୍ରାୟ ୨.୮୦ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ଗ୍ରାଉଣ୍ଡି ହୋଇଛି, ଯାହା ଆଗାମୀ ଦିନରେ ଦୁଇ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । ଆମର ଲକ୍ଷ୍ୟ ହେଉଛି




୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିଅନ ଡଲାର ଏବଂ ୨୦୪୭ ସୁଦ୍ଧା ୧୫୦୦ ବିଲିଅନ ଡଲାର ଅର୍ଥନୀତିରେ ପରିଣତ କରିବା ବୋଲି ସେ କହିଥିଲେ । ଓଡ଼ିଶାର ଏହି ବିକାଶ ଯାତ୍ରାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପୂର୍ବୋଦୟ' ପରିକଳ୍ପନା ଏକ ମୁଖ୍ୟ ଭୂମିକା ଗ୍ରହଣ କରିଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଶିଳ୍ପ ପ୍ରତିଷ୍ଠା ପାଇଁ ଆମ ସରକାର ପ୍ଲଗ୍ ଆଣ୍ଡ ପ୍ଲେ ସୁବିଧା ଯୋଗାଇ ଦେଉଛନ୍ତି ଏବଂ ଜିଲ୍ଲାପାଳମାନଙ୍କୁ ଶିଳ୍ପ ସମ୍ବନ୍ଧୀୟ ନିଷ୍ପତି ନେବା ପାଇଁ ଅଧିକ କ୍ଷମତା ପ୍ରଦାନ କରାଯାଉଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହିଳାମାନଙ୍କ ରାଜନୈତିକ ସଶକ୍ତିକରଣ ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ, ସଂସଦ ଓ ବିଧାନସଭାରେ ମହିଳାଙ୍କୁ ଏକ ତୃତୀୟାଂଶ ସଂରକ୍ଷଣ ଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଅଣାଯାଇଥିବା 'ନାରୀ ଶକ୍ତି ବନ୍ଦନ ଅଧିନିୟମ'କୁ କଂଗ୍ରେସ ଓ ସହଯୋଗୀ ଦଳମାନେ ଲୋକସଭାରେ ପାରିତ କରାଇ ନଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଏହା ନାରୀ ସମାଜ ପ୍ରତି ଏକ ଅପରାଧ ଏବଂ ଏଥିପାଇଁ ଓଡ଼ିଶାର ନାରୀଶକ୍ତି ସେମାନଙ୍କୁ କେବେ କ୍ଷମା ଦେବେ ନାହିଁ । ଅନ୍ୟତମ ଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ ଯେ ଏମଏସଏମଇ ହେଉଛି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ । ରାଜ୍ୟ ସରକାର ସହଜରେ ଏମଏସଏମଇ ଇଣ୍ଡଷ୍ଟ୍ରି ନିମନ୍ତେ ଜମି ଓ ଲୋନ୍ ପ୍ରଦାନ କରୁଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସେ କୃତଜ୍ଞତା ଜଣାଇଥିଲେ । କାର୍ଯ୍ୟକ୍ରମ ସମବାୟ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ ରାଜ୍ୟ ସରକାରଙ୍କ ଏମଏସଏମଇ ପ୍ରତି ଥିବା ଆନ୍ତରିକତାକୁ ପ୍ରଶଂସା କରି କହିଥିଲେ ଯେ ଏମଏସଏମଇ ଇଣ୍ଡଷ୍ଟ୍ରି ବସେଇବାରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ପରିଚୟ ସୃଷ୍ଟି କରିଛି । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ୱେ-ଟ୍ରାକ୍ ର ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ କୁମାର ନାୟକ, ବରିଷ୍ଠ ସଙ୍ଘ ଚାଳକ ସମୀର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ଖରିଫ ଫସଲ ପ୍ରସ୍ତୁତି ବୈଠକରେ ସମୀକ୍ଷା କଲେ କେନ୍ଦ୍ର କୃଷି ମନ୍ତ୍ରୀ ଶିବରାଜ ସିଂହ ଚୌହାନ

ନୂଆଦିଲ୍ଲୀ : କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ତଥା ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ଆଜି କୃଷି କ୍ଷେତ୍ରର ବର୍ତ୍ତମାନର ସ୍ଥିତି ଏବଂ ଆଗାମୀ ଖରିଫ ଋତୁ ପାଇଁ ପ୍ରସ୍ତୁତିର ଏକ ଉଚ୍ଚସ୍ତରୀୟ ସମୀକ୍ଷା କରି କୃଷି ସଚିବ ଏବଂ ସମ୍ପୃକ୍ତ ବରିଷ୍ଠ ଅଧିକାରୀମାନଙ୍କୁ କୃଷକଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ପାଣିପାଗ ପୂର୍ବାନୁମାନ, ଜଳ ଉପଲବ୍ଧତା, ଫସଲର ସ୍ଥିତି, ବିହନ ଏବଂ ଅନ୍ୟାନ୍ୟ କୃଷି ଉପକରଣର ବ୍ୟବସ୍ଥା, ରାଜ୍ୟଗୁଡ଼ିକର ପ୍ରସ୍ତୁତି ଏବଂ ସମ୍ଭାବ୍ୟ ପ୍ରତିକୂଳ ପାଣିପାଗ ପରିସ୍ଥିତିର ମୁକାବିଲା ପାଇଁ କାର୍ଯ୍ୟ ଯୋଜନା ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ସମୀକ୍ଷା ବୈଠକରେ କେନ୍ଦ୍ର କୃଷି ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଗୁରୁତ୍ୱାରୋପ କରିଥିଲେ ଯେ କୃଷକଙ୍କ କଲ୍ୟାଣ ଆମ ପାଇଁ ସର୍ବାଧିକ ପ୍ରାଥମିକତା ଏବଂ




ସମ୍ଭାବ୍ୟ ଏଲ୍ ନିନୋର ପ୍ରଭାବକୁ ମୁକାବିଲା କରିବା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ଏହି ବୈଠକରେ ସୂଚନା ଦିଆଯାଇଥିଲା ଯେ ଭାରତୀୟ ପାଣିପାଗ ବିଭାଗ (ଆଇ. ଏମ୍. ଡି.) ୨୦୨୬ ମସିହାରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସ୍ୱାଭାବିକ ଠାରୁ କମ୍ ହେବାର ସମ୍ଭାବନା ରହିଛି ଏବଂ ସାରା ଦେଶରେ ଦୀର୍ଘକାଳୀନ ହାରାହାରି (ଏଲ୍. ପି. ଏ.) ର ପ୍ରାୟ ୯୨ ପ୍ରତିଶତ ମୌସୁମୀ ବର୍ଷା ହେବ ବୋଲି ଆକଳନ କରାଯାଇଛି । ଏହା ମଧ୍ୟ ସୂଚିତ କରାଯାଇଥିଲା ଯେ ମୌସୁମୀ ଋତୁରେ ଏଲ୍ ନିନୋ ପରିସ୍ଥିତି ବିକଶିତ ହୋଇପାରେ, ଯଦିଓ ଚୂଡ଼ାନ୍ତ ଏବଂ ଅପଡେଟ୍ ମୂଲ୍ୟାଙ୍କନ ମେ ୨୦୨୬ ର ଶେଷ ସପ୍ତାହରେ ଜାରି କରାଯିବ । ସମୀକ୍ଷା ସମୟରେ କେନ୍ଦ୍ର କୃଷି ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ସ୍ପଷ୍ଟ କରିଛନ୍ତି ଯେ ପାଣିପାଗ ସମ୍ବନ୍ଧୀୟ ପୂର୍ବାନୁମାନକୁ ଗୁରୁତ୍ୱର ସହ ନେଇ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତିର ସହ ଆଗକୁ ବଢ଼ୁଛନ୍ତି ଏବଂ କୃଷକମାନଙ୍କୁ କୌଣସି ଚିନ୍ତା କରିବାର ଆବଶ୍ୟକତା ନାହିଁ । ସେ କହିଥିଲେ ଯେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସମନ୍ୱିତ ପ୍ରୟାସ, ଉନ୍ନତ ଜଳ ପରିଚାଳନା, ଉନ୍ନତ ପ୍ରଯୁକ୍ତିବିଦ୍ୟା, ଜଳସେଚନ ସୁବିଧାର ସମ୍ପ୍ରସାରଣ ଏବଂ ଜଳବାୟୁ ଅନୁକୂଳ କୃଷି ପଦକ୍ଷେପ ମାଧ୍ୟମରେ ସମ୍ଭାବ୍ୟ ଆହ୍ୱାନର ପ୍ରଭାବକୁ ଉଲ୍ଲେଖନୀୟ ଭାବେ ନିୟନ୍ତ୍ରଣ କରାଯାଇପାରିବ । ଏହି ବୈଠକରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପରେ ଆଲୋକପାତ କରାଯାଇଥିଲା ।

## ଜାତୀୟ ଯୁବ ସଂସଦ - 'ଲୋକ ସମ୍ବାଦ-୨୦୨୬' ମୁଖ୍ୟ ଅତିଥି ଭାବେ ଯୋଗ ଦେଲେ ଆଇନ ମନ୍ତ୍ରୀ

ଭୁବନେଶ୍ୱର : ଆଇନ୍ ଛାତ୍ରଛାତ୍ରୀମାନେ ଯଦି ନିଜ ପାଠପଢ଼ାକୁ ଅଧିକ ଗୁରୁତ୍ୱ ଦେବେ ତେବେ ନିଜର ସଫଳ କ୍ୟାରିୟର ନିମନ୍ତେ ସେମାନଙ୍କ ନିକଟରେ ଅନେକ ବିକଳ୍ପ ରହିଛି । ଆଇନ୍ ଏକ ଗୁରୁତ୍ୱପୂର୍ଣ୍ଣ ବୃତିରେ ପରିଣତ ହୋଇସାରିଥିବା ବେଳେ ଛାତ୍ରଛାତ୍ରୀମାନେ ଖୁବ୍ ଯତ୍ନବାନ ହୋଇ ନିଜ କ୍ୟାରିୟର ନିମନ୍ତେ ଯୋଜନା କରନ୍ତୁ । କାରଣ ସେମାନଙ୍କ ନିକଟରେ କୋର୍ଟରେ ଓକିଲାତି କରିବା ସହ ନ୍ୟାୟିକ ଅଧିକାରୀ ହେବାରେ ମଧ୍ୟ ବିକଳ୍ପ ରହିଛି । ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସୋଆ ନ୍ୟାସ୍ନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲ (ଏସ୍‌ଏନ୍‌ଆଇଏଲ୍) ପକ୍ଷରୁ ଆୟୋଜିତ ଦୁଇ ଦିନିଆ ଜାତୀୟ ଯୁବ ସଂସଦ - 'ଲୋକ ସମ୍ବାଦ-




୨୦୨୬' ର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହା କହିଛନ୍ତି । ଶ୍ରୀ ହରିଚନ୍ଦନ କହିଥିଲେ ଯେ ବିଗତ କିଛି ବର୍ଷ ହେବ ଆଇନ ବୃତିରେ ବିଶାଳ ପରିବର୍ତନ ଘଟିଛି ଏବଂ ବର୍ତମାନ ଛାତ୍ରଛାତ୍ରୀମାନେ ଆଇନ ଶିକ୍ଷାରେ ସୁପର ସ୍ପେଶିଆଲିଟି କୋର୍ସ ନିମନ୍ତେ ଅଧିକ ମନ ବଳାଉଛନ୍ତି । ଓଡ଼ିଶା ସରକାର ମଧ୍ୟ ପ୍ରଶାସନକୁ ସହଯୋଗ କରିବା ନିମନ୍ତେ ଆଇନ୍ ଛାତ୍ରଛାତ୍ରୀମାନଙ୍କୁ ରିସର୍ଚ୍ଚ ଆସିଷ୍ଟାଂଟ ଭାବେ ନିଯୁକ୍ତି ଦେଉଛନ୍ତି । ଆଇନ୍ ମହାବିଦ୍ୟାଳୟ ଗୁଡ଼ିକରେ ସାଧାରଣତଃ ମୁଟ କୋର୍ଟ୍ର ଆୟୋଜନ କରାଯାଉଥିବା ବେଳେ ଯୁବ ସଂସଦ କାର୍ଯ୍ୟକ୍ରମ ଖୁବ ବିରଳ । ତେଣୁ ଏଭଳି କାର୍ଯ୍ୟକ୍ରମ ପାଇଁ ସେ ସୋଆକୁ ଶୁଭେଚ୍ଛା ଜଣାଇଛନ୍ତି । କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧକ୍ଷତା କରି କହିଥିଲେ ଯେ ବିଗତ ଦୁଇ ଦଶନ୍ଧି ମଧ୍ୟରେ ସୋଆ ଶିକ୍ଷା କ୍ଷେତ୍ରରେ ଖୁବ୍ ଉଚ୍ଚକୁ ଉଠିଛି । ଉଲ୍ଲେଖ୍ୟଯୋଗ୍ୟ ଯେ ସୋଆର ଆଇନ୍ ମହାବିଦ୍ୟାଳୟ ଏସ୍‌ଏନ୍‌ଆଇଏଲ୍ ନ୍ୟାସ୍ନାଲ୍ ଇନ୍‌ଷ୍ଟିଚ୍ୟୁସନାଲ୍ ର୍ୟାଙ୍କିଙ୍ଗ ଫ୍ରେମୱାର୍କ (ଏନଆଇଆରଏଫ୍) ର୍ୟାଙ୍କିଙ୍ଗରେ ସାରା ଦେଶରେ ୧୦ମ ସ୍ଥାନରେ ରହିଛି । କାର୍ଯ୍ୟକ୍ରମରେ ଏସଏନଆଇଏଲ୍ର ଡିନ୍ ପ୍ରଫେସର ଏସ୍.ଏ.କେ ଆଜାଦ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଳ୍ପରେ ଖବର

- ଓଡ଼ିଶାର ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ପଶ୍ଚିମବଙ୍ଗର ନୂଆଗ୍ରାମ ନିର୍ବାଚନ ମଣ୍ଡଳୀର ଫୁଲକେନ୍ଦୁ ଅଂଚଳରେ ଆୟୋଜିତ ଏକ ବିଶାଳ ସଭାରେ ଯୋଗଦେଇ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀଙ୍କ ପକ୍ଷରେ ପ୍ରଚାର କରିଛନ୍ତି ।
- ଆଫଗାନିସ୍ତାନରେ ଶନିବାର ସକାଳ ୮:୨୪ରେ ରିକ୍ଟର ସ୍କେଲରେ ୫ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି । ଏହାର ପ୍ରଭାବରେ ଜମ୍ମୁ ଓ କାଶ୍ମୀରର କିଛି ଅଂଶ ଦୋହଲି ଯାଇଥିଲା ।

## ଅଧିକ ଖରା ହେଉଥିବା ସ୍ଥାନରେ ନିର୍ମାଣ ହେବ ହିଟ୍ ୱେଭ୍ ଆଶ୍ରୟ ସ୍ଥଳୀ : ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର : ହିଟ୍ ୱେଭ୍ ର ମୁକାବିଲା କରିବା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ନୂଆ ଏସଓପି ପ୍ରସ୍ତୁତ କରିଛି । ଏନେଇ ଜିଲ୍ଲାପାଳଙ୍କ ସହ ଭିଡିଓ କନଫରସିଂ ରେ ବୈଠକ କରିଛନ୍ତି ରାଜସ୍ୱ ମନ୍ତ୍ରୀ । ଏନେଇ ସୂଚନା ଦେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ଅଧିକ ଖରା ହେଉଥିବା ସ୍ଥାନରେ ହିଟ୍ ୱେଭ୍ ଆଶ୍ରୟ ସ୍ଥଳୀ ନିର୍ମାଣ ହେବ । ଜିଲ୍ଲାପାଳଙ୍କୁ ଅଧିକୃତ କରାଯାଇଛି ସରକାର ଦେଇଥିବା ଏସଓପି ବାହାରେ ଜିଲ୍ଲପାଳ ନିଷ୍ପତି ନେଇପାରିବେ । ଦିନ ୧୧ରୁ ୩ଟା ପର୍ଯ୍ୟନ୍ତ ଯାତ୍ରୀ ଓ ମାଲ୍ ପରିବହନ ଉପରେ ତଦାରଖ କରାଯିବ । ରାସ୍ତାରେ ଡ୍ରାଇଭରଙ୍କ ପାଇଁ ଓଆରଏସ୍ ଓ ପିଇବା ପାଣିର ବ୍ୟବସ୍ଥା ରହିବ ।ଆବଶ୍ୟକ ପଡ଼ିଲେ ୨୦ ମିନିଟ୍ ରେ ଆମ୍ବୁଲାନ୍ସ ପହଂଚିବାକୁ ସତର୍କ କରାଯାଇଛି । ବୈଠକରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ରାୟଗଡ଼ (ଛତିଶଗଡ଼) ଜିଲ୍ଲାପାଳ



ମୟଙ୍କ ଚତୁର୍ବେଦୀ, ଏମସିଏଲର ସିଏମଡି ଉଦୟ ଏ. କାଓଲେ ଏବଂ ଉଭୟ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ । ଝାରସୁଗୁଡ଼ା ଜିଲ୍ଲାପାଳ କହିଥିଲେ ଯେ, ପ୍ରଶାସନ ପକ୍ଷରୁ ସମସ୍ତ ସତର୍କତାମୂଳକ ପଦକ୍ଷେପ ନିଆଯାଉଛି ଏବଂ ଗ୍ରୀଷ୍ମ ପ୍ରବାହ ଅଂଚଳରେ ବିଶେଷ ନଜର ରଖାଯାଇଛି । ସେହିପରି ରାୟଗଡ଼ ଜିଲ୍ଲାପାଳ ଶ୍ରୀ ଚତୁର୍ବେଦୀ ଚାଳକମାନଙ୍କ ସଚେତନତା ଓ ସୁରକ୍ଷା କରିଡର ନିର୍ମାଣ ଉପରେ ଗୁରୁତ୍ୱ ଦେଇଥିଲେ । ଘଏଇଓ ଏବଂ ଚଡଉ ବିଭାଗ ସହାୟତାରେ ବିଭିନ୍ନ ସ୍ଥାନରେ ସଚେତନତାମୂଳକ ସାଇନ ବୋର୍ଡ ଲଗାଯିବା ପାଇଁ ସେ ପ୍ରସ୍ତାବ ଦେଇଥିଲେ ।ଯେଉଁଠି ତାତି ବଢୁଛି ସେଠି ସ୍କୁଲ ଛୁଟି ପାଇଁ ଜିଲ୍ଲାପାଳଙ୍କୁ କ୍ଷମତା ଦିଆଯାଇଛି । ଅଂଶୁଘାତ ମୃତ୍ୟୁ ପାଇଁ ରିପୋର୍ଟ ପାଇବାର ୨୪ ଘଂଟା ମଧ୍ୟରେ କ୍ଷତିପୂରଣ ପ୍ରଦାନ କରାଯିବ । ସ୍କୁଲ ଛୁଟି ପାଇଁ ଗଣ ଶିକ୍ଷା ବିଭାଗ ସହ ରାଜସ୍ୱ ବିଭାଗ କଥା ସରିଛି ।ଯେଉଁଠି ତାତି ବଢୁଛି ସେଠି ସ୍କୁଲ ଛୁଟି ପାଇଁ ଜିଲ୍ଲାପାଳଙ୍କୁ କ୍ଷମତା ଦିଆଯାଇଛି । ସେହିପରି ଏସି ନଥିବା ଗାଡ଼ି ଚାଲିଲେ କାହାର ଅସୁବିଧା ହେଲେ ମାଲିକ ଦାୟୀ ରହିବେ ବୋଲି କହିଛନ୍ତି ମନ୍ତ୍ରୀ ।

## ଆଉ ୪ ଦିନ ବଢ଼ିବ ତାତି, ପଶ୍ଚିମ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ

ଭୁବନେଶ୍ୱର : ତାତି ଆହୁରି ବଢ଼ିବ । ଅସମ୍ଭାଳ ହେବ । ତତଲା ପବନର ଜ୍ୱାଳା ଦେହ, ହାତ ପୋଡ଼ି ପକାଇବ । ଦିନକରେ ୨ରୁ ୩ ଡିଗ୍ରୀ ଯାଏ ବଢ଼ି ଯାଇପାରେ । ସବୁଠୁ ଅଧିକ ଜଳିବ ପଶ୍ଚିମ ଓଡ଼ିଶା । ରାତି ବେଳା ବି ଛଟପଟ କରିବ ଗରମ । ଉପକୂଳ ଓଡ଼ିଶାରେ ଗରମ ଓ ଗୁଳୁଗୁଳି ଅସହ୍ୟ ହେବ । ଏଭଳି ସତର୍କ କରାଇଛି ପାଣିପାଗ ବିଭାଗ । ଭୀଷଣ ଗ୍ରୀଷ୍ମପ୍ରବାହ ଆଶଙ୍କା ଥିବାରୁ ବଲାଙ୍ଗୀର ଓ କଳାହାଣ୍ଡି ଜିଲ୍ଲାରେ ସବୁ ଶିକ୍ଷାନୁଷ୍ଠାନକୁ ୩ ଦିନ ଓ ସୋନପୁରରେ ୪ ଦିନ ଛୁଟି ଘୋଷଣା କରାଯାଇଛି । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ, ୧୮ ତାରିଖରେ ଟିଟିଲାଗଡ଼, ସମ୍ବଲପୁର, ଝାରସୁଗୁଡ଼ାରେ ଦିନ ତାପମାତ୍ରା ୪୫ ଡିଗ୍ରୀ ଛୁଇଁପାରେ । ବଲାଙ୍ଗୀର, ସୁନ୍ଦରଗଡ଼ ଓ ଭବାନୀପାଟଣାରେ ୪୪ ଡିଗ୍ରୀ, ସୋନପୁର, ନୂଆପଡ଼ା, ବୌଦ୍ଧ ଓ ବରଗଡ଼ରେ ୪୩ ଡିଗ୍ରୀ ରହିପାରେ । ୧୯ ତାରିଖରେ



ଟିଟିଲାଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଓ ନୂଆପଡ଼ାରେ ତାତି ୪୫ ଡିଗ୍ରୀ ଛୁଇଁପାରେ ।ବଲାଙ୍ଗୀର, ଭବାନୀପାଟଣା, ସୁନ୍ଦରଗଡ଼ରେ ୪୪ ଡିଗ୍ରୀ ରହିପାରେ । ବୌଦ୍ଧ, ସୋନପୁର, ବରଗଡ଼ ଓ ବୌଦ୍ଧରେ ୪୩ ଡିଗ୍ରୀ ରହିବା ଆଶଙ୍କା ଅଛି । ୨୦ ଓ ୨୧ ତାରିଖରେ ପଶ୍ଚିମ ଓଡ଼ିଶାର ଅଧିକାଂଶ ସ୍ଥାନରେ ଦିନ ତାପମାତ୍ରା ୪୩ରୁ ୪୫ଡିଗ୍ରୀ ରହିପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ଶନିବାର ଓ ରବିବାର ଦୁଇ ଦିନ ସୁନ୍ଦରଗଡ଼, ଝାରସୁଗୁଡ଼ା, ବଲାଙ୍ଗୀର, କଳାହାଣ୍ଡି ଓ ସମ୍ବଲପୁରରେ ଗ୍ରୀଷ୍ମପ୍ରବାହ ସ୍ଥିତି ରହିପାରେ । ସୁନ୍ଦରଗଡ଼, ବଲାଙ୍ଗୀର ଓ ସମ୍ବଲପୁରରେ ୨୦ ତାରିଖ ଯାଏ ରାତି ବେଳା ତାପମାତ୍ରା ଅଧିକ ରହିବ । ଫଳରେ ଅଧିକ ଗରମ ଓ ଗୁଳୁଗୁଳି ଅନୁଭୂତ ହେବ । ୨୦ ଓ ୨୧ ତାରିଖରେ ପଶ୍ଚିମ ଓଡ଼ିଶାର ଅଧିକାଂଶ ସ୍ଥାନରେ ଗ୍ରୀଷ୍ମପ୍ରବାହ ସ୍ଥିତି ରହିବ । ୨୩ ତାରିଖ ଯାଏ ଉପକୂଳ ଓଡ଼ିଶା ଓ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ଭୀଷଣ ଗରମ ଓ ଗୁଳୁଗୁଳି ରହିପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି । ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଆଖିରେ ରଖି ବଲାଙ୍ଗିର ଓ ସୋନପୁରର ଜିଲ୍ଲାପାଳ ଖରା ଛୁଟି ଘୋଷଣା କରିଛନ୍ତି । ବଲାଙ୍ଗିର ଜିଲ୍ଲାରେ ଶନିବାର (୧୮ ତାରିଖ)ଠାରୁ ୨୧ ତାରିଖ ଯାଏ ସବୁ ଅଙ୍ଗନବାଡ଼ି, ସ୍କୁଲ, କଲେଜ ଓ ବୈଷୟିକ ଶିକ୍ଷାନୁଷ୍ଠାନ ବନ୍ଦ ରହିବ । ସେହିପରି ସୋନପୁରରେ ଶନିବାର (୧୮ ତାରିଖ)ଠାରୁ ୨୨ ତାରିଖ ଯାଏ ସମସ୍ତ ଅଙ୍ଗନବାଡ଼ି, ସ୍କୁଲ, କଲେଜ ଓ ବୈଷୟିକ ଶିକ୍ଷାନୁଷ୍ଠାନ ବନ୍ଦ ରହିବ । ଏନେଇ ଉଭୟ ଜିଲ୍ଲାର ଜିଲ୍ଲାପାଳଙ୍କ ପକ୍ଷରୁ ସମସ୍ତ ଶିକ୍ଷାନୁଷ୍ଠାନକୁ ଚିଠି କରାଯାଇଛି ।



# ବସ୍ତାରେ ବିଜେଡିର ଜିଲ୍ଲାସ୍ତରୀୟ ବିଜୁ ଶ୍ରାଦ୍ଧ ଉତ୍ସବ




ବାଲେଶ୍ୱର (ନି.ପ୍ର.) ବସ୍ତା ନିର୍ବାଚନ ମଣ୍ଡଳୀର କଟିପୋଲ ନିକଟରେ ବାଲେଶ୍ୱର ବିଜେଡି ପକ୍ଷରୁ ଜିଲ୍ଲା ସ୍ତରୀୟ ୨୯ତମ ବିଜୁ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଯାଇଛି । ଏନେଇ ପ୍ରଥମେ ସାନଖୁଡି ସ୍ଥିତ ଜଳକା ନଦୀରେ ପ୍ରବାଦ ପୁରୁଷଙ୍କ ଉଦ୍‌ଯେଶରେ ତିଳ ତର୍ପଣ କରାଯାଇଛି । ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଓ ବସ୍ତାର ବରିଷ୍ଠ ନେତା ମହାଦେବ ଦାସ ଉପସ୍ଥିତ ରହି ତିଳ ତର୍ପଣ କରିଛନ୍ତି । ପରେ କଟିପୋଲ ଠାରେ ହଜାର ହଜାର ଲୋକଙ୍କୁ ନେଇ ଏକ ସଭା ଆୟୋଜିତ ହୋଇଥିଲା । ମହାଦେବ ଦାସଙ୍କ ନେତୃତ୍ୱରେ ବସ୍ତା, ବାଲିଆପାଳର ସମସ୍ତ ପ*ାୟତ ସହ ସଦର ବ୍ଲକର ୩ ଗୋଟି ପ*ାୟତରୁ ବରିଷ୍ଠ, ମହିଳା, ଯୁବ, ଛାତ୍ର ଏବଂ ବିଭିନ୍ନ ବର୍ଗର କର୍ମୀ ଓ ଜନତା ଯୋଗ ଦେଇଥିଲେ । ଆୟୋଜିତ ସଭାରେ ଜଳେଶ୍ୱର ବିଧାୟକ ଅଶ୍ୱନୀ କୁମାର ପାତ୍ର ସଭାପତିତ୍ୱ କରିଥିଲେ । ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ନେତୃତ୍ୱ ପ୍ରତାପ ଦେବ, ସାଂସଦ ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାର, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ସୋର ବିଧାୟକ ମାଧବ ଧଡ଼ା, ପୂର୍ବତନ ସଦର ବିଧାୟକ ସ୍ୱରୂପ ଦାସ ଓ ଜୀବନ ପ୍ରଦୀପ ଦାସ, ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ରେମୁଣା ବିଧାୟକ ପ୍ରାର୍ଥୀନୀ ବିଦୁସ୍ମିତା ମହାଳିକ, ଜିଲ୍ଲା ପରିଷଦ ଅଧକ୍ଷ ନାରାୟଣ ପ୍ରଧାନ, ଜିଲ୍ଲା ପରିଷଦ ଉପାଧକ୍ଷ, ବରିଷ୍ଠ ବିଜେଡି ନେତା ଗିରୀଶ ଚନ୍ଦ୍ର ଦାସ ପ୍ରମୁଖ ମ*ାସୀନ ରହି ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଦସ୍ୟ ବିଷ୍ଣୁପ୍ରିୟା ବୁଗୁଡି ଓ ଦେବୀକା ସୋରେନ, ବରିଷ୍ଠ ନେତା ବରଦା ପ୍ରସନ୍ନ ପଟ୍ଟନାୟକ, ରାଜ୍ୟ ଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଯୁବନେତା ପୂର୍ଣ୍ଣଚନ୍ଦ୍ର ଜେନା, ଛାତ୍ରନେତା ହରେକୃଷ୍ଣ ପ୍ରଧାନ ପ୍ରମୁଖ ମ*ାସୀନ ରହିବା ସହ ବକ୍ତବ୍ୟ ରଖିଥିଲେ । ସଭିଏଁ ବିଜୁ ବାବୁଙ୍କୁ ସ୍ମରଣ କରିବା ସହ ଗୁଣଗାଣ କରିଥିଲେ । ଜିଲ୍ଲାର ବିଭିନ୍ନ ବ୍ଲକର ଚେୟାରମ୍ୟାନ, ଜିଲ୍ଲା ପରିଷଦ ସଦସ୍ୟ, ଏଥିସହ ବସ୍ତା ଓ ବାଲେଶ୍ୱରରେ ବିଜେଡିକୁ ଅଧିକ ସଶକ୍ତ କରିବା ନିମନ୍ତେ ସଭିଏଁ ପ୍ରେରଣା ଦେଇଥିଲେ । ଏଥିସହ ମିଥ୍ୟା ବିଜୁ ଲିଗାସୀକୁ ପ୍ରତିହତ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ । ଜିଲ୍ଲାର ବିଭିନ୍ନ ସ୍ଥାନରୁ ବରିଷ୍ଠ ନେତୃବୃନ୍ଦ ଯୋଗ ଦେଇଥିଲେ । ଦୀର୍ଘ ୨୪ ବର୍ଷ ଧରି ନବୀନ ପଟ୍ଟନାୟକଙ୍କ ସରକାର ଓଡିଶା ବାସୀଙ୍କୁ ସ୍ୱଚ୍ଛ ନିର୍ମଳ ଶାସନ ଯୋଗାଇଛି । ହେଲେ କିଛି କୁଚକ୍ରୀ ଦଳକୁ ଭାଙ୍ଗି ଦେବାକୁ ପ୍ରୟାସ କରୁଥିବା ବେଳେ ତାହା ସଫଳ ହେବନାହିଁ । ସେମାନଙ୍କ ଭଳି ଲୁଟେରା ମାନଙ୍କୁ ବସ୍ତାବାସୀ

# ସିଜେରିଆନ୍ ଡେଲିଭେରି ନିୟନ୍ତ୍ରଣ ସମ୍ପର୍କିତ ବେସରକାରୀ ହସ୍ପିଟାଲ ସହିତ ବୈଠକ




ବାଲେଶ୍ୱର, (ନି.ପ୍ର.) ଜିଲ୍ଲାପାଳ ଓ ଜିଲ୍ଲା ମ୍ୟାଜିଷ୍ଟ୍ରେଟ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧ୍ୟକ୍ଷତାରେ ଦିବା ୧୨.୦୦ ଘଟିକା ସମୟରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାର ସମସ୍ତ ବେସରକାରୀ ହସ୍ପିଟାଲର ପ୍ରତିନିଧିମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ସିଜେରିଆନ୍ ? (ଉ-ଶ୍ୱରମ-ଶ୍ୱସକ୍ଟଭ) ଡେଲିଭେରିର ପ୍ରବଣତା ଉପରେ ଚିନ୍ତା ବ୍ୟକ୍ତ କରାଯାଇଥିଲା ।ବୈଠକରେ ଉଲ୍ଲେଖ ହୋଇଥିଲା ଯେ କିଛି ହସ୍ପିଟାଲରେ ଅସାମାନ୍ୟ ଭାବେ ଅଧିକ ହାରରେ—କେତେକ ମାମଲାରେ ୧୦୦% ପର୍ଯ୍ୟନ୍ତ—ସମସ୍ତ ଡେଲିଭେରି ସିଜେରିଆନ୍ ? ମାଧ୍ୟମରେ କରାଯାଉଛି । ଏପରି ପ୍ରଚଳନ ଅନେକ ସମୟରେ ଅଚିକିତ୍ସାମୂଳକ କାରଣରୁ ପ୍ରେରିତ ହୋଇଥାଇପାରେ, ଯାହା ମାତୃ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହେବା ସହ ରୋଗୀ ପରିବାରଙ୍କ ଉପରେ ଅତିରିକ୍ତ ଆର୍ଥିକ ଭାର ସୃଷ୍ଟି କରେ ।ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ ସିଜେରିଆନ୍ ? ଡେଲିଭେରି କେବଳ ଯଥାର୍ଥ ଚିକିତ୍ସାଜନିତ ଆବଶ୍ୟକତା ଅନୁଯାୟୀ କରାଯିବା ଉଚିତ, ଏହାକୁ ରୁଟିନ୍ ପ୍ରକ୍ରିୟା ଭାବେ ଗ୍ରହଣ କରାଯିବ ନାହିଁ ।ମାତୃ ସ୍ୱାସ୍ଥ୍ୟର ସୁରକ୍ଷା ଓ ନିୟମିତ ପାଳନ ସୁନିଶ୍ଚିତ କରିବା ପାଇଁ:* ଜିଲ୍ଲା ସ୍ତରରେ ମନିଟରିଂ ଟିମ୍ ? ଗଠନ କରାଯିବ ।* ଏହି ଟିମ୍ ? ନିୟମିତ ଓ ଆକସ୍ମିକ ଭାବେ ବେସରକାରୀ ହସ୍ପିଟାଲ ପରିଦର୍ଶନ କରିବେ ।* ଯେକୌଣସି ହସ୍ପିଟାଲ ଯଦି ଅନୁଚିତ ବା ଅନୈତିକ ଭାବରେ ସିଜେରିଆନ୍ ? ଡେଲିଭେରି କରୁଥିବାର ଧରାପଡ଼େ, ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ସହିତ ଲାଇସେନ୍ସ ବାତିଲ କରାଯିବ । ସମସ୍ତ ବେସରକାରୀ ହସ୍ପିଟାଲକୁ ନିର୍ଦ୍ଦେଶ ଦିଆଯାଇଛି ଯେ, ସେମାନେ ଚିକିତ୍ସା ରେକର୍ଡରେ ପାରଦର୍ଶିତା ରଖିବେ ଏବଂ ପ୍ରଚଳିତ ଚିକିତ୍ସା ନିୟମ ଓ ନୈତିକ ମାନଦଣ୍ଡକୁ କଡ଼ା ଭାବରେ ପାଳନ କରିବେ ।

# ବାଲେଶ୍ୱର ବାର ପକ୍ଷରୁ ସାମ୍ବାଦିକ ସମ୍ମିଳନୀ




ବାଲେଶ୍ୱର(ନି.ପ୍ର.)ବାଲେଶ୍ୱର ବାର ପକ୍ଷରୁ ୧୮ ତାରିଖ ଅପରାହ୍ନ ୪ଟାରେ ଭଦ୍ରକ, ମୟୂରଭଂଜ, କେଉଁଝର, ବାରର ମିଳିତ ଆନୁକୂଲ୍ୟରେ ଆୟୋଜିତ ସାମ୍ବାଦିକ ସମ୍ମିସଳନୀରେ ବରିଷ୍ଠ ଆଇନଜୀବୀ ଚିତରଂଜନ ଷଡ଼ଙ୍ଗୀ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି କି, ନିକଟରେ ବିଭିନ୍ନ ବାରର ନିର୍ବାଚନ ଶାନ୍ତି ଶୃଙ୍ଖଳା ମଧ୍ୟରେ ଶେଷ ହୋଇଛି । କର୍ମକର୍ତାମାନେ ନିର୍ବାଚିତ ହୋଇ ଶପଥ ଗ୍ରହଣ କରିଛନ୍ତି । ହେଲେ ଏବେ ବାର ପକ୍ଷରୁ ଯେଉଁ ନିର୍ବାଚନ ହେଉଛି ତାହା ପ୍ରତ୍ୟେକ ବର୍ଷକୁ ବର୍ଷ ନକରାଯାଇ ପୂର୍ବରୁ ଯେଉଁଭଳି ୩ବର୍ଷରେ ଥରେ ହେଉଥିଲା ତାହା କରାଯିବା ପାଇଁ ସେମାନେ ଦାବି କରୁଛନ୍ତି । ସେହିପରି ଆଇନଜୀବୀ କାର୍ଯ୍ୟକ୍ଷମ ସମୟରେ ମୃତ୍ୟୁବରଣ କରିବା, ସ୍ୱେଚ୍ଛାକୃତ ଭାବେ ନିଜର ପଂଜିକୃତ ଲାଇସେନ୍ସ ପ୍ରଦାନ କରି ଅବସର ଗ୍ରହଣ କରିବା ପାଇଁ ସେମାନଙ୍କୁ ୫୦ଲକ୍ଷ ଟଙ୍କା ପ୍ରଦାନ କରିବା ନିମନ୍ତେ ଦାବି କରାଯାଇଛି । ସେହିପରି ପ୍ରତ୍ୟେକ ଆଇନଜୀବୀଙ୍କୁ ହେଲଥ ଇନ୍ସୁରେନ୍ସ ବାଧ୍ୟତାମୂଳକ ଭାବେ ୧୫ଲକ୍ଷ ଟଙ୍କା ଅଭିବୃଦ୍ଧି, ୫ବର୍ଷଧରି ଯେଉଁମାନେ ବାରରେ ଓକିଲାତି କରୁଛନ୍ତି ସେମାନଙ୍କୁ ୧୦ହଜାର ଟଙ୍କା ପ୍ରଦାନକରିବା ଏବଂ ଯେଉଁମାନେ ୪୦ବର୍ଷରୁ ଉର୍ଦ୍ଧ୍ୱ ବିଭିନ୍ନ ବାରରେ ଓକିଲାତି କଲେଣି ସେମାନଙ୍କୁ ୨୦ହଜାର ଟଙ୍କା କରି ପ୍ରଦାନ କରିବା ପାଇଁ ଦାବି କରାଯାଇଛି ।

# TPNODL ପକ୍ଷରୁ ଗ୍ରୀଷ୍ମଋତୁରେ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ ସେବା ପହଂଚାଇବା ନେଇ ପ୍ରସ୍ତୁତି ତ୍ୱରାନ୍ୱିତ

ବାଲେଶ୍ୱର, (ନି.ପ୍ର.): ପ୍ରଚଣ୍ଡ ଗ୍ରୀଷ୍ମ ହେଉ ଅବା କାଳବୈଶାଖୀ, ପ୍ରତିକୂଳ ସ୍ଥିତିରେ ଉପଭୋକ୍ତାଙ୍କୁ ନିର୍ଭରଯୋଗ୍ୟ ବିଦ୍ୟୁତ ସେବା ଯୋଗାଣ ପାଇଁ ସର୍ବଦା ଗୁରୁତ୍ୱ ଦେଇ ଆସିଛି ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନ୍ଓଡିଏଲ୍) । ସଂସ୍ଥା ପକ୍ଷରୁ ଗ୍ରୀଷ୍ମରେ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣ ଓ ଶିଖର ଚାହିଦାର ଦକ୍ଷ ପରିଚାଳନା ନିମନ୍ତେ ପ୍ରସ୍ତୁତି ତ୍ୱରାନ୍ୱିତ ହୋଇଛି ।ବିଗତ ବର୍ଷଗୁଡିକର ଧାରାକୁ ଦୃଷ୍ଟିରେ ରଖି ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲାରେ ଚଳିତ ବର୍ଷ ବିଦ୍ୟୁତ ଶିଖର ଚାହିଦା ପ୍ରାୟତଃ ୧,୮୦୫ ମେଗାୱାଟ୍ ରହିବ ବୋଲି କମ୍ପାନୀ ପକ୍ଷରୁ ଆକଳନ କରାଯାଇଥିବେଳେ ଉପଭୋକ୍ତାଙ୍କୁ ଖରାଦିନେ ଗୁଣାତ୍ମକ ଓ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ନେଇ କମ୍ପାନୀ ପକ୍ଷରୁ ପ୍ରତିଷେଧମୂଳକ ରକ୍ଷଣାବେକ୍ଷଣ, ଅତ୍ୟାଧୁନିକ ପ୍ରଯୁକ୍ତି ବ୍ୟବହାର ଓ ବିଦ୍ୟୁତ ସୁରକ୍ଷା କ୍ଷେତ୍ରରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ବିଦ୍ୟୁତ୍ ବ୍ୟବସ୍ଥାକୁ ସୁଦୃଢ କରିବା ଓ ତାହାର ସମୟୋଚିତ ସମାଧାନ କରିବା ପାଇଁ କମ୍ପାନି ପକ୍ଷରୁ ଇନଫ୍ରାରେଡ୍ କ୍ୟାମେରା, ଉପକରଣର ସ୍ୱାସ୍ଥ୍ୟ ସୂଚକାଙ୍କ ଯାଂଚ, ଡ୍ରୋନ୍ ଆଧାରିତ ଅଡିଟ୍, ଫଲ୍ଟ ପ୍ୟାସେଜ ଇଣ୍ଡିକେଟର ଓ ଅଲ୍ ?ଟ୍ରାସାଉଣ୍ଡ ସ୍କାନିଂ ଭଳି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରାଯାଉଛି । ନିରବଚ୍ଛିନ୍ନ ପରିଚାଳନା ଓ ସମୟରେ ମରାମତିକୁ ନିଶ୍ଚିତ କରିବା ପାଇଁ ଟିପିଏନ୍ ?ଓଡିଏଲ ଅଧିକାରୀଙ୍କ ସହ ୭୦୦୦ରୁ ଉର୍ଦ୍ଧ୍ୱ ସହକାରୀ ସଂସ୍ଥା କର୍ମଚାରୀ ବିଦ୍ୟୁତ ନେଟୱର୍କ ଓ ବିତରଣ ଭିତିଭୂମିର ନିରୀକ୍ଷଣ ଜାରି ରଖିଥିବାବେଳେ ତ୍ୱରିତ କାର୍ଯ୍ୟାନ୍ୱୟନ ନେଇ ସଜାଗ ରହିଛନ୍ତି ।ଏହା ସହିତ ବିଦ୍ୟୁତ୍ ବିଭ୍ରାଟ ହ୍ରାସ କରିବା ନେଇ ଟିପିଏନ୍ ?ଓଡିଏଲ ଦ୍ୱାରା ବିଦ୍ୟୁତ୍ ନେଟ୍ ?ୱର୍କରେ ବ୍ୟାପକ ରୂପାନ୍ତରଣ କାର୍ଯ୍ୟ ମଧ ଜାରି ରହିଛି । ଏ ଦିଗରେ ୯୧୩ଟି ୧୧ କେଭି ଓ ୧୧୩ଟି ୩୩ କେଭି ଫିଡରର ରକ୍ଷଣାବେକ୍ଷଣ, ଖୋଲା କଣ୍ଡକ୍ଟରଗୁଡିକୁ ଏବି କେବୁଲରେ ପରିବର୍ତନ, ୧୩ ହଜାରରୁ ଅଧିକ ୬୩କେଭିଏ ଏବଂ ତଦୁର୍ଦ୍ଧ୍ୱ ବିତରଣ ଟ୍ରାନ୍ସଫର୍ମର ଓ ୫୬୭ ପାୱାର ଟ୍ରାନ୍ସଫର୍ମରର ନିର୍ଦ୍ଧାରିତ ରକ୍ଷଣାବେକ୍ଷଣ ପ୍ରମୁଖ ଅନ୍ତର୍ଭୁକ୍ତ ଅଟେ । ଜରୁରିକାଳୀନ ସ୍ଥିତି ପାଇଁ ଉପକରଣର ସ୍ୱତନ୍ତ୍ର ଭଣ୍ଡାର ପ୍ରତି ଡିଭିଜନ ସ୍ତରରେ ସ୍ଥାପନ କରାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜନସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଗ୍ରାଧିକାର ଭିତିରେ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରିବା, ଜରୁରୀକାଳୀନ ସମୟରେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷଙ୍କ ସହ ସମ୍ପର୍କ ସ୍ଥାପନର ବ୍ୟବସ୍ଥା ସାଙ୍ଗକୁ ସୁରକ୍ଷା କ୍ଷେତ୍ରରେ ମଧ ବ୍ୟାପକ ପ୍ରସ୍ତୁତି ହୋଇଛି । ଏହି ସମ୍ପର୍କରେ ଟିପିଏନଓଡ଼ିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗଜାନନ କାଲେ କହିଛନ୍ତି ଯେ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ପାଇଁ ସଂସ୍ଥା ସର୍ବଦା ସକ୍ରିୟ ଆଭିମୁଖ୍ୟ ଗ୍ରହଣ କରିଆସିଛି ଓ ଏ ଦିଗରେ ଟିପିଏନଓଡ଼ିଏଲର ପ୍ରତିବଦ୍ଧତା ଏବଂ କାର୍ଯ୍ୟାନ୍ୱୟନ ଏକ ପ୍ରତିକ୍ରିୟାଶୀଳ ପଦକ୍ଷେପ ନୁହେଁ ବରଂ ଏକ ନିରନ୍ତର, ବର୍ଷ-ତମାମ ଉତ୍କର୍ଷ ପ୍ରୟାସ ଅଟେ । ସେ କହିଛନ୍ତି ଯେ ଆଧୁନିକ ପ୍ରଯୁକ୍ତିବିଦ୍ୟା, ସଶକ୍ତ ପରିଚାଳନା କାର୍ଯ୍ୟପନ୍ଥା ସହ ଆନୁଷଙ୍ଗିକ ଭିତିଭୂମିର ବିକାଶ ଉତର ଓଡିଶାରେ ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇଦେବାରେ ସହାୟକ ହୋଇପାରିଛି । ଘରର ପ୍ରକୃତ ବିଜୁଳି ଚାହିଦା ତଥା ଆନୁଷଙ୍ଗିକ ବିଦ୍ୟୁତ ଉପକରଣକୁ ଭିତି କରି ସଂଯୁକ୍ତ ବିଦ୍ୟୁତ୍ ଲୋଡ୍ ବୃଦ୍ଧି କରିବା ସହ ବିଜୁଳିର ଅଯଥା ଅପଚୟକୁ ରୋକିବା ପାଇଁ ସଂସ୍ଥା ପକ୍ଷରୁ ଉପଭୋକ୍ତାଙ୍କୁ ଅନୁରୋଧ କରାଯାଇଛି ଓ ଗ୍ରୀଷ୍ମଋତୁରେ ବିଦ୍ୟୁତ ଚୋରୀ ଅସାମୟିକ ବିଦ୍ୟୁତ ବିଭ୍ରାଟ ତଥା ଅସ୍ଥିର ଭୋଲଟ୍ଟେଜର ଏକ ପ୍ରମୁଖ କାରଣ ହୋଇଥିବାରୁ ଏଥିରୁ ନିବୃତ ରହିବା ସହ ନିଜ ଅଂଚଳରେ ଏନେଇ ବିଶେଷ ଧ୍ୟାନ ଦେବା ପାଇଁ ମଧ ସଂସ୍ଥା ପକ୍ଷରୁ ଆଗ୍ରହ ପ୍ରକାଶ କରାଯାଇଛି ଓ ଏହା ସହିତ କୌଣସି ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡିଥିଲେ ଅବା ଟ୍ରାନ୍ସଫର୍ମରରେ ତ୍ରୁଟି ପରିଲକ୍ଷିତ ହେଲେ ନିଜେ ଅଥବା ଅଣକୁଶଳୀ କାରିଗରଙ୍କ ଦ୍ୱାରା ମରାମତି ନ କରି ଟିପିଏନଓଡ଼ିଏଲ କାର୍ଯ୍ୟାଳୟ ଅଥବା ଗ୍ରାହକ ସେବା ନମ୍ବର ୧୮୦୦-୩୪୫୬-୭୧୮ରେ ଯୋଗାଯୋଗ କରିବା ପାଇଁ ଟିପିଏନଓଡ଼ିଏଲ ପକ୍ଷରୁ ସମସ୍ତ ଉପଭୋକ୍ତାଙ୍କୁ ପରାମର୍ଶ ଦିଆଯାଇଛି ।

# କର୍କଟ ରୋଗର ନିରାକରଣ ପାଇଁ ସଚେତନତା କାର୍ଯ୍ୟକ୍ରମ ଆଜି

ବାଲେଶ୍ୱର(ନି.ପ୍ର.)ଆପଣମାନେ ଜାଣିଥିବେ କି ବିଭିନ୍ନ ରିପୋର୍ଟରେ ପ୍ରକାଶ ପାଉଛି କି ଆଗାମୀ ଦିନରେ ଭାରତରେ ପ୍ରତି ଘରେଘରେ କ୍ୟାନ୍ସର ରୋଗରେ ଆକ୍ରାନ୍ତ ହେବେ । ଏହାକୁ ସମ୍ବେଦନଶୀଳ ଘଟଣା ଭାବେ ଗ୍ରହଣ କରି ଆମ ଗଣମାଧମ ସଂଥା ଏକ ସଚେତନ କାର୍ଯ୍ୟକ୍ରମ ଆୟୋଜନ କରିଛି ।ଏଣୁ ଆପଣଙ୍କୁ ଅନୁରୋଧ ଆପଣ ନିଜେ ଏବଂ ଅନ୍ୟ ବଂଧୁ ମାନଙ୍କ ସହିତ ଖ୍ରୀଷ୍ଟିଆନ ହାଇସ୍କୁଲରେ ଆସନ୍ତାକାଲି ରବିବାର ୧୯ ତାରିଖ ଅପରାହ୍ଣ ୩ ଟା ରୁ ୫ ଟା, ଦୁଇଘଂଟା ସମୟ ବିନିମୟରେ ଭୁବନେଶ୍ୱରର ଜଣେ ବରିଷ୍ଠ କ୍ୟାନ୍ସର ଡାକ୍ତରଙ୍କ ପରାମର୍ଶ ଗ୍ରହଣ କରି ନିଜକୁ ସଚେତନ କରାଇବା ସହିତ ଏକ ସୁସ୍ଥ ସମାଜ ଗଢ଼ିବାରେ ସଫଳ ହେବାକୁ ଅନୁରୋଧ କରୁଛୁ ? ?ଏହି କାର୍ଯ୍ୟକ୍ରମ ଅନ୍ୟ ପାଇଁ ନୁହେଁ ଆପଣଙ୍କ ନିଜ ପାଇଁ, ନିଜ ପରିବାର ପାଇଁ ମାତ୍ର ଦୁଇ ଘଂଟା କ୍ଷ ସମସ୍ତଙ୍କୁ ଫୋନ କରିବା ସମୟ ସାପେକ୍ଷ, ଏହାକୁ ନିମନ୍ତ୍ରଣ ଭାବି ନିଶ୍ଚୟ ଆସିବେ ?

# ହତ୍ୟା ଘଟଣାରେ କାର୍ଯ୍ୟାନୁଷ୍ଠାନ ପାଇଁ ଏସପି ଓ ଡିଆଇଜିଙ୍କୁ ଭେଟିଲେ ସିଂଲାବାସୀ



ବାଲେଶ୍ୱର (ନି.ପ୍ର.) ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅ*ଳରେ ୨୦୨୫ ମସିହା ଜୁଲାଇ ମାସ ୨୦ ତାରିଖରେ ହୋଇଥିବା ହତ୍ୟା ଘଟଣାର ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବିରେ ପୂର୍ବାଂଚଳ ଡିଆଇଜିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ମୃତକଙ୍କ ପରିବାର ଲୋକେ । ୨୦୨୫ ମସିହା ଜୁଲାଇ ୨୦ ତାରିଖ ଦିନ ସିଂଲା ଥାନା ଗୋପିନାଥପୁର ଗାଁରେ ବାଡ଼ ବସାଇବାକୁ କେନ୍ଦ୍ର କରି ସେକ୍ କାଲୁଙ୍କୁ କେତେକ ବ୍ୟକ୍ତି ଭୁଜାଲିରେ ଆକ୍ରମଣ କରି ହତ୍ୟା କରିଥିଲେ ବୋଲି ଡିଆଇଜିଙ୍କୁ ଭେଟିବାକୁ ଆସିଥିବା ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ସିଂଲା ଥାନାରେ ମଧ ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିବା ପରେ ପୋଲିସ୍ ୧୫୮/୨୦୨୫ନଂରେ ମାମଲା ରୁଜୁ ସହ ଦୁଇଜଣଙ୍କୁ ଗିରଫ କରିଥିଲା । ମାତ୍ର ଘଟଣାକୁ ନଅ ମାସ ବିତିଯାଇଥିଲେ ବୋଲି ଅନ୍ୟ ମାନଙ୍କୁ ଗିରଫ୍ କରାଯାଇ ପାରି ନାହିଁ । ତେଣୁ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପାଇଁ ସେମାନେ ଡିଆଇଜିଙ୍କ ନିକଟରେ ଦାବି କରିଛନ୍ତି ।

# ଉନ୍ମୋଚିତ ହେଲା ସଂଗ୍ରାମ କେଶରୀ ସେନାପତିଙ୍କ ପ୍ରଥମ ଓଡ଼ିଆ ଉପନ୍ୟାସ ‘ସିଗାରେଟ୍’

ବାଲେଶ୍ୱର,(ନି.ପ୍ର.): ଗତକାଲି ଟାଇମ୍ ?ପାସ୍ ପ୍ରକାଶନ ସଂସ୍ଥା ଦ୍ୱାରା ଭୁବନେଶ୍ୱର ବୁଦ୍ଧ ମନ୍ଦିର ଠାରେ ଆୟୋଜିତ ବହି ବିଷୁବ କାର୍ଯ୍ୟକ୍ରମରେ ସଂଗ୍ରାମ କେଶରୀ ସେନାପତିଙ୍କ ପ୍ରଥମ ଓଡ଼ିଆ ଉପନ୍ୟାସ 'ସିଗାରେଟ୍' ଉନ୍ମୋଚିତ ହୋଇଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଓଡ଼ିଆ କବି ବଂଶୀଧର ଷଡ଼ଙ୍ଗୀ ଓ ପ୍ରକାଶକ ସରୋଜ ବଳ ଉପସ୍ଥିତ ରହି ବହିଟିକୁ ଉନ୍ମୋଚିତ କରିଥିଲେ ।'ଟାଇମ୍ ?ପାସ୍' ଦ୍ୱାରା ଆୟୋଜିତ ପ୍ରଥମା ପ୍ରତିଯୋଗିତାରେ ସଂଗ୍ରାମଙ୍କର ଏହି ଉପନ୍ୟାସ ସହିତ ଅନ୍ୟ ୧୧ଟି ପୁସ୍ତକ ନିର୍ବାଚିତ ହୋଇ ପୂର୍ବରୁ ପ୍ରଥମା ପୁରସ୍କାର ଲାଭ କରିଥିଲା । କଲେଜ ସମୟର ଏକ ପ୍ରେମ କାହାଣୀକୁ ଉପନ୍ୟାସର ରୂପ ଦେଇଥିବା ସଂଗ୍ରାମ 'ଶୁଭପଲ୍ଲବ' ଓଡ଼ିଆ ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ଭାବରେ କାର୍ଯ୍ୟ କରୁଥିବା ବେଳେ ଉଇକିପିଡ଼ିଆର ଜଣେ ସକ୍ରିୟ ସମ୍ପାଦକ ଭାବରେ ୩,୬୦୦ରୁ ଅଧିକ ପ୍ରସଙ୍ଗ ଲେଖିବା ସହ ବିଭିନ୍ନ ଜାତୀୟ ତଥା ଆନ୍ତର୍ଜାତୀୟ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ।ସୂଚନା ଥାଉ କି, 'ଶୁଭପଲ୍ଲବ' ପ୍ରକାଶନ ଦ୍ୱାରା ପ୍ରକାଶିତ ସଂଗ୍ରାମଙ୍କର ପ୍ରଥମ ଇଂରାଜୀ ଉପନ୍ୟାସ 'ଦି ଇଅର୍ ସି ଡିସାପିଅ ?ଡ୍' ଗତ ସପ୍ତାହରେ ଉନ୍ମୋଚିତ ହୋଇଥିଲା, ଯାହାକି ଉଭୟ ବହି ଓ ଇ-ବୁକ୍ ଭାବରେ ଯଥାକ୍ରମେ ଆମାଜନ୍ ଓ କିଣ୍ଡଲ୍ ?ରେ ଉପଲବ୍ଧ ଅଛି । ସଂଗ୍ରାମ ତାଙ୍କର ଏହି ନୂଆ ବହି ପାଇଁ ଖୁସି ବ୍ୟକ୍ତ କରିବା ସହ ଟାଇମ୍ ?ପାସ୍ ?ର ନିର୍ଦ୍ଦେଶକ ସରୋଜ ବଳଙ୍କୁ ଧନ୍ୟବାଦ ଜଣାଇଛନ୍ତି ଏବଂ ନିଜ ବହିଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା ପ୍ରକାଶ କରିଛନ୍ତି । ବହିଟି 'ଟାଇମ୍ ?ପାସ୍' ବୁକ୍ କ୍ୟାଫେ ଓ ଆମାଜନ୍ ଇଣ୍ଡିଆରେ ଉପଲବ୍ଧ ଅଛି ।



### ଛାତ୍ରୀଙ୍କୁ ଅଧ୍ୟାପକଙ୍କ ପ୍ରେମ ନିବେଦନ ପ୍ରସଙ୍ଗ :

# କାର୍ଯ୍ୟାନୁଷ୍ଠାନ ଦାବି କଲା ବିଜୁ ଛାତ୍ର ଜନତାଦଳ



ବାଲେଶ୍ୱର(ନି.ପ୍ର.)ସମ୍ପ୍ରତି ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ. ସନ୍ତୋଷ କୁମାର ନାୟକ ଜନୈକା ଛାତ୍ରୀକୁ ସାମାଜିକ ଗଣମାଧମ ଜରିଆରେ ପ୍ରେମ ନିବେଦନ କରିବା ଅଭିଯୋଗ ହେବାପରେ ତାଙ୍କୁ ନିଲମ୍ବନ କରାଯାଇଛି । ଅପରପକ୍ଷରେ ବାଲେଶ୍ୱର ବିଜୁ ଛାତ୍ରଜନତା ଦଳ ପକ୍ଷରୁ ଏହି ଘଟଣାର ନିରପେକ୍ଷ ତଦନ୍ତ ଦାବି କରି ଦୋଷୀକୁ ଦଣ୍ଡ ଦେବା ପାଇଁ ଏକ ସ୍ମାରକପତ୍ର କଲେଜ ଅଧକ୍ଷଙ୍କୁ ପ୍ରଦାନ କରାଯାଇଛି । ବିଜୁ ଛାତ୍ର ଜନତା ଦଳର ପୂର୍ବତନ ରାଜ୍ୟ ସମ୍ପାଦକ ବିଭୁଦ□ ପରିଡ଼ାଙ୍କ ନେତୃତ୍ୱରେ ଛାତ୍ର ନେତା ବିକାଶ କୁମାର ବେହେରା, ଅମିତ କୁମାର ମହାପାତ୍ର, ପ୍ରକାଶ ସାହୁ, ତପନ କୁମାର ଦାସ, ସଂଜୀବ ହାଇଟ୍, ସୃଷ୍ଟିଧର ଜେନା, ବିକାଶ ବେହେରା,ସିଦ୍ଧ ସାଇ ବେହେରା, ପ୍ରଭାକର ସେଠୀ ପ୍ରମୁଖ ଏକ ପ୍ରତିନିଧି ଦଳ ଆଜି ପୂର୍ବାହ୍ନରେ ଫକୀରମୋହନ କଲେଜର ଅଧକ୍ଷ ଡକ୍ଟର ଦିନେଶ ଚନ୍ଦ୍ର ଦାଶଙ୍କୁ ଭେଟି ଉକ୍ତ ସ୍ମାରକପତ୍ର ପ୍ରଦାନ କରିବା ସଂଗେସଂଗେ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ ।

# ରାଧାନାଥ ସାହିତ୍ୟ ପରିଷଦ ପକ୍ଷରୁ ୧୧୮ତମ ଶ୍ରାଦ୍ଧବାର୍ଷିକୀ ପାଳିତ

ବାଲେଶ୍ୱର,(ନି.ପ୍ର.): ‘ରାଧାନାଥ ସାହିତ୍ୟ ପରିଷଦ’, ବାଲେଶ୍ୱର ପକ୍ଷରୁ କବିବରଙ୍କ ୧୧୮ ତମ ଶ୍ରାଦ୍ଧବାର୍ଷିକୀରେ ସମ୍ମାନିତ ବକ୍ତାଭାବେ ଯୋଗଦେଇ ପ୍ରଫେସର ଡ. କ୍ଷିତୀଶ୍ୱର ଦାଶ ରାଧାନାଥଙ୍କ ପ୍ରତ୍ୟୁତ୍ପନ୍ନମତିତା ଓ ଉଦାରତାର ତୁଳନା ନାହିଁ ଓ ତାଙ୍କ ଅନନ୍ୟ ପ୍ରତିଭାରେ ମୁଗ୍ଧହୋଇ



ଶହ ଶହ ଲୋକ କିପରି ଦେଖିବାକୁ ଆସୁଥିଲେ ତାହା ବର୍ଣ୍ଣନା କରିଥିଲେ । ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. ଶିରୀଶ ଚନ୍ଦ୍ର ଜେନା କବିବର ଶିକ୍ଷା, ଶିକ୍ଷକ ଓ ପରିବେଶର ବିସ୍ତାର ସାଙ୍ଗକୁ ତାଙ୍କର ପ୍ରକୃତି ଓ ପ୍ରେମ ବର୍ଣ୍ଣନା, ଅଦ୍ୱିତୀୟ ଥିଲା ବୋଲି ଉଦାହରଣ ଦେଇ ତାଙ୍କ ସୃଷ୍ଟି ସମ୍ଭାର ଉପରେ ବିସ୍ତୃତ ଆଲୋକପାତ କରିଥିଲେ । ପରିଷଦର ସଭାପତି ‘ରେବତୀ’ ପତ୍ରିକାର ସଂପାଦିକା ସୁବାସିନୀ ଜେନା ରାଧାନାଥଙ୍କ ସ୍ମୃତିଚାରଣକୁ ବ୍ୟାପକ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ସଂପାଦକ କମଳାକାନ୍ତ ଦାଶ ଓଡ଼ିଆ ସାହିତ୍ୟର ଅସ୍ମିତାରେ ରଧାନାଥଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ପ୍ରଫୁଲ୍ଲ ଦାସ ମଂଚ ଆହ୍ୱାନ କରିଥିବା ବେଳେ ପଣ୍ଡିତ ସଂଜୟ କୁମାର ପଣ୍ଡା, ଯୁଗ୍ମ ସଂପାଦକ ଅତିଥି ପରିଚୟ ପ୍ରଦାନ କରିଥିଲେ । କଲ୍ୟାଣୀ ନନ୍ଦ ଭଜନ ଗାନ କରିଥିଲେ । ଏହି ଅବସରରେ ରାଧାନାଥଙ୍କ ଅଣନାତି ଶୁଭେନ୍ଦୁ ରାୟଙ୍କୁ ସ୍ୱାଗତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଶୁଭେନ୍ଦୁ ରାୟ, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ, ଦୀନବନ୍ଧୁ ଲେଙ୍କା, ପ୍ରଭାକର ସାହୁ, ବିପ୍ଳବ ମହାନ୍ତି, ନୃସିଂହ ନାୟକ ନିଜନିଜ ବକ୍ତବ୍ୟ ରଖିଥିଲେ । ଡ. ନିରଞ୍ଜନ ଦାଶ, କୋଷାଧକ୍ଷ ଧନ୍ୟବାଦ ଅପଣ କରିଥିଲେ ।



# "ସଶକ୍ତି ନାରୀ, ସଶକ୍ତ ଭାରତ" ଶୀର୍ଷକରେ କାର୍ଯ୍ୟକ୍ରମ ଭବ୍ୟ ଭାବେ ଅନୁଷ୍ଠିତ

ଧାମନଗର(ନିପ୍ର): ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ, ଫିଟ୍ ଇଣ୍ଡିଆ ଏବଂ ଭଦ୍ରକ ଜିଲ୍ଲା ପ୍ରଶାସନର ସମ୍ମିଳିତ ପ୍ରୟାସରେ ଧାମନଗର ବ୍ଲକର ଅଶୁରାଳି ଠାରେ "ସଶକ୍ତି ନାରୀ, ସଶକ୍ତ ଭାରତ" ଶୀର୍ଷକରେ କାର୍ଯ୍ୟକ୍ରମ ଭବ୍ୟ ଭାବେ ଅନୁଷ୍ଠିତ ହୋଇଯାଇଛି । ଏହି ମାରାଥନ ଦୌଡ଼, ପଦଯାତ୍ରା ଓ ମହିଳା ସମାବେଶରେ ୨୦୦୦ରୁ ଅଧିକ ମହିଳା ଯୋଗ ଦେଇ ନାରୀ ସଶକ୍ତି କରଣର ଏକ ପ୍ରେରଣା ଦାୟକ ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଅବସରରେ



ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାୟ, ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ, ରବି ନାରାୟଣ ସାହୁ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର ତଥା ଜିଲ୍ଲା କ୍ରୀଡା ଅଧିକାରୀ ଦେବବ୍ରତ ମହାପାତ୍ର, ମାନ୍ୟବର ମନ୍ତ୍ରୀ କ୍ରୀଡା ବିଭାଗଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣ, ଲୋକସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ନାରୀଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଓ ସ୍ୱାବଲମ୍ବନ ନିଶ୍ଚିତ ହେଲେ ଦେଶ ଆହୁରି ସଶକ୍ତ ହେବ ବୋଲି ଅତିଥି ମାନେ କହିଥିଲେ ।ଏହି ଅବସରରେ ଭଦ୍ରକ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କିଛି ପ୍ରତିଭାଶାଳୀ ନାରୀଙ୍କୁ ସମ୍ମାନିତ କରାଯାଇ ଥିଲା । ଏହି ମାରାଥନ ଦୌଡ଼ ଓ ପଦଯାତ୍ରା ଅଶୁରାଳି ସ୍ଥିତ ବେଷ୍ଟ ଇଞ୍ଜିନିୟରିଂ କଲେଜ ସମ୍ମୁଖରୁ ଆରମ୍ଭ ହୋଇ ମା' କାଳୀ ମନ୍ଦିର ଠାରେ ପହଂଚିଥିଲା । ନାରୀଙ୍କ ଏହି ଅପାର ଯୋଗଦାନ ସମଗ୍ର ଅଂଚଳରେ ଉତ୍ସାହ ଓ ସଚେତନତାର ନୂଆ ପରିବେଶ ସୃଷ୍ଟି କରିଥିଲା ।

# ଏସ୍ ୟୁ.ସି.ଆଇ(ସି)ର ପ୍ରତିବାଦ ଦିବସ ପାଳିତ

ଯାଜପୁର(ନିପ୍ର): ରାୟଗଡ଼ା ଜିଲ୍ଲାର ସିଜିମାଳି, କେନ୍ଦୁଝର ଜିଲ୍ଲାର ପାଟଣା, ସୁନ୍ଦରଗଡ଼ ଜିଲ୍ଲାର ଲାଞ୍ଜିବେର୍ଣ୍ଣା ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ରାଜ୍ୟ ସରକାରଙ୍କର ପୋଲିସ୍ ପ୍ରଶାସନ କମ୍ପାନୀ ସ୍ୱାର୍ଥରେ ବଳ ପୂର୍ବକ ଜମି ଅଧିଗ୍ରହଣ, ପୋଲିସ୍ ଦମନ ବିରୁଦ୍ଧରେ ଏସ୍ ୟୁ.ସି.ଆଇ, ସି.ପି.ଆଇ.ଏମ୍.ଏଲ୍, ସି.ପି.ଆଇ, ସି.ପି.ଆଇ.ଏମ୍.ଏଲ୍ ପକ୍ଷରୁ ରାଜ୍ୟବ୍ୟାପି ପ୍ରତିବାଦ ଦିବସ ଡାକରା ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ଏସ୍.ୟୁ.ସି.ଆଇ ପକ୍ଷରୁ ଯାଜପୁର ଟାଉନ ମେଡିକାଲ ଛକରୁ ଦଳର କର୍ମୀ ମାନଙ୍କୁ ନେଇ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମାକରି ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ପାର୍ଟି ଜିଲ୍ଲା କମିଟି ସଭ୍ୟ କମ୍ରେଡ୍ ବୀରକିଶୋର ନାୟକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ରାଜ୍ୟକମିଟି ସଭ୍ୟ ସୁରେଶ ପ୍ରଧାନ, ସୁବାସ ମଲ୍ଲିକ, ଅଚ୍ୟୁତ ପ୍ରଧାନ ପ୍ରଭୃତି ରାଜ୍ୟରେ ବିଜେପିର ଡବଲ ଇଞ୍ଜିନ ସରକାର କମ୍ପାନୀମାନଙ୍କ ସ୍ୱାର୍ଥରେ କିପରି ସାରା ରାଜ୍ୟରେ ଗରିବ ଆଦିବାସୀ ଜନସାଧାରଣଙ୍କ ଉପରେ ପୋଲିସ୍ର ବର୍ବୋଚିତ ଆକ୍ରମଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସିଜିମାଳିରେ ତୁରନ୍ତ ପୋଲିସ୍ ଦମନ ବନ୍ଦ କରିବା, ଜାଲିଆତି ଗ୍ରାମସଭାର ଉଚ୍ଚସ୍ତରୀୟ ତଦନ୍ତ କରିବା, ମିଥ୍ୟା କେସ୍ ପ୍ରତ୍ୟାହାର ଓ ଗିରଫ୍ଦାରୀଙ୍କୁ ଅବିଳମ୍ବେ ମୁକ୍ତ କରିବା ଏବଂ ରାଜ୍ୟରେ ପାଟଣା, ଲାଞ୍ଜିବେର୍ଣ୍ଣା, ମାଳି ପର୍ବତ ପ୍ରଭୃତି ସ୍ଥାନମାନଙ୍କରେ ପ୍ରକଳ୍ପ ଗୁଡିକୁ ବାତିଲ କରିବା ସହିତ ୮ ଗୋଟି ଦାବୀ ସମ୍ବଳିତ ଏକ ସ୍ମାରକପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ସଂପାଦକ ସୁରେନ୍ଦ୍ର ମଲ୍ଲିକ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା ।

# ଜିଲ୍ଲାସ୍ତରୀୟ ପଲ୍ଲିଶ୍ରୀ ମେଳା-୨୦୨୬ ଉଦ୍ଯାପିତ

ବାରିପଦା(ନିପ୍ର): ସ୍ଥାନୀୟ ଛଉ ପଡ଼ିଆରେ ଦୀର୍ଘ ପାଂଚ ଦିନ ଧରି ଚାଲିଥିବା ଜିଲ୍ଲାସ୍ତରୀୟ ପଲ୍ଲିଶ୍ରୀ ମେଳା-୨୦୨୬ ଇତି ମଧ୍ୟରେ ଉଦ୍ଯାପିତ ହୋଇଛି । ଚଳିତ ମେଳାରେ ପ୍ରାୟ ୭୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାରବାର ହୋଇଛି । ମେଳାରେ ସର୍ବାଧିକ ଉତ୍ପାଦ ବିକ୍ରିରେ କେନ୍ଦ୍ରାପଡାର ସୃଜନୀ ପିଜି, ଶ୍ରେଷ୍ଠ ଡିସପ୍ଲେ ଆର୍ଟିଷ୍ଟ ଭାବରେ ଗୋପୀନାଥ ସାହୁ (ଗୁଣପୁର, ରାୟଗଡ଼ା), ଶ୍ରେଷ୍ଠ ଅଭିନବ ଷ୍ଟଲ୍- ବାଉଁଶ ପ୍ରଡ୍ୟୁସର୍ ଗ୍ରୁପ୍, ବାଙ୍ଗିରିପୋଷି ପୁରସ୍କୃତ ହୋଇଛନ୍ତି । ସେହିପରି ବିଭିନ୍ନ ଫଟୋଗ୍ରାଫି ଓ କ୍ଷୁଦ୍ର ଭିଡିଓ (ରିଲ୍ସ) ନିର୍ମାଣରେ ସଂଚର ସଲ୍ ଗ୍ରୁପ୍ (ମହାରାଜା ଶ୍ରୀରାମଚନ୍ଦ୍ର ବିଶ୍ୱବିଦ୍ୟାଳୟ, ତକତପୁର) ପୁରସ୍କୃତ ହୋଇଛି । ଶ୍ରେଷ୍ଠ ପ୍ରଦର୍ଶନୀରେ କୃଷି ଏବଂ କୃଷକ ସଶକ୍ତିକରଣ, ଶ୍ରେଷ୍ଠ ଅଭିନବ ଉତ୍ପାଦ ଷ୍ଟଲ୍ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ, ମୟୂରଭଞ୍ଜ, ଶ୍ରେଷ୍ଠ ସାମାଜିକ ସଚେତନତାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ବାରିପଦା ପୁରସ୍କୃତ ହୋଇଛନ୍ତି । ସେହିପରି ମୁରୁଜ ପ୍ରତିଯୋଗିତାରେ ବିଜୟା ମୁର୍ମୁ, ହୁଳହୁଳିରେ ଦିପ୍ତୀରେଖା ଦେଓ, ଶଙ୍ଖ ଫୁଙ୍କାରେ ମଲିକ ପଲ୍, ହନୁମାନ ଚାଳିଶାରେ ଶ୍ରୟାଂଶୀ ପାତ୍ର ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ଏହି ଅବସରରେ ଆୟୋଜିତ ସାଂସ୍କୃତିକ ସଂନ୍ଧ୍ୟାରେ କାଲବେରିଆ ନୃତ୍ୟ (ରାଜସ୍ଥାନ), ବଜାଶାଲ୍ ନୃତ୍ୟ (କଳାହାଣ୍ଡି କଟପ୍ପା ଦଳ) ସମେତ ସ୍ଥାନୀୟ ବିଦ୍ୟାଳୟର ଛାତ୍ରଛାତ୍ରୀ ନିଜ ନିଜର ନୃତ୍ୟ ପରିବେଷଣ ନୃତ୍ୟ ପ୍ରଦର୍ଶନ କରିଥିଲେ । ସେହିପରି ହାଇଦ୍ରାବାଦର ଦୁଃସାହସିକ କ୍ରୀଡ଼ା ମଲ୍ଲଖମ୍ବ ପ୍ରଦର୍ଶନ ସମସ୍ତଙ୍କୁ ବିମୋହିତ କରିଥିଲା । ଏହି ଉଦଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଉପ-ଜିଲ୍ଲାପାଳ କରଞ୍ଜିଆ ଡ଼. ଦୟାସିନ୍ଧୁ ପରିଡ଼ା, ତହସିଲଦାର ବାରିପଦା ସପନ କୁମାର ସାହୁ, ସ୍ୱତନ୍ତ୍ର ଭୂ-ଅର୍ଜନ(ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ) ଅଧିକାରୀ ଲଲାଟେନ୍ଦୁ ସି, ଜିଲ୍ଲା ସଂସ୍କୃତି ଅଧିକାରୀ ଶୁଭାଶିଷ ନାୟକ, ଜିଲ୍ଲା ସାମାଜିକ ସମୀକ୍ଷକ ପ୍ରଦୀପ ଚକ୍ରବର୍ତ୍ତୀ, ଜୀବନଜୀବିକା ପ୍ରକଳ୍ପ ମ୍ୟାନେଜର ମଧୁସ୍ମିତା ଭୂୟାଁ, ଡେପୁଟି ସିଇଓ (ଓରମାସ୍) ଭାଗ୍ୟଲକ୍ଷ୍ମୀ ରାଉତ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳ ପ୍ରମୁଖ ମଂଚାସୀନ ଥିଲେ ।

# ଆଶ୍ରମ ଛାତ୍ରୀ ମୃତ୍ୟୁ ଘଟଣାରେ ବେତନଟୀ ବନ୍ଦ ସଫଳ

ବେତନଟୀ(ନିପ୍ର): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ କାକବନ୍ଧ ସେବାଶ୍ରମରେ ପଢୁଥିବା ପଂଚମ ଶ୍ରେଣୀର ଛାତ୍ରୀ ରୁପାଲୀ ବେସ୍ରାଙ୍କ ମୃତ୍ୟୁକୁ ନେଇ ମୟୂରଭଞ୍ଜ ଜିଲ୍ଲା ବିଜେଡି ଓ କଂଗ୍ରେସ ପକ୍ଷରୁ ଶନିବାର ଦିନ ଜିଲ୍ଲା ବନ୍ଦ ଡାକରା ଦିଆ ଯାଇଥିଲା । ଏହି ବନ୍ଦକୁ ସଫଳ କରିବା ପାଇଁ ଦୁଇ ଦଳଙ୍କ ଉଦ୍ୟମ କ୍ରମେ ଶନିବାର ଦିନ ବେତନଟୀର ସମସ୍ତ ଦୋକାନ ବଜାର, ବ୍ଲକ, ତହସିଲ କାର୍ଯ୍ୟାଳୟ, ସ୍କୁଲ, ମହାବିଦ୍ୟାଳୟ, ବ୍ୟାଙ୍କ ସମେତ ସମସ୍ତ ଅଫିସ କାର୍ଯ୍ୟାଳୟ ବନ୍ଦ ଥିଲା । ଶନିବାର ସକାଳୁ ୧୮



ନମ୍ବର ଜାତୀୟ ରାଜପଥ ବଙ୍ଗାଳଛକ ନିକଟ ବାଏ ପାସ ଛକରେ ବିଜେଡି ଓ କଂଗ୍ରେସର ସଦସ୍ୟ ମାନେ ଜାତୀୟ ରାଜପଥ ଅବରୋଧ କରି ବସ ଟ୍ରକ ସମେତ ସମସ୍ତ ଚାରି ଚକିଆ ଯାନକୁ ଅଟକ ରଖାଯାଇଥିଲା । ଅପରାହ୍ନ ପରେ ଦୋକାନ ବଜାର, ଗାଡି ଚଳାଚଳ ସ୍ୱାଭାବିକ ଅବସ୍ଥାକୁ ଫେରିଥିଲା । ଆଶ୍ରମ ଛାତ୍ରୀ ମୃତ୍ୟୁ ଘଟଣାରେ ସରକାରୀ ଅବହେଳା କୁ ଦାୟୀ କରି ବେତନଟୀ ବାସୀଙ୍କ ପକ୍ଷରୁ ଏହି ବନ୍ଦ କୁ ସ୍ୱେଚ୍ଛାକୃତ ସମର୍ଥନ ଦେଇଥିଲେ । ଏହି ବନ୍ଦ ପାଳନରେ ବେତନଟୀ ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ସୁଶାନ୍ତ ବଳା, ସୁନ୍ଦର ମୋହନ ମହାନ୍ତ, ସମିତି ସଭ୍ୟ କିଶୋର ନାୟକ, ବାପି ମହାନ୍ତ, ଛାତ୍ର ନେତା ସୌରଭ ପରିଡା, ମନୀଷ ଗିରି, ମାନୁ ସାହୁ, ବ୍ଲକ କଂଗ୍ରେସ ସଭାପତି କୁଶଧର ବେହେରା, ମଂଟୁ ମହାନ୍ତ, ଗୌରମୋହନ ସିଂ, ରଘୁନାଥ ମୁର୍ମୁ ପ୍ରମୁଖ ସକ୍ରିୟ ଭୂମିକା ତୁଲାଇଥିଲେ । ବେତନଟୀ ବନ୍ଦ ସମୟରେ ଶୃଙ୍ଖଳା ପାଇଁ ବେତନଟୀ ପୋଲିସ ସବୁ ଛକରେ ମୁତୟନ ଥିଲେ ।

# ନାରୀ ଶକ୍ତି ବନ୍ଦନ ଦୌଡ଼ ଅନୁଷ୍ଠିତ: ସିବିଏସଇ ଦଶମ ଟପର ଟିନା ରଥଙ୍କୁ ସମ୍ବର୍ଦ୍ଧନା

ପୁରୀ(ନିପ୍ର): ପ୍ରତ୍ୟେକ ନାରୀ ମଧ୍ୟରେ ଅଫୁରନ୍ତ ପ୍ରତିଭା ରହିଛି । ସେ ଶକ୍ତିମୟୀ, କଲ୍ୟାଣମୟୀ । ସଶକ୍ତ ନାରୀ ସଶକ୍ତ ଭାରତ ବୋଲି କହିଛନ୍ତି ପୁରୀ ମୁନିସିପାଲ କର୍ପୋରେସନ ର କମିଶନର ଅରୁଗୁଲା ସ୍ନେହା । ନାରୀ ମାନଙ୍କୁ ଉପଯୁକ୍ତ ସମ୍ମାନ ପ୍ରଦାନ ଲକ୍ଷ୍ୟ ରେ ଆଜି ପୂର୍ବାହ୍ନରେ ଏକ ଦୌଡ ଜିଲ୍ଲା ପ୍ରଶାସନ କ୍ରୀଡା କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ହୋଇଥିଲା । ଏହି ଦୌଡ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରୁ ଆରମ୍ଭ ହୋଇ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ ଠାରେ ପହଂଚି ଥିଲା । ଏହି ଦୌଡ଼ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କମିଶନର ସୁଶ୍ରୀ ସ୍ନେହା ପୁରୁଷ ମାନଙ୍କ



ସମକକ୍ଷ ହୋଇ ନାରୀ ବି ସବୁ କରିପାରେ । ଏପରିକି ପୁରୁଷ ଙ୍କ ଠାରୁ ଅଧିକ ମଧ କରିପାରେ । ନିଜର ଗୋଟେ ଲକ୍ଷ୍ୟ ସ୍ଥିର କରି ମନ ପ୍ରାଣ ଦେଇ ତାହାକୁ ସଫଳ କରିବାର ପ୍ରୟାସ ପାଇଁ ସେ ପରାମର୍ଶ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ନାରୀ ମାନଙ୍କ ପ୍ରତିଭାର ବିକାଶ ରାଷ୍ଟ୍ର ବିକାଶରେ ସହାୟକ ହୋଇଥାଏ ବୋଲି କହିଥିଲେ । ଆଜିର ସମୟରେ ବିଭିନ୍ନ କ୍ଷେତ୍ରରେ ମହିଳା ମାନଙ୍କର ଶକ୍ତି ଓ ସାମର୍ଥ୍ୟ ର ପରିପ୍ରକାଶ ଘଟିଛି । ଏହାକୁ ଅଧିକ ଋଦ୍ଧିମନ୍ତ ସହ ସେମାନଙ୍କ ଅଧିକାର, କର୍ତବ୍ୟ, ଶକ୍ତି ଓ ସମ୍ଭାବନା ସମ୍ପର୍କରେ ସଚେତନ କରାଇବା ଲକ୍ଷ୍ୟ ରେ ଏହିଭଳି କାର୍ଯ୍ୟକ୍ରମ ବେଶ ସହାୟକ ହେବ ବୋଲି ସେ ମତ ଦେଇଥିଲେ । ଚଳିତ ସିବିଏସଇ ଦଶମ ପରୀକ୍ଷାରେ ପ୍ରଥମ ହୋଇଥିବା ପୁରୀ ଜିଲ୍ଲାର ଟିନା ରଥଙ୍କୁ ଏହି କାର୍ଯ୍ୟକ୍ରମ ରେ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ ଏଥିରେ ଅଧକ୍ଷତା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଖୋ ଖୋ ଖେଳର ମୁଖ୍ୟ ଜାତୀୟ କୋଚ ସଞ୍ଜୀବ କୁମାର ଶର୍ମା, ସର୍ବ ଭାରତୀୟ ଖୋଖୋ ସଂଘର ଉପ ସଭାପତି ପ୍ରଦ୍ୟୁମ୍ନ ମିଶ୍ର, ଓଡିଶା ଅଲମ୍ପିକ ସଂଘର କୋଷାଧକ୍ଷ ରବି ଶଙ୍କର ପ୍ରତିହାରୀ, ଖୋ ଖୋ କୋଚ ଚୌଧୁରୀ ପାର୍ଥ ସାରଥୀ ମହାପାତ୍ର ଓ ଟିନା ରଥଙ୍କ ପିତାମାତା ପ୍ରମୁଖ ଯୋଗ ଦେଇ ନାରୀ ମାନଙ୍କ ଶକ୍ତି, ପ୍ରତିଭା ଓ ଉତଥାନ ସମ୍ପର୍କରେ ଆଲୋକପାତ କରିଥିଲେ ।ଏହି ଅବସରରେ ସଚେତନତା ଲକ୍ଷ୍ୟରେ ସ୍ୱାକ୍ଷର ଅଭିଯାନରେ ପ୍ରତ୍ୟେକ ସ୍ୱାକ୍ଷର କରିଥିଲେ ।

# ଜିଲ୍ଲା ସି ଏମ୍ ଟ୍ରଫି ଉଦ୍‌ଘାଟିତ

ପୁରୀ(ନିପ୍ର): ଦୁଇ ଦିନ ବ୍ୟାପୀ ଆୟୋଜିତ ହେବାକୁ ଯାଉଥିବା ସିଏମ ଟ୍ରଫି ପୁରୀ ଜିଲ୍ଲା ସ୍ପୋର୍ଟସ କମ୍ପ୍ଲେକ୍ସ, ତାଳବଣିଆ ଠାରେ ଉଦଘାଟିତ ହୋଇ ସାରିଛି । ଏହି ଉଦ୍‌ଘାଟନ ସମାରୋହରେ ଓଡ଼ିଶା ଅଲମ୍ପିକ୍ସ ସଂଘ୍ କୋଷାଧକ୍ଷ ରବିଶଙ୍କର ପଡିହରୀଙ୍କ ପୌରହିତ୍ୟ ରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ମୁଖ୍ୟ ବକ୍ତା ପୁରୀ ମହାନଗର ନିଗମ ର ନିର୍ବାହୀ ଅଧିକାରୀ ଅଭିମନ୍ୟ ବେହେରା, ସମ୍ମାନିତ ଅତିଥି ଭାବେ ଭାରତୀୟ ଖୋ ଖୋ ମହାସଂଘ୍ ତଥା ଓଡ଼ିଶା ଖୋ ଖୋ ସଙ୍ଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ପୁରୀ ଜିଲ୍ଲା କ୍ରୀଡ଼ା ସାଂସଦ ଉପ ସଭାପତି ରାମଚନ୍ଦ୍ର ଦାସମହାପାତ୍ର ପ୍ରମୁଖ ଯୋଗଦେଇ ସରକାରଙ୍କ ଲୋକାଭିମୁଖୀ ତଥା ତୃଣ ମୂଳ ସ୍ତରରେ କୋମଳମତି କ୍ରୀଡ଼ାବିତ୍ ମାନଙ୍କ ପ୍ରତିଭାର ବିକାଶ ପାଇଁ ଏହା ଏକ ସୁନ୍ଦର ପଦକ୍ଷେପ ବୋଲି କହିଥିଲେ । ଏହି ପ୍ରୟାସ ପାଇଁ ଆଗାମୀ ଦିନରେ ବଡ ବଡ କ୍ରୀଡା ପ୍ରତିଯୋଗିତାରେ ରେ ଓଡିଶା ଉଲ୍ଲେଖଯୋଗ୍ୟ ପ୍ରଦର୍ଶନ କରିବ ବୋଲି ସେମାନେ କହିଥିଲେ । କ୍ରୀଡ଼ାବିତ୍ ମାନଙ୍କ ମାର୍ଚ୍ଚ ପାଷ୍ଟରେ ଓଡ଼ିଶୀ ନୃତ୍ୟାଙ୍ଗନା, ଯାଦୁଗର, ଗରିଲା କଣ୍ଢେଇ ପ୍ରଭୃତି ଯୋଗଦେଇ କ୍ରୀଡ଼ା ମହୋଲକୁ ଆକର୍ଷଣୀୟ କରିଥିଲେ । ଉଦ୍‌ଘାଟନରେ ଶାନ୍ତିର ପ୍ରତୀକ କପୋତକୁ ଉଡ଼ାଇ ଥିଲେ । ଇ. ବି. ଦାସଙ୍କ ଦ୍ୱାରା ମ୍ୟାଜିକ ସୋ ବିମୁଗ୍ଧ କରିଥିଲା ସମସ୍ତ କ୍ରୀଡ଼ାବିତ୍ ମାନଙ୍କୁ । ଶେଷରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଧନ୍ୟବାଦ ଦେଇଥିଲେ । ଏହି ପ୍ରତିଯୋଗିତାରେ ଖୋ ଖୋ ରେ ୬ ଟି ବାଳିକା ଦଳ ଅଂଶଗ୍ରହଣ କରି ଥିଲେ । ଖୋ ଖୋ ରେ ଡେଲାଙ୍ଗ ବ୍ଲକ୍ କେ. ପି. ପି ଚାମ୍ପିଅନ୍ସ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଅମାଲଙ୍ଗ ଉପ୍ରା ବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ସେହିପରି ଚନ୍ଦେଶ୍ୱରି ଉପ୍ରା ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଆଗାମୀ ଦିନରେ ରାଜ୍ୟସ୍ତରୀୟ ଜୋନ୍ ପାଇଁ ଚୂଡ଼ାନ୍ତ ବାଳିକା ଦଳ ଚୟନ କରାଯାଇ ସମ୍ପାଦକ ମହୋଦୟଙ୍କୁ ହସ୍ତାନ୍ତର କରାଯିବ । ପ୍ରତ୍ୟୁଷରୁ ଫୁଟବଲ ଖେଳର ଖେଳାଳୀ ମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଯୋଗ ଦେଇ ଉତ୍ସାହିତ କରିଥିଲେ ।

# ଗୁଳିକାଣ୍ଡ ଘଟଣା ଅଭିଯୁକ୍ତର କ୍ରାଇମ୍ ସିନ୍ ରିକ୍ରିଏସନ



ଯାଜପୁର(ନିପ୍ର): ଯାଜପୁର ଗୁଳିକାଣ୍ଡ ଘଟଣାର ୩ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବା ସହ ମୁଖ୍ୟ ଅଭିଯୁକ୍ତର କ୍ରାଇମ୍ ସିନ୍ ରିକ୍ରିଏସନ କରାଯାଇଛି । ସେଦିନ କେମିତି ଗୁଳି କଲି ହତ୍ୟା କରିଥିଲା ତାହାର ଡେମୋ ଦେଖାଇଛି ମୁଖ୍ୟ ଅଭିଯୁକ୍ତ ତାପସ ଖିଲାର । ସୂଚନା ଅନୁଯାଇ ଗତ ୬ ତାରିଖ ରାତିରେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ କାଳୀମେଘା ବାସଭବନ ସମ୍ମୁଖରେ ଗୁଳି କଲି ସୋମ୍ୟ ସାଗର ସାମଲଙ୍କୁ ହତ୍ୟା କରାଯାଇଥିଲା । ପତ୍ନୀ ଶୁଭଶ୍ରୀଙ୍କ ସମେତ ମୋଟ ୫ଜଣଙ୍କୁ ଗିରଫ କରିଥିଲା ଯାଜପୁର ପୋଲିସ । ପରକ୍ରିୟା ପ୍ରୀତି ଓ ସମଲିଙ୍ଗୀ ସମ୍ପର୍କ ପାଇଁ ହୋଇଥିଲା ହତ୍ୟାକାଣ୍ଡ ବୋଲି ପୋଲିସ ହାତରେ ଲାଗିଥିଲା ସୁରାଗ । ମୁଖ୍ୟ ଅଭିଯୁକ୍ତ ତାପସ ଖିଲାରଙ୍କ ସମେତ ମୃତକ ସୌମ୍ୟଙ୍କ ପତ୍ନୀ, ତାପସଙ୍କ ଭଉଣୀ ପ୍ରିତି ପ୍ରଭା ପ୍ରିୟଦର୍ଶିନୀ ଓରଫ ଚିନୁ ଓ ବନ୍ଧୁକ ସପ୍ଲାୟର ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ଯାଜପୁର ପୋଲିସ । ପୋଲିସ ୩ ଦିନ ପାଇଁ ୩ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିଛି । ସାନ୍ଧ୍ୟ ସମୟରେ ମୁଖ୍ୟ ଅଭିଯୁକ୍ତର କ୍ରାଇମ୍ ସିନ୍ ରିକ୍ରିଏସନ କରାଯାଇଛି । ଅଭିଯୁକ୍ତ ତାପସ ଖିଲାର ହାତରେ ଡେମୋ ବନ୍ଧୁକ ଧରି ଦେଖାଇଲା କିପରି କରିଥିଲା ଗୁଳି ମାଡ଼ ଆଉ ପିଛା କରି ଆସି ହତ୍ୟା କରିବା ପରେ କିପରି ବୈତରଣୀ ନଦୀ ପଠାରୁ ବ୍ୟବହୃତ ଦେଶୀ ବନ୍ଧୁକ ଫିଙ୍ଗି ଥିଲା ବନ୍ଧୁକ । ତାହାର ଡେମୋ ଦେଖେଇଛି ।

# ଦେଶ ପାଇଁ ମଧ୍ୟସ୍ଥତା ୨.୦ଅଭିଯାନ

ଯାଜପୁର(ନିପ୍ର): ଜାତୀୟ ଆଇନସେବା ପ୍ରାଧିକରଣର ନିର୍ଦ୍ଦେଶ କ୍ରମେ ଦେଶ ପାଇଁ ମଧ୍ୟସ୍ଥତା ୨.୦ ଅଭିଯାନ ଯାଜପୁର ଜିଲ୍ଲା ଆଇନସେବା ପ୍ରାଧିକରଣ ଏବଂ ତାଲୁକ ଆଇନ ସେବା ସମିତି ଚଣ୍ଡିଖୋଲ ଓ ଯାଜପୁର ରୋଡ଼ରେ ଆରମ୍ଭ ହୋଇ ଯାଇଛି । ଅଭିଯାନ ମାଧ୍ୟମରେ ଅଦାଲତରେ ବିଚାରଧୀନ ଘରୋଇ ହିଂସା ଓ ଯୌତୁକ ନିର୍ଯାତନା, ଚେକ୍ ବାଉନ୍ସ ମାମଲା, ମୋଟରଯାନ ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲା, ରଫାଯୋଗ୍ୟ ଫୌଜଦାରୀ ମାମଲା, ଭୂ-ଅଧିଗ୍ରହଣ ମାମଲା, ସମ୍ପତି ବଂଟନ ବିବାଦ, ଉଚ୍ଛେଦ ମାମଲା, ବାଣିଜ୍ୟିକ ଅଦାଲତରେ ବିଚାରଧୀନ ଥିବା ମାମଲା, ନିଯୁକ୍ତି ସମ୍ପର୍କୀୟ ଉପଯୁକ୍ତ ମାମଲା, ଶ୍ରମିକ ଅଧିନିୟମ ସମ୍ପର୍କୀୟ ବିବାଦ, ଚୁକ୍ତି ଅଧିନିୟମ ସମ୍ପର୍କୀୟ ବିବାଦ, ଖାଉଟି ଅଦାଲତରେ ଥିବା ବିବାଦର ଆପୋଷ ସହମତି ଭିତରେ ସମାଧାନ ଜାରି ରହିବା ଏହି ଅଭିଯାନରେ ।

## NOTICE

By virtue of an affidavit sworn before Executive Magistrate Balasore, dated 16.05.2025 I, Amarendra Samal, Address At.-Dakhinsorisa, Darada, Ps-Basta, Dist.-Balasore, Odisha declare that I have changed the name of my daughter's from Debidatta Dwari to Amrita Samal. Henceforth, she shall be known as Amrita Samal for all purposes.

Sd/-
Amarendra Samal

No. 34001/85/2627

**WORKS DEPARTMENT**
**OFFICE OF THE SUPERINTENDING ENGINEER,**
**BHADRAK (R&B) DIVISION**
**Email: bhadrakrnbdivision@gmail.com**
**Government of Odisha "e" Procurement Notice**
**Bid Identification No. SE (R&B) BDK- 2 / 2026-27**
**No. 3839 / dt- 17.04.2026**

Nature of Work:- Civil works
Number of works:- 3 (Three) No's
Amount put to Tender:- Rs. 6.55 to 13.76Lakhs
Class of Contractor: C & D &
Original Equipment Manufacturer/ Manufacturer Company.
Date & Time of availability of bid document in the portal:- 29.04.2026 at 11.00 AM
Last Date / Time of receipt of bid in the portal: 07.05.2026 up to 05.00 PM
Date of opening of bid:- Dt. 08.05.2026 at 11.30AM
Name & address of the Office inviting bid:- Superintending Engineer, Bhadrak (R&B) Division.
The bidders have to participate in ONLINE bidding only.
Further details can be seen from the e-procurement portal "**http//tendersodisha.gov.in**".
All future corrigendum will be available on ONLINE mode only.

**OIPR. 34001/34079/1/26-27/0001**

**Sd/-**
**Superintending Engineer**
**Bhadrak (R&B) Division**





ଅନ୍ୟ ପ୍ରତି ବିଶ୍ୱାସ ସ୍ଥାପନ ନ କରିବା ସହଜ କଥା ନୁହେଁ, ସେଥିପାଇଁ ଦୃଢ଼ ମନୋବଳ ଦରକାର ।

# ଆଜିକାଲି



ସମଃ ଶତ୍ରୌ ଚ ମିତ୍ରେ ଚ, ତଥା ମାନାପମାନୟୋଃ
ଶୀତୋଷ୍ଣସୁଖଦୁଃଖେଷୁ, ସମଃ ସଙ୍ଗବିବର୍ଜିତଃ ॥
(ଶ୍ରୀମଦ୍ ଭଗବତ୍ ଗୀତା)

ଭାବାର୍ଥ :ରାଗ, ହିଂସା, କାମନା ଶୂନ୍ୟ, ପାପପୁଣ୍ୟ, ଶୁଭାଶୁଭ ଜାଣେ ନାହିଁ, ସେମାନେ ସର୍ବଦା ଅନୁରାଗୀ ହେତୁ ମୋର ପ୍ରିୟ ଅଟନ୍ତି ।

## ନିଅଂଟିଆ ବର୍ଷା ଓ କୃଷି କ୍ଷେତ୍ର ପାଇଁ ଚେତାବନୀ

ଲଗାତାର ଦୁଇ ବର୍ଷ ଧରି ଦେଶରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇଥିବା ବେଳେ ଆସନ୍ତା ମୌସୁମୀ ଋତୁରେ ସ୍ୱାଭାବିକ ଠାରୁ କମ୍ କିମ୍ବା ୮ ପ୍ରତିଶତ ନିଅଂଟିଆ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ କରିଥିବା ପୂର୍ବାନୁମାନ ସ୍ୱଳ୍ପ ବୃଷ୍ଟିପାତର ସଂକେତ ପ୍ରଦାନ କରୁଥିବା କୁହାଯାଇପାରିବ । ଏପ୍ରିଲରେ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) କରିଥିବା ଭବିଷ୍ୟବାଣୀରେ ଆସନ୍ତା ଜୁନ-ସେପ୍ଟେମ୍ବରରେ ଦେଶରେ ୯୨ପ୍ରତିଶତ ଅର୍ଥାତ ସ୍ୱାଭିବକଠାରୁ ୮ ପ୍ରତିଶତ କମ ବର୍ଷା ହେବ । ମୌସୁମୀ ବର୍ଷା ସାଧାରଣତଃ ୯୬ ପ୍ରତିଶତରୁ ୧୦୪ ପ୍ରତିଶତ ମଧ୍ୟରେ ରହିଲେ, ସ୍ୱାଭାବିକ ବୃଷ୍ଟିପାତ କୁହାଯାଉଥିବାବେଳେ ୧୦୪ ପ୍ରତିଶତରୁ ଅଧିକ ରହିଲେ ତାହାକୁ ଅତିବୃଷ୍ଟି ବୋଲି କୁହାଯାଇଥାଏ । କହିବା ବାହୁଲ୍ୟ ଯେ, ଆଇଏମଡିର ପୂର୍ବାନୁମାନ ୫ପ୍ରତିଶତ ଏପଟସେପଟ ହୋଇପାରେ, ଯାହାକି ଏହାର ରେକର୍ଡ କହେ । ତେବେ ଆଇଏମଡିର ନିଅଂଟିଆ ବର୍ଷା ପୂର୍ବାନୁମାନ ଦେଶରେ ମରୁଡ଼ିର ସୂଚନା ଦିଏ । ଅତୀତରେ ଆଇଏମଡି ଯେତେଥର ନିଅଂଟିଆ ବର୍ଷାର ଚେତାବନୀ ଦେଇଛି, ସେତେଥର ଦେଶ ମରୁଡ଼ିର ସମ୍ମୁଖୀନ ହୋଇ ଥିବା ଇତିହାସ କହେ । ଗତ ୧୧ବର୍ଷ ତଳେ ୨୦୧୫ ମସିହାରେ ଦେଶରେ ଦକ୍ଷୀଣ-ପଶ୍ଚିମ ମୌସୁମୀ ବର୍ଷା ସ୍ୱାଭାବିକ ଠାରୁ କମ୍ ତଥା ୯୩ପ୍ରତିଶତ ରହିଥିବା ନେଇ ଆଇଏମଡି ପୂର୍ବାନୁମାନ କରିଥିଲା । ସ୍ୱଳ୍ପ ବୃଷ୍ଟିପାତ ବା ନିଅଂଟିଆ ବର୍ଷା ଯୋଗୁଁ ଦେଶର ବହୁ ଭାଗରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିଲା । ଏବର୍ଷ ଏଲ ନିନୋ ପ୍ରଭାବରେ ଦେଶରେ ନିଅଂଟିଆ ବର୍ଷା ନେଇ ଆଇଏମଡି ପୂର୍ବାନୁମାନ କରିଛି, ଯାହାକି ପ୍ରଶାନ୍ତ ମହାସାଗରରେ ଉଷ୍ମତା ଯୋଗୁଁ ସୃଷ୍ଟି ହୋଇଥାଏ । ଉଲ୍ଲେଖଯୋଗ୍ୟ ଯେ, ମୌସୁମୀ ବର୍ଷାରେ ଏଲ ନିନୋ ବାଧକ ହେଉ ଥିବାରୁ ଚଳିତ ବର୍ଷକୁ ଏଲୋ ନିନୋର ବର୍ଷ ଭାବେ କୁହାଯାଇ ଥାଏ । ଏଲ ନିନୋ ପ୍ରଭାବ ଯୋଗୁଁ ଦେଶର ବିଭିନ୍ନ ଭାଗରେ ସମାନ ବର୍ଷା ହୋଇନଥାଏ । କେତେକ ଅଂଚଳରେ ସ୍ୱଳ୍ପ ବୃଷ୍ଟିପାତ ହୋଇଥିବା ବେଳେ କେତେକ ଭାଗରେ ଅତି ବୃଷ୍ଟିପାତ ହେବାର ନଜିର ରହିଛି । ଆହୁରି ମଧ୍ୟ ଦେଶର କେତେକ ଭାଗରେ ଉତ୍କଟ ମରୁଡ଼ି ପରିସ୍ଥିତି ଦେଖା ଯାଇଥାଏ । ଉଲ୍ଲେଖ କରାଯାଇପାରେ ୧୯୫୦ ମସିହା ଠାରୁ ଦେଶରେ ୧୬ଥର ନିଅଂଟିଆ ମୌସୁମୀ ଋତୁରେ ୯ଥର ମରୁଡ଼ି ପରିସ୍ଥିତି ଉପୁଜିଥିଲା । ସାଧାରଣତଃ ପ୍ରଶାନ୍ତ ମହାସାଗରୀୟ ବାୟୁମଣ୍ଡଳ ତୀବ୍ରତାରେ ଉଷ୍ମ ହୋଇଥାଏ, ଏଲ ନିନୋର ପ୍ରଭାବ ସେହି ତୀବ୍ରତା ଦକ୍ଷୀଣ ପଶ୍ଚିମ ମୌସୁମୀ ଉପରେ ପଡିଥାଏ । ଉଦାହରଣ ସ୍ୱରୁପ ୨୦୧୯ ମସିହାରେ ଏଲ ନିନୋ ଭଳି ସ୍ଥିତି ଉପୁଜିବା ଆଶଙ୍କା ନେଇ ଆଇଏମଡି ନିଅଂଟିଆ ବର୍ଷାର ଆକଳନ କରିଥିଲା । ମାତ୍ର ଉଷ୍ମତା ତୀବ୍ରତାରେ ଆଶା କରାଯାଉଥିଲା, ସେପରି ହୋଇନଥିଲା । ଫଳସ୍ୱରୁପ ଦେଶରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହୋଇଥିବା ରେକର୍ଡ ହୋଇଛି । ଚଳିତ ବର୍ଷ ଏଲ ନିନୋର ଶୁଖେଇଲା ପ୍ରଭାବକୁ ଭାରତୀୟ ମହାସାଗରର ଜଳବାୟୁ (ଡାଇପୋଲ) ପ୍ରତିରୋଧ କରିବା ନେଇ ଆଇଏମଡି ଆଶା ପ୍ରକାଶ କରିଛି । ଏହା ନିଶ୍ଚିତ ଯେ, ଭାରତୀୟ କୃଷି ଏବେ ବି ବର୍ଷା ଜଳ ଉପରେ ନିର୍ଭରଶୀଳ । ମୌସୁମୀ କୃଷି କ୍ଷେତ୍ରକୁ ୭୦ପ୍ରତିଶତ ଜଳ ଯୋଗାଇଥାଏ । ଭାରତୀୟ କୃଷି ଓ କୃଷକର ଜୀବନରେଖା ଭାବେ ମୌସୁମୀ ପରିଚିତ । ମଧ୍ୟପ୍ରଦେଶରେ ଗହମ ଚାଷ ଅଧାରୁ ଅଧିକ ମୌସୁମୀ ଉପରେ ନିର୍ଭରଶୀଳ ଥିବାବେଳେ ମହାରାଷ୍ଟ୍ରରେ ଡାଲି ଜାତୀୟ ଶସ୍ୟ ୮୦ପ୍ରତିଶତରୁ ଅଧିକ ମୌସୁମୀ ବର୍ଷା ଉପରେ ନିର୍ଭର କରିଥାଏ । ଏଲ ନିନୋ ବର୍ଷରେ ଭୂତଳ ଜଳସ୍ତର ୨୫ପ୍ରତିଶତ ହ୍ରାସ ପାଇଥାଏ । କାରଣ ବୋରୱେଲଗୁଡକି ଦୀର୍ଘ ସମୟ ଧରି ଜଳ ଉତୋଳନ କରିଥାଁ । ସେହିପରି ଜିଡିପିର ଏକ ଚତୁର୍ଥାଂଶ କୃଷିକ୍ଷେତ୍ରରୁ ଆସିଥିବାବେଳେ ଚଳିତ ବର୍ଷ କୃଷି କ୍ଷେତ୍ର ପ୍ରଭାବିତ ହେବା ଆଶଙ୍କା ଥିବା ଯୋଗୁଁ ଜିଡିପି ହ୍ରାସ ପାଇବା ଆଶଙ୍କାକୁ ଅଣଦେଖା କରାଯାଇନପାରେ । କେବଳ ଏତକି ନୁହେଁ, ଗ୍ୟାସ ସଂକଟ ଯୋଗୁଁ ସାର ଉତ୍ପାଦନ ଓ ସାର ଯୋଗାଣ ମଧ୍ୟ ଗୁରୁତର ବାଧାପ୍ରାପ୍ତ ହେବା ଆଶଙ୍କା ଥିବାରୁ କୃଷି ଉତ୍ପାଦନ ହ୍ରାସ ପାଇପାରେ । ଗୋଟିଏ ପଟେ ଆସନ୍ନ ମରୁଡ଼ି, ସାର ଅଭାବ ଏବଂ ଯୁଦ୍ଧ ଯୋଗୁଁ ଇନ୍ଧନର ମୂଲ୍ୟ ବୃଦ୍ଧି ଯୋଗୁଁ କୃଷି କ୍ଷେତ୍ର ପ୍ରଭାବିତ ହେବା ବ୍ୟାପକ ଶସ୍ୟ ହାନୀ ଘଟିପାରେ । ଯାହାକି କୃଷି ଓ କୃଷକଙ୍କ ପାଇଁ ଏକ ଚେତାବନୀ । ଏହାର ମୁକାବିଲା ସରକାର ଆଗୁଆ ପଦକ୍ଷେପ ଗ୍ରହଣ କରିବା ଜରୁରୀ ।

## ତୁମେ ନିରବୀ ଗଲ



◆ ରଶ୍ମିତା ନାଥ

ତୁମ ସହ ନିରବୀ ଗଲା ସମୟ
ନିରବୀ ଗଲା ସାଗର
ନିରବିଲେ ବୃକ୍ଷ ଲତା, ପଶୁ ପକ୍ଷୀ
ସର୍ବୋପରି ନିରବୀ ଗଲା
ସଂଗୀତ ର ସପ୍ତ ସ୍ୱର
ସା ରେ ଗା ମା ପା ଧା ନି
ସଭିଏଁ ନତମସ୍ତକ
ଲୁହ ଆଉ କୋହର ମିଶ୍ରଣ ରେ
ପବନ ଟା ଭାରି ଭାରି
ମୁଣ୍ଡ ନୁଆଁଇ ଆକାଶଟା ନିଗାଡୁଛି ଅଶ୍ରୁ
ସତରେ ଏ ଅନ୍ତିମ ବିଦାୟ
ଅସହ୍ୟ ଯେତିକି ସେତିକି ଅବିଶ୍ୱସନୀୟ
ଯିଏ ଓଠ ଖୋଲିଲେ ଝରିଯାଉଥିଲା ଅମୃତ
ସଂଚରି ଯାଉଥିଲା କର୍ଣ୍ଣ ଠାରୁ ମନ ଯାଏ
ନିର୍ଜୀବ ଜୀବନ୍ତ ହୋଇ ଉଠୁଥିଲା
ସବୁ ଦୁଃଖ ଦଗ୍ଧ ହେଉଥିଲା
ଯେଉଁ ସ୍ୱର ର ଶ୍ରବଣ ରେ
ଅବସାଦ ର ଅବସାନ ହେଉଥିଲା
ବସନ୍ତ ନଥାଇ ମଳୟ ବହୁଥିଲା
ତାଙ୍କ ଛନ୍ଦ ର ଛୁଆଁ ରେ
ବିରହୀ ଭୁଲିଯାଏ ଜ୍ୱଳନ
ତାଙ୍କ ଲୟ ରେ ଲାଖି ରହିଥିଲା
ଏକ ନିଆରା ଆକର୍ଷଣ
ବାନ୍ଧି ହେଉଥିଲେ ଜନତା ବିମୁଗ୍ଧ ହୋଇ
ସେ ଆଜି ଯାଇଛନ୍ତି ଶୋଇ
ନିଦ୍ରା ଦେବୀ ଙ୍କର ସର୍ବପ୍ରିୟ ହୋଇ
କାଳ ର କର ସ୍ପର୍ଶ ରେ
ଆଜି ବିଶ୍ରାମରତା ସେ
ଯେଉଁ ନିଶ୍ୱାସରେ ମହକି ଉଠୁଥିଲା ମୂର୍ଚ୍ଛନା
ପୂର୍ଣ୍ଣଚ୍ଛେଦ ପଡ଼ିଛି ଆଜି ସେଇ ନିଶ୍ୱାସ ରେ
ସେ ଆଉ ଉଠି ଆସି ଭରି ଦେବେନି
ଶବ୍ଦ ଦେହରେ ଜୀବନ
ତାଙ୍କ ଭାବରେ ଭକ୍ତି ରେ ପ୍ରେମରେ
ଶ୍ରୋତା ପ୍ରାଣ ପୁଲକିତ ହେବନି
ତାଙ୍କ ପଡ଼ି ଯାଇଥିବା ପଲକ
ରୁଦ୍ଧ ହୋଇଯାଇଥିବା କଣ୍ଠ
ଆଉ କେବେ ଉନ୍ମୁକ୍ତ ହେବନି
ତଥାପି ସେ ବଂଚିରହିବେ
ପ୍ରତି ହୃଦୟରେ ପ୍ରତି ସ୍ପନ୍ଦନ ରେ
ଯୁଗ ଯୁଗ ଯାଏ
ପୃଥିବୀ ପରି ପରିବ୍ୟାପ୍ତ
ତାଙ୍କ କୀର୍ତି ରାଜି ଅସୀମ
ସଦା ଅକ୍ଷତ ଅମଳିନ
ସେ ଥିଲେ ଆଶା,,, ଅନ୍ଧାର ପାଇଁ ଆଲୋକର
ବେଦନା ପାଇଁ ବିଶ୍ୱାସ ର
ସେ ତ୍ୟାଗିଛନ୍ତି ସିନା ଶରୀର
ହେଲେ ବି ଆତ୍ମା ତାଙ୍କ ଅମର
ସେଇ ମହା ମାନବୀ ଙ୍କ ଚରଣରେ
ଶତ କୋଟି ନମସ୍କାର ।

# ଯକୃତର ଯତ୍ନ

◆ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର




ବିଶ୍ୱ ଯକୃତ ଦିବସ ଉପଲକ୍ଷେ

ଯକୃତ ବା ଲିଭର ଶରୀରର ସବୁଠାରୁ ବଡ଼ ଗ୍ରନ୍ଥି । ଏହା ପାଚନରେ ସହାୟକ ଏକାଧିକ ପ୍ରକାରର ରସ ସୃଷ୍ଟିକରେ ଏବଂ ଶରୀରକୁ ବିଷମୁକ୍ତ ବା ଡିଟକ୍ସିଫିକେସନ୍ କରିଥାଏ । ଏବେ ଯକୃତ ସହିତ ସମ୍ପୃକ୍ତ ରୋଗ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଅତ୍ୟଧିକ ମଦ୍ୟପାନ ଏବଂ ବିଶୃଙ୍ଖଳିତ ଜୀବନଶୈଳୀ ଏହାର କାରଣ । ଯକୃତ ଖରାପ ହୋଇଗଲେ ପ୍ରତିରୋପଣ ବ୍ୟତୀତ ଅନ୍ୟ ଉପାୟ ନାହିଁ । ତେବେ ଯକୃତ ଅସୁସ୍ଥ ହେବାର ବହୁ କାରଣ ରହିଛି । ଭାଇରାଲ ହେପାଟାଇଟିସ୍ : ଏହା ଏ, ବି, ସି, ଡି ଏବଂ ଇ - ପାଂଚ ପ୍ରକାରର । ଏ ଏବଂ ଇ ଦୂଷିତ ପାଣି ତଥା ଖାଦ୍ୟ ଯୋଗୁ ହେଉଥିବା ବେଳେ ଏହାକୁ ସାଧାରଣ ଭାଷାରେ ଜଣ୍ଡିସ୍ ବା ହଳଦିଆ କାମଳ ବୋଲି କୁହାଯାଏ । ଏହାର ଲକ୍ଷଣ ପ୍ରାୟ ୨ରୁ ୪ ସପ୍ତାହ ଜାରି ରହେ । ରୋଗୀଙ୍କୁ ବାନ୍ତି ଏବଂ ଜ୍ୱର ହୁଏ । ତେବେ ସ୍ପଷ୍ଟ ଲକ୍ଷଣ ଜଣାପଡ଼ିବା ପରେ ରୋଗୀ ତୁରନ୍ତ ଚିକିତ୍ସା ପାଇଁ ପହଂଚୁଥାନ୍ତି । ତେଣୁ ଯକୃତ ଖରାପ ହେବା ଘଟଣା କମ୍ ହୋଇଥାଏ । ଯକୃତ ଖରାପ ହେବାର ଅଳ୍ପଦିନ ପୂର୍ବରୁ ରୋଗୀର ମାନସିକ ସ୍ଥିତି ବିଗିଡ଼ିବାରେ ଲାଗେ । ବି ଏବଂ ସି ଭାଇରାଲ ଇନ୍‌ଫେକ୍‌ସନ ଯୋଗୁଁ ହୋଇଥାଏ । ସଂକ୍ରମଣର ପ୍ରାୟ ଦେଢ଼ରୁ ଦୁଇମାସ ପରେ ଏହାର ଲକ୍ଷଣ ପ୍ରକାଶ ପାଏ । ଯେଉଁ କ୍ଷେତ୍ରରେ ଛଅମାସ ମଧ୍ୟରେ ଲକ୍ଷର ପ୍ରକାଶ ପାଏ ତାକୁ ଆକ୍ୟୁଟ୍ ବୋଲି କହିଥାନ୍ତି ଏବଂ ଏଥିରେ ଯକୃତକୁ ରକ୍ଷା କରାଯାଇପାରେ । ତେବେ ଲକ୍ଷଣ ପ୍ରକାଶ ପାଇବା ଛ'ମାସରୁ ଅଧିକ ହୋଇଗଲେ ଏହା କ୍ରୋନିକ୍ ହୋଇଯାଏ ଏବଂ ରୋଗୀ ପୁରା ସୁସ୍ଥ ହେବାର ଆଶା କ୍ଷୀଣ ରହେ । ଯେଉଁମାନଙ୍କୁ ପିଲାଦିନରୁ ଏହି ଇନ୍‌ଫେକ୍‌ସନ ହୋଇଥାଏ ସେମାନେ ବଡ଼ ହେବା ପରେ ସାଧାରଣତଃ କ୍ରୋନିକ୍ ହେପାଟାଇଟିସ୍‌ରେ ପୀଡ଼ିତ ହୁଅନ୍ତି । ଉଭୟ ଭାଇରସ୍ ଯକୃତ ଉପରେ କୁପ୍ରଭାବ ପକାଇଥାଏ । ଏହାର ଯେଉଁ ଲକ୍ଷଣ ପ୍ରକାଶ ପାଏ, ସେଗୁଡ଼ିକ ମୁଖ୍ୟତଃ ହେଲା ଭୋକ ନହେବା, ଓଜନ କମିବା, ଜଣ୍ଡିସ୍, ଜ୍ୱର, ଦୁର୍ବଳ ଲାଗିବା, ବାନ୍ତି, ପେଟରେ ପାଣି ଜମିଯିବା, ରକ୍ତବାନ୍ତି ହେବା, ଦେହର ରଙ୍ଗ କଳା ପଡ଼ିଯିବା, ପରିସ୍ରା ଗାଢ଼ ରଙ୍ଗର ହେବା ଇତ୍ୟାଦି । ଏହା ଯକୃତକୁ ଟାଣ କରି ସଙ୍କୁଚିତ କରିଦିଏ । ଠିକ୍ ସମୟରେ ଚିକିତ୍ସା ସେବା ନପାଇଲେ ଧୀରେ ଧୀରେ ଲିଭର ଟ୍ୟୁମରରେ ପରିବର୍ତିତ ହୋଇଯାଏ । ମୁଖ୍ୟତଃ ଆଲ୍‌କୋହଲ ସଂକ୍ରମିତ ଛୁଂଚ୍, ରକ୍ତ ସର୍ଜରୀ ଉପକରଣ ତଥା ଅସୁରକ୍ଷିତ ଶାରୀରିକ ସମ୍ପର୍କ ଯୋଗୁଁ ଏବଂ ସଂକ୍ରମିତ ମା'ଠାରୁ ଶିଶୁକୁ ଏହି ରୋଗ ହୋଇଥାଏ । ଜଣ୍ଡିସ୍ ତଥା ଡେଙ୍ଗୁ ମଧ୍ୟ ବହୁବାର ହେପାଟାଇଟିସ୍‌ର କାରଣ ହୋଇଥାଏ । ଏହା ବ୍ୟତୀତ ଟିବି, ଅପସ୍ମାରର ଔଷଧ, ଆୟୁର୍ବେଦିକ ତଥା ହର୍ବାଲ ଔଷଧରୁ ମଧ୍ୟ ଏହି ରୋଗ ହୋଇପାରେ । ଅତ୍ୟଧିକ ମଦ୍ୟପାନ ଦ୍ୱାରା ଯକୃତ କ୍ଷତିଗ୍ରସ୍ତ ହୋଇଥାଏ । ଏଥିରେ ଫାଇବ୍ରୋସିସ୍ ଦେଖାଯାଏ ଏବଂ ଯକୃତ ସଙ୍କୁଚିତ ହେବାକୁ ଲାଗେ ଯେଉଁଥିରେ ଛୋଟ-ବଡ଼ ଗଣ୍ଠି ମଧ୍ୟ ପଡ଼ିଯାଏ । ଏହା ଲିଭର ସିରୋସିସ୍ । ପ୍ରତିଦିନ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କର ଯକୃତ କୋଷ କ୍ଷତିଗ୍ରସ୍ତ ହୋଇଥାଏ । ଏହାର ଚିକିତ୍ସା ସମ୍ଭବ ଥିଲେ ବି ପରେ ମଦ ଅଭ୍ୟାସ ନ ଛାଡ଼ିଲେ ଚିକିତ୍ସା ଆଉ ସମ୍ଭବ ହୁଏନାହିଁ । ଅଧିକ ତୈଳୀୟ ଖାଦ୍ୟ ଖାଉଥିବା ତଥା ଏକ୍ସରସାଇଜ୍ କରୁନଥିବା ବ୍ୟକ୍ତିଙ୍କର ଫ୍ୟାଟି ଲିଭର ଆଶଙ୍କା ଅଧିକ । ଏହି ଘଟଣା ପାଇଁ ମୋଟାପଣ ୭୦ ପ୍ରତିଶତ ଦାୟୀ । ତେବେ ଏହାର ଆଉ କେତେକ କାରଣ ବି ଦେଖାଗଲାଣି । ଅନ୍ତନଳୀର ବ୍ୟାକ୍ଟେରିଆ ବି ଫ୍ୟାଟି ଲିଭରର କାରଣ ହୋଇଥାନ୍ତି । ଏହା ପତଳା ଲୋକଙ୍କ ଠାରେ ମଧ୍ୟ ହୋଇ ପାରେ । ଅଧିକ ଚର୍ବି ଯୋଗୁ ଯକୃତ ସଂଙ୍କୁଚିତ ହୋଇଯାଏ ଏବଂ ଠିକ୍ ସମୟରେ ଚିକିତ୍ସା ନମିଳିଲେ ସିରୋସିସ୍‌ର ଆଶଙ୍କା ଦେଖାଯାଏ । ଯକୃତର ଆଉ ଏକ ସମସ୍ୟା ପ୍ରାୟତଃ ମହିଳାଙ୍କ ଠାରେ ଦେଖାଯାଏ । ଶରୀରର କୋଷଗୁଡ଼ିକ ଯକୃତ ବିରୋଧରେ କାମ କଲେ ଯକୃତ ଖରାପ ହୋଇଯାଏ । ଏହା ଖୁବ୍ କମ୍ ପରିମାଣରେ ଦେଖାଯାଏ । ଯକୃତ ଖରାପ ହେବାର ଲକ୍ଷଣ ଡେରିରେ ଜଣାପଡ଼େ । ୬୦-୮୦ ପ୍ରତିଶତ ଯକୃତର କୋଷ କ୍ଷତିଗ୍ରସ୍ତ ହେବା ପରେ ହିଁ ଲକ୍ଷଣ ପ୍ରକାଶ ପାଇଥାଏ । ତେଣୁ ଯକୃତ ପରୀକ୍ଷା କରାଇ ନେବା ଜରୁରୀ । ଏହା ଯକୃତର କ୍ଷମତା ଜଣାଇ ଥାଏ । ଫ୍ୟାଟି ଲିଭର ପାଇଁ ଅଲ୍‌ଟ୍ରାସାଉଣ୍ଡ ଓ ଫାଇବ୍ରୋସ୍କାନ ପରୀକ୍ଷା କରିପାରିବେ । ରକ୍ତ ପରୀକ୍ଷାରୁ ଯକୃତ ବାବଦରେ ଜଣା ନ ପଡ଼ିଲେ ବିଶେଷଜ୍ଞ ବାୟୋପ୍‌ସିର ପରାମର୍ଶ ଦେଇଥାନ୍ତି । ଏଥିରେ ଯକୃତର କିଛି ଅଂଶ ଲାବୋରେଟୋରୀ ପଠାଯାଇ ପରୀକ୍ଷା କରାଯାଏ । ତେବେ ଯକୃତକୁ ସୁସ୍ଥ ରଖିବା ଲାଗି ସ୍ୱଚ୍ଛ ପାଣି ପିଅନ୍ତୁ, ଦୂଷିତ ଖାଦ୍ୟରୁ ଦୂରେଇ ରହନ୍ତୁ, ବ୍ୟାୟାମ କରନ୍ତୁ, ସୁରକ୍ଷିତ ଶାରୀରିକ ସମ୍ପର୍କ ରଖନ୍ତୁ, ୪୦ ବର୍ଷ ବୟସରେ ପରେ ଯକୃତ ପରୀକ୍ଷା କରାଇ ନିଅନ୍ତୁ ଏବଂ ସବୁଠାରୁ ବଡ଼ କଥା ମଦ୍ୟପାନ ଓ ଧୂମପାନରୁ ବିରତ ରୁହନ୍ତୁ । ହେପାଟାଇଟିସ୍ ବି ଟୀକା ନେଇ ହେପାଟାଇଟିସ୍ ବି, ଲିଭର ସିରୋସିସ୍ ଓ ଲିଭର୍ କ୍ୟାନସରରୁ ମୁକ୍ତି ପାଆନ୍ତୁ । ଶାଗ, ସବୁଜ ପନିପରିବା, ସେଓ, ଅଙ୍ଗୁର, ଗାଜର, ବିଟ୍, ରସୁଣ, ଅଲିଭ ଅଏଲ, ଲେମ୍ବୁ ସରବର, ଗ୍ରୀନ୍ ଟି', ଫୁଲକୋବି, ବନ୍ଧାକୋବି, ହଳଦୀ ଇତ୍ୟାଦି ଖାଦ୍ୟ ଲିଭରକୁ ସୁସ୍ଥ ରଖିବାରେ ସାହାଯ୍ୟ କରେ । ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ କୁହାଯାଉ ଥିବା ଯକୃତର ଯତ୍‌ପରନାସ୍ତି ସୁରକ୍ଷା ପାଇଁ ଆଜିର ଦିନରେ ଶପଥ ନିଅନ୍ତୁ । ଦେଖିବେ ଆପଣ ଏକ ଦିବ୍ୟ ଜୀବନ ଅତିବାହିତ ପାଇଁ ମାର୍ଗ ପାଇ ପାରିବେ ।

*ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ହେପାଟାଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,*

## ପଶ୍ଚିମ ଏସିଆରେ ଯୁଦ୍ଧ ପ୍ରସଙ୍ଗ : ଭାରତର 'ଷ୍ଟ୍ରାଟେଜିକ ସାଇଲେନ୍ସ' ର ନୀତି



◆ଡ.ସମନ୍ୱୟ ନନ୍ଦ

ଇରାନ ଉପରେ ଇସ୍ରାଏଲ-ଆମେରିକା ଦ୍ୱାରା ଆକ୍ରମଣ ଓ ଏହା ପରେ ଇରାନ ଦ୍ୱାରା ବିଭିନ୍ନ ଉପସାଗରୀୟ ଦେଶ ଗୁଡିକ ଉପରେ ପ୍ରତି ଆକ୍ରମଣ ଘଟଣାରେ ଭାରତର ଆଭିମୁଖ୍ୟ ସ୍ପଷ୍ଟ ହୋଇଛି । ସଂସଦରେ ନିଜ ଆଡୁ ଏହି ପ୍ରସଙ୍ଗରେ ବକ୍ତବ୍ୟ ରଖି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡ. ଏସ ଜୟଶଙ୍କର ଭାରତର ନୀତି ଓ ଆଭିମୁଖ୍ୟକୁ ସ୍ପଷ୍ଟ କରିଛନ୍ତି । ଏହି ଲେଖାରେ ଭାରତର ଏହି ନୀତି ସମ୍ପର୍କରେ ବୁଝିବାକୁ ଚେଷ୍ଟା କରିବା । ବୈଦେଶିକ ମନ୍ତ୍ରୀ ସଂସଦରେ ଦେଇଥିବା ବକ୍ତବ୍ୟକୁ ଯଦି ଭଲ ଭାବେ ଅନୁଶୀଳନ କରିବା ତେବେ ଦେଖିବା ଯେ ଭାରତ ମୋଟ ଉପରେ ଚାରୋଟି ମୁଖ୍ୟ ସିଦ୍ଧାନ୍ତକୁ ନେଇ ତାର ତାର ଆଭିମୁଖ୍ୟକୁ ସାମନାକୁ ଆଣିଛି । ଏଥିରେ ସର୍ବପ୍ରଥମ ହେଲା ଯେ ଏହି ଯୁଦ୍ଧଗ୍ରସ୍ତ ଉପସାଗରୀୟ ଅଂଚଳରେ ଥିବା ଦେଶ ମାନଙ୍କରେ ରହୁଥିବା ପ୍ରବାସୀ ଭାରତୀୟ ମାନଙ୍କର ସୁରକ୍ଷା । ଯେପରିକି ସମସ୍ତେ ଜାଣନ୍ତି ଏହି ଦେଶ ମାନଙ୍କରେ ଖୁବ ଅଧିକ ସଂଖ୍ୟାରେ ଭାରତୀୟ ନାଗରିକ ମାନେ କାମ କରିଥାନ୍ତି । ତେଣୁ ଏହି ଭାରତୀୟ ନାଗରିକ ମାନଙ୍କର ସୁରକ୍ଷା ଭାରତ ପ୍ରତିବଦ୍ଧ । ସେମାନଙ୍କ ସୁରକ୍ଷା ସହ ଯଦି ସେମାନଙ୍କୁ ସ୍ୱଦେଶ ଫେରାଇ ଆଣିବାକୁ ଆବଶ୍ୟକତା ଆସେ ତେବେ ସେମାନଙ୍କୁ ଦେଶକୁ ଫେରାଇ ଆଣିବା ଉପରେ ଭାରତର ଧ୍ୟାନ ରହିବ । ଦ୍ୱିତୀୟ କଥା ହେଲା ଯେ ଏହି ଉପସାଗରୀୟ ଦେଶ ମାନଙ୍କରେ ଅନେକ ଭାରତୀୟ ନାଗରିକ କାମ କରୁଥିବା କାରଣରୁ ଭାରତକୁ ଏହି ଅଂଚଳରୁ ଆମ ଦେଶକୁ ବିଦେଶୀ ଅର୍ଥ (ଫରେନ ରେମିଟେନ୍ସ) ହାସଲ ହୋଇଥାଏ । ଏହି ଅର୍ଥ ଭାରତର ଅର୍ଥନୈତିକ ପ୍ରଗତି କାର୍ଯ୍ୟରେ ବ୍ୟବହୃତ ହୋଇଥାଏ ଓ ଆର୍ଥିକ ବିକାଶ କ୍ଷେତ୍ରରେ ଏହି ବିଦେଶରୁ ଆସୁଥିବା ଅର୍ଥ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ତେଣୁ ବର୍ତ୍ତମାନ ସମୟରେ ଆମ ପାଇଁ ସବୁଠାରୁ ବଡ ପ୍ରାଥମିକତା ହେଲା ଯେ ଏହି ଫରେନ ରେମିଟେନ୍ସ ଦୀର୍ଘ କାଳୀନ ସ୍ଥିତିରେ କିପରି ଅବାଧ ଭାବେ ଜାରୀ ରହିବ ଓ ଆମ ଦେଶର ବିକାଶ କାହାଣୀରେ ଏହାର ଯୋଗଦାନ କିପରି ଚାଲୁ ରହିବ ତାହା ସୁନିଶ୍ଚିତ କରିବା । ତୃତୀୟ ସବୁଠାରୁ ବଡ କଥା ହେଲା ଯେ ଭାରତ ଚାହେଁ ଯେ ଆମ ଦେଶର ଶକ୍ତି ଚାହିଦାକୁ ମେଂଟାଇବାକୁ ଆମଦାନୀ ହେଉଥିବା ପେଟ୍ରୋଲିୟମ ଉତ୍ପାଦ ଓ ଗ୍ୟାସର ଯୋଗାଣକୁ କୌଣସି ପରିସ୍ଥିତିରେ ବାଧିତ ହେବାକୁ ଦିଆଯିବ ନାହିଁ । ପେଟ୍ରୋଲିୟମ ଉତ୍ପାଦ ଓ ଗ୍ୟାସ ପାଇଁ ବର୍ତ୍ତମାନ ସମୟରେ ଭାରତ ପଶ୍ଚିମ ଏସିଆର ଅନେକ ଦେଶ ସହ କଥାବାର୍ତ୍ତା କରି ସେମାନଙ୍କ ଠାରୁ ନିଜର ଏହି ଶକ୍ତି ଚାହିଦା ମେଂଟାଇବା ପାଇଁ ଆବଶ୍ୟକୀୟ ତୈଳ ଓ ଗ୍ୟାସ ଆମଦାନୀ କରିଥାଏ । ଭାରତ ଏବେ ମଧ୍ୟ ତାର ଘରୋଇ ଶକ୍ତି ଚାହିଦା ମେଂଟାଇବା ପାଇଁ ବାହାର ଦେଶ ମାନଙ୍କ ଉପରେ ନିର୍ଭରଶୀଳ । ତେଣୁ ଏହି ଉପସାଗରୀୟ ଅଂଚଳ ଭାରତ ପାଇଁ ଶକ୍ତି ଚାହିଦା ମେଂଟାଇବା ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ଏଭଳି ସ୍ଥିତିରେ ଦେଶର ଶକ୍ତି ଚାହିଦାକୁ ପୂରଣ କରିବା ଓ ଯୋଗାଣ କିପରି ବାଧିତ ନ ହେବ ତାହା ସୁନିଶ୍ଚିତ କରିବା ଭାରତର ରଣନୀତିର ଏକ ପ୍ରମୁଖ ଲକ୍ଷ୍ୟ । ଭାରତର ରଣନୀତିର ଚତୁର୍ଥ ସିଦ୍ଧାନ୍ତ ହେଲା ଯେ, ଭାରତ ଏବେ ସୁଦ୍ଧା ଏହି ଉପସାଗରୀୟ ଅଂଚଳର ସୁନ୍ନି ଦେଶ, ଇରାନ ଏବଂ ଇସ୍ରାଏଲ ମଧ୍ୟରେ ସନ୍ତୁଳନ ସ୍ଥାପିତ କରି ଆସୁଛି । ଏହି ସନ୍ତୁଳନର ଅର୍ଥ ହେଲା ଯେ ଭାରତର ସମ୍ପର୍କ ସୁନ୍ନୀ ମୁସଲମାନ ଦେଶ ମାନଙ୍କ ସହିତ ଖୁବ ଭଲ ରହିଛି । ଏହି ସୁନ୍ନୀ ମୁସଲମାନ ଦେଶ ମାନଙ୍କରୁ ଭାରତ ତାର ଶକ୍ତି ଚାହିଦାକୁ ପୂରଣ କରିଥାଏ । ସେହିପରି ଇସ୍ରାଏଲ ସହିତ ଭାରତର ସମ୍ପର୍କ ଅତ୍ୟନ୍ତ ଭଲ ରହିଛି । ପ୍ରତିରକ୍ଷା ଓ କୃଷି ସହଯୋଗ କ୍ଷେତ୍ରରେ ଇସ୍ରାଏଲ ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେହିପରି ଇରାନର ଚାବାହାର ବନ୍ଦର ବ୍ୟବହାର କରି ରଣନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଆଫଗାନିସ୍ତାନ କୁ ପହଂଚିବାରେ ସାହାଯ୍ୟ କରିବା ସହ ସେଂଟ୍ରାଲ ଏସିଆ ପହଂଚିବା ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ । ଏହି କାରଣରୁ ଏହି ଯୁଦ୍ଧ ପ୍ରସଙ୍ଗରେ ଭାରତ କୌଣସି ପକ୍ଷର ସମର୍ଥନରେ କିମ୍ବା କୌଣସି ପକ୍ଷର ବିରୋଧରେ ଠିଆ ହୋଇଥିବା ଭଳି ବକ୍ତବ୍ୟ ପ୍ରଦାନ କରି ନାହିଁ । ସରଳ କୂଟନୈତିକ ଭାଷାରେ ରଣନୈତିକ ନୀରବତା ('ଷ୍ଟ୍ରାଟେଜିକ ସାଇଲେନ୍ସ' ) ବୋଲି କୁହାଯାଇଥାଏ । ଏଠାରେ ସ୍ପଷ୍ଟ କରିଦେବା ଉଚିତ ହେବ ଯେ 'ଷ୍ଟ୍ରାଟେଜିକ ସାଇଲେନ୍ସ' ର ଅର୍ଥ ଇନାଇକ୍ଟିଭିଟି ନୁହେଁ । 'ଷ୍ଟ୍ରାଟେଜିକ ସାଇଲେନ୍ସ' କୁ ଏଠାରେ ଏଇଥି ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଇଥାଏ, ଯେତେବେଳେ ଏଭଳି ପରିସ୍ଥିତିରେ କୌଣସି ଦେଶର ଜାତୀୟ ସ୍ୱାର୍ଥ ସର୍ବାଧିକ ଗୁରୁତ୍ୱ ବହନ କରେ । ସେହି ପରିସ୍ଥିତିରେ କୌଣସି ଦେଶର ଲକ୍ଷ୍ୟ ଏଭଳି ହେବା ଉଚିତ ଯେ ଉକ୍ତ ଦେଶ ସାର୍ବଜନୀନ ଭାବେ କୌଣସି ଗୋଟିଏ ଦେଶ ବା ପକ୍ଷର ସମର୍ଥନରେ ବାହାରିବା ଉଚିତ ନୁହେଁ । ଯଦି କୌଣସି ଦେଶ ଏଭଳି ସ୍ଥିତିରେ ଗୋଟିଏ ପକ୍ଷ କିମ୍ବା ଦେଶ ସମର୍ଥନରେ ବାହାରିଥାଏ ତେବେ ଦୀର୍ଘକାଳୀନ ସ୍ଥିତିରେ ତାକୁ ଅସୁବିଧାର ସମ୍ମୁଖୀନ ହେବାର ଆଶଙ୍କା ରହିଥାଏ । ଏପରି କରିବା ଦ୍ୱାରା ଉକ୍ତ ଦେଶର ବିଦେଶ ନୀତି ପରିଚାଳନା ବେଳେ ମେନୁଭେରେବିଲିଟୀ ହ୍ରାସ ପାଇଥାଏ । ତେଣୁ ଆଜିର ତାରିଖରେ ଭାରତ ଦୀର୍ଘ କାଳୀନ ଭିତିରେ ଷ୍ଟ୍ରାଟେଜିକ ମେନୁଭେରେବିଲିଟୀ ଚାହୁଁଛି ଓ ଏହି ଦୃଷ୍ଟିକୋଣ ନେଇ କାର୍ଯ୍ୟ କରୁଛି । ସରଳ ଭାବେ ଯଦି ଆମେ ବୁଝିବାକୁ ଚେଷ୍ଟା କରିବା ତେବେ ଭାରତ ଏହି ଯୁଦ୍ଧ ପରିସ୍ଥିତିରେ ଯେଉଁ ରଣନୀତି ବା ଆଭିମୁଖ୍ୟ ଆପଣାଇଛି ଯାହା ଦ୍ୱାରା ଦୀର୍ଘକାଳୀନ ଭିତିରେ ଭାରତ ନିକଟରେ ମେନୁଭେରେବିଲିଟି ତିଆରି ହେବ । ଯଦି ଭାରତ ଆଜି ତାରିଖରେ ଇସ୍ରାଏଲ କିମ୍ବା ଆମେରିକାକୁ ନିନ୍ଦା କରି ନାହିଁ କିମ୍ବା ଇରାନକୁ କୌଣସି ପ୍ରକାରରେ ଗୁପ୍ତ ଭାବରେ ହେଲେ ମଧ୍ୟ ସହଯୋଗ କରି ନାହିଁ ତେବେ ଭାରତ ଏକ ସ୍ଥାନ ତିଆରି କରି ପାରିବ । ଯଦି ପରେ କୌଣସି ପରିସ୍ଥିତିରେ ଏହି ଯୁଦ୍ଧକୁ ସମାପ୍ତ କରିବାକୁ ମଧ୍ୟସ୍ଥତାର ଆବଶ୍ୟକତା ପଡିବ ତେବେ ଭାରତ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେଇ ପାରେ । ଐତିହାସିକ ଦୃଷ୍ଟିରୁ ଏପରି ଅନେକ ଉଦାହରଣ ରହିଛି । ତେଣୁ ଏଠାରେ ମେନୁଭେରେବିଲିଟି ବଢାଇବାକୁ ଧ୍ୟାନରେ ରଖି ଭାରତ ଦୀର୍ଘ କାଳୀନ ଭିତିରେ ଏକ ସ୍ଥାନ ତିଆରି କରିବାକୁ ପ୍ରୟାସ କରିଛି । ଏହି ସମ୍ପୂର୍ଣ୍ଣ ମାମଲାରେ ଭାରତ ଯେଉଁ ରଣନୀତି ଆପଣାଇଛି ସେଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଛି ଯେ ଭାରତ ତାର ବୈଦେଶିକ ନୀତିରେ 'ବୈଚାରିକ ଲିନିଂ' କୁ ସମ୍ପୂର୍ଣ୍ଣ ଭାବେ ହଟାଇ ଦେଇଛି । 'ବୈଚାରିକ ଲିନିଂ'ଅର୍ଥ ହେଉଛି କୌଣସି ପୂର୍ବ ନିର୍ଧାରିତ ଲେନ୍ସରୁ ଦେଖି ବିଦେଶ ନୀତି ସ୍ଥିର କରିବା । ଭାରତ ସ୍ପଷ୍ଟ କରି ଦେଇଛି ଭାରତର ବିଦେଶ ନୀତି 'ବୈଚାରିକ ଲିନିଂ'ଆଧାରରେ ନୁହେଁ ବରଂ ବ୍ୟବହାରିକତା ଆଧାରରେ ହେବ । ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ଯଦି ଆମେ ଦେଖିବା ତେବେ ପାଇବା ଯେ ଏହି ମାମଲାରେ ଭାରତ ତାର 'ଷ୍ଟ୍ରାଟେଜିକ ଅଟନୋମୀ'କୁ ବଜାୟ ରଖିଛି । ଭାରତ କାହା ଚାପରେ ନ ଆସି ନିଜ ଦେଶର ସ୍ୱାର୍ଥକୁ ସର୍ବୋପରି ମନେ କରି ତାର ଆଭିମୁଖ୍ୟ ସ୍ଥିର କରିଛି । ଭାରତର ଜାତୀୟ ସ୍ୱାର୍ଥ ଯେପରିକି ପ୍ରବାସୀ ଭାରତୀୟଙ୍କ ସୁରକ୍ଷା, ଦେଶବାସୀଙ୍କର ତୈଳ ଓ ଗ୍ୟାସ ଚାହିଦା ପୂରଣ କରିବା, ବିଦେଶୀ ରେମିଟେନ୍ସ ତଥା ସୁନ୍ନୀ ଦେଶ, ଇସ୍ରାଏଲ ଓ ଇରାନ ସହ ସନ୍ତୁଳନ ସ୍ଥାପିତ କରିବା ଆଧାରରେ ଭାରତ ତାର ଆଭିମୁଖ୍ୟ ସ୍ଥିର କରିଛି । ତେଣୁ ଇରାନ ଯୁଦ୍ଧ ସମୟରେ ଭାରତ ''ଷ୍ଟ୍ରାଟେଜିକ ସାଇଲେନ୍ସ' ସହିତ 'ଷ୍ଟ୍ରାଟେଜିକ ଅଟୋନମୀ' ତଥା ବିଭିନ୍ନ ଦେଶ ସହ ସମ୍ପର୍କ ରକ୍ଷା କରିବାର ନୀତି ଆପଣାଇଛି । ଆଗାମୀ ଦିନରେ ଯେବେ ଏହି ଯୁଦ୍ଧ ସମାପ୍ତ ହେବ ଓ ପୁନର୍ନିର୍ମାଣର କଥା ଆସିବ ସେତେବେଳେ ଭାରତ ଏକ ବିଶ୍ୱସନୀୟ ଦେଶ ଭାବେ ଏହି କାର୍ଯ୍ୟରେ ମଧ୍ୟ ଯୋଗ ଦେଇ ପାରିବ । ତେଣୁ ମୋଟ ଉପରେ କହିବାକୁ ଗଲେ ଭାରତ ଭାରତ ଓ ଭାରତବାସୀଙ୍କ ସ୍ୱାର୍ଥକୁ କେନ୍ଦ୍ରରେ ରଖି ଏକ ଏଭଳି ଆଭିମୁଖ୍ୟ ଗ୍ରହଣ କରିଛି ଯାହାର ପ୍ରଭାବ ସୁଦୂରପ୍ରସାରୀ ହେବ ।

## ପ୍ରାର୍ଥୀ ତାଲିକାରେ ମହିଳା ଉଭାନ !

ଲୋକସଭା ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ନିମନ୍ତେ ୨୦୨୩ ମସିହାରେ 'ନାରୀ ଶକ୍ତି ବନ୍ଦନ ଅଧିନିୟମ'ରେ ବିଲ୍ ପାର୍ଲିଆମେଂଟରେ ଗୃହୀତ ହେବା ସମୟରେ ସର୍ବଦଳୀୟ ସହମତି ପ୍ରକାଶ ପାଇଥିଲା । ସେହିପରି ଏହି ମହିଳା ସଂରକ୍ଷଣ ଆଇନକୁ ଆସନ୍ତା ୨୦୨୯ ଲୋକସଭା ନିର୍ବାଚନରେ କାର୍ଯ୍ୟକାରୀ କରିବା ପାଇଁ ନିକଟରେ କେନ୍ଦ୍ର କ୍ୟାବିନେଟ ବୈଠକରେ 'ନାରୀ ଶକ୍ତି ବନ୍ଦନ ଆଇନ'ର ସଂଶୋଧନ ପାଇଁ ଏକ ଚିଠା ବିଲ୍ ଅନୁମୋଦିତ ହୋଇଛି । ଏହି ଚିଠା ବିଲ୍‌ରେ ଲୋକସଭାର ଆସନ ସଂଖ୍ୟା ୫୪୩ରୁ ୮୧୬ କୁ ବୃଦ୍ଧି କରିବା ଜନଗଣନାରୁ ସୀମା ପୁନର୍ନିର୍ଦ୍ଧାରଣକୁ ପୃଥକ କରିବା ଲାଗି ପ୍ରସ୍ତାବ ରହିଛି । କହିବା ବାହୁଲ୍ୟ ଯେ, ଜନଗଣନାର ଚୂଡାନ୍ତ ରିପୋର୍ଟ ପରେ ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ବ୍ୟବସ୍ଥା ରହିଥିବାରୁ ୨୦୨୯ ସାଧାରଣ ନିର୍ବାଚନରେ ମହିଳାଙ୍କ ପାଇଁ ସଂରକ୍ଷଣ କାର୍ଯ୍ୟକାରୀ କରିବା ସମ୍ଭବ ହେବ ନାହିଁ । ଏହି ଆଇନର ସଂଶୋଧନ ପାଇଁ କେନ୍ଦ୍ର କ୍ୟାବିନେଟ ଚିଠା ବିଲ୍‌ର ସଂଶୋଧନକୁ ମଂଜୁରୀ ପ୍ରଦାନ କରିଛନ୍ତି । ଏହି ସଂଶୋଧନ ବିଲ୍ ଅନୁମୋଦନ ପାଇଁ ଆସନ୍ତା ୧୬ରୁ ୧୮ତାରିଖ ପର୍ଯ୍ୟନ୍ତ ପାର୍ଲିଆମେଂଟର ତିନି ଦିନିଆ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେବାକୁ ଯାଉଛି । କହିବା ବାହୁଲ୍ୟ ଯେ, ବହୁ ଆକାଂକ୍ଷିତ ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ତତ୍ପର ହୋଇଥିବାବେଳେ ବିଧାନସଭା ନିର୍ବାଚନ ପ୍ରକ୍ରୀୟା ଚାଲିଥିବା ଚାରୋଟି ରାଜ୍ୟ ତଥା କେରଳ, ଆସାମ, ତାମିଲନାଡୁ ଓ ପଶ୍ଚିମବଙ୍ଗ ଏବଂ ଏକମାତ୍ର କେନ୍ଦ୍ରଶାସିତ ଅଂଚଳ ପୁଡୁଚେରୀରେ ବୃହତମ ରାଜନୈତିକ ଦଳଗୁଡିକର ପ୍ରାର୍ଥୀ ତାଲିକା କିନ୍ତୁ ଭିନ୍ନ ସଂକେତ ପ୍ରଦାନ କରେ । କେନ୍ଦ୍ରରେ କ୍ଷମତାସୀନ ବିଜେପି ସମେତ କଂଗ୍ରେସ, ତୃଣମୂଳ କଂଗ୍ରେସ, ଡିଏମକେ, ଏଆଇଏଡିଏମକେ, ସିପିଏମ, ସିପିଆଇ, ମୁସଲିମ ଲିଗ୍ୟୁ ଏବଂ ଅନ୍ୟ ଦଳମାନଙ୍କ ମଧ୍ୟରୁ କୌଣସି ଗୋଟିଏ ହେଲେ ଦିନ ୩୩ପ୍ରତିଶତ କୋଟା ନୁହେଁ । ଏପରିକି ୨୦ପ୍ରତିଶତ ମହିଳା ପ୍ରାର୍ଥୀଙ୍କୁ ଛିଡା କରାଇ ନାହାଁନ୍ତି । ରାଜନୈତିକ ଦଳମାନଙ୍କର ଏଭଳି ଆଭିମୁଖ୍ୟ କେବଳ ସେମାନଙ୍କର ଦୋମୁହାଁ ନୀତିକୁ ପଦାରେ ପକାଇ ନାହିଁ, ପ୍ରତାରଣାକୁ ସ୍ପଷ୍ଟ ପ୍ରମାଣିତ କରୁଛି ବୋଲି କୁହାଯାଇପାରିବ । ଏହା ନିସନ୍ଦେହ ମହିଳା ସଂରକ୍ଷଣ ଆଇନର ଶ୍ରେୟ ନେବା ଲାଗି ଏବେ ସମସ୍ତ ରାଜନୈତିକ ଦଳମାନଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଚାଲିଥିବା ଲକ୍ଷ୍ୟ କରାଯାଏ । ଲୋକସଭା ଏବଂ ବିଧାନସଭାରେ ମହିଳା ପ୍ରତିନିଧିତ୍ୱ ସଂଖ୍ୟାବୃଦ୍ଧି ପାଇଁ କୌଣସି ରାଜନୈତିକ ଦଳର ଆନ୍ତରିକତା ନଥିବା କୁହାଯାଇପାରେ । କେବଳ ଆଇନର ବାଧ୍ୟବାଧକତା ଯୋଗୁଁ ଏହା ସମ୍ଭବ ହେବ । ମହିଳାଙ୍କ ପାଇଁ ସ୍ଥାନ ସଂରକ୍ଷଣ କେବଳ ରାଜନୈତିକ ଦଳମାନଙ୍କ ଶବ୍ଦକୋଷରେ ପରିଣତ ହୋଇଛି ପ୍ରାର୍ଥୀ ଚୟନ ବେଳେ ଜାତି, ଧର୍ମ ଓ ଲିଙ୍ଗକୁ ଗୁରୁତ୍ୱ ଦିଆଯାଉଥିବା କୁହାଯାଉଥିବା ସତ୍ତ୍ୱେ ଏଥିରେ ଅସାମନତା ଲାଗି ରହିଛି । ପୁରୁଷ କେନ୍ଦ୍ରିକ ଭାରତରେ ପୁରୁଷମାନେ ପ୍ରାଧାନ୍ୟ ପାଉଥିବାବେଳେ ମହିଳାଙ୍କ ପାଇଁ ସେତିକି ଗୁରୁତ୍ୱ ଦିଆଯାଉନାହିଁ । ବହୁ ଚର୍ଚ୍ଚିତ ମହିଳା ସଂରକ୍ଷଣ ବିଲ୍ ଆଇନରେ ପରିଣତ ହେବାପାଇଁ ଦୀର୍ଘ ୩ଦଶନ୍ଧି ଲାଗି ଯାଇନଥାନ୍ତା । ଉଲ୍ଲେଖଯୋଗ୍ୟ ଯେ, ପରାଧୀନ ଭାରତରେ ୧୯୩୧ ମସିହାରେ ମହିଳାଙ୍କ ପାଇଁ ସଂରକ୍ଷଣ ଉଦ୍ୟମ ହୋଇଥିବା ସତ୍ତ୍ୱେ ସେତେବେଳେ ଅଗ୍ରାହ୍ୟ ହୋଇଥିଲା । ସେହିପରି ୧୯୭୧ରେ ଦେଶରେ ମହିଳାଙ୍କ ସ୍ଥିତି ଜାଣିବା ପାଇଁ ଏକ କମିଶନ ଗଠନ କରାଯାଇଥିଲା କିନ୍ତୁ ଏହାର ଅଧିକାଂଶ ସଦସ୍ୟ ମହିଳାମାନଙ୍କ ପାଇଁ ସଂରକ୍ଷଣକୁ ବିରୋଧ କରାଯାଇଥିଲା । ଉଲ୍ଲେଖଯୋଗ୍ୟ ଯେ, ଏବେ ଲୋକସଭାର ୫୪୩ ଜଣ ସଦସ୍ୟଙ୍କ ମଧ୍ୟରୁ ୭୪ଜଣ ବା ୧୪ପ୍ରତିଶତ ମହିଳା ସଂଖ୍ୟା ଥିବାବେଳେ ରାଜ୍ୟସଭାର ୨୫୦ଜଣ ସଦସ୍ୟଙ୍କ ମଧ୍ୟରୁ ୪୧ଜଣ ଅର୍ଥାତ ୧୭ପ୍ରତିଶତ ହେଉଛନ୍ତି ମହିଳା । କିନ୍ତୁ ଦେଶର ପଂଚାୟତରାଜ ପ୍ରତିଷ୍ଠାନଗୁଡିକରେ ମହିଳା ପ୍ରତିନିଧିତ୍ୱ ୩୩ ପ୍ରତିଶତ କିମ୍ବା ଏହାଠାରୁ ଅଧିକ ରହିଛି । ୧୯୯୨ ମସିହାରେ ୭୩ତମ ସମ୍ବିଧାନ ସଂଶୋଧନ ବଳରେ ଦେଶର ପଂଚାୟତରାଜ ଅନୁଷ୍ଠାନଗୁଡିକ ମହିଳାଙ୍କ ପ୍ରତିନିଧିତ୍ୱ ୩୩ପ୍ରତିଶତ ବାଧ୍ୟତାମୂଳକ ହୋଇଛି । କିନ୍ତ ନିର୍ବାଚନ ରାଜନୀତି ପାଇଁ ଆବଶ୍ୟକ ମହିଳା ପ୍ରାର୍ଥୀ ମିଳୁନଥିବା ଅଭିଯୋଗ ହେଉଥିବା ବେଳେ ୨୦୨୩ ସୁଦ୍ଧା ଓଡିଶା ସମେତ ୨୧ଟି ରାଜ୍ୟ ପଂଚାୟତରାଜ ପ୍ରତିଷ୍ଠାନ ଗୁଡିକରେ ମହିଳାଙ୍କ ପାଇଁ ୫୦ପ୍ରତିଶତ ସ୍ଥାନ ସଂରକ୍ଷଣ ଆଇନ ପ୍ରଣୟନ କରି କାର୍ଯ୍ୟକାରୀ କରିଆସୁଛନ୍ତି । କିନ୍ତୁ ଚାରୋଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଂଚଳ ନିର୍ବାଚନରେ ରାଜନୈତିକ ଦଳଗୁଡିକ ଯଥେଷ୍ଟ ସଂଖ୍ୟାକ ମହିଳାଙ୍କୁ ପ୍ରାର୍ଥୀ ନକରିବା ନିଶ୍ଚିତ ଭାବେ ଏକ ବିଡମ୍ବନା ବୋଲି କୁହାଯାଇପାରିବ ।

**ସୌଭାଗ୍ୟ ରଂଜନ ମହାନ୍ତି(ରାଜା)**
*ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨ମୋ-୯୪୩୭୯୯୪୩୭୯*











# "କୀର୍ତ୍ତି ର୍ଯସ୍ୟ ସ ଜୀବତୀ"

● ଡଃ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର

"ଅନାୟାସେନ ମରଣମ୍, ବିନା ଦେନୋନ ଜୀବନମ୍
ଦେହାନ୍ତେ ତବ ସାନିଧ୍ୟମ୍, ଦେହି ମେ ପରମେଶ୍ୱରମ୍ ।"
ହେ ପ୍ରଭୁ ବିନା କଷ୍ଟରେ ମୃତ୍ୟୁ ହେଉ । ବେମାର ନ ହୋଇ, ଶେଜରେ ନ ପଡି କଷ୍ଟ ମୃତ୍ୟୁ ନ ହେଉ । ଚାଲିବା, ବୁଲିବା ଅବସ୍ଥାରେ ମୃତ୍ୟୁ ହେଉ । କାହାରି ଉପରେ ନିର୍ଭର ନ କରି ମୃତ୍ୟୁ ହେଉ ଓ ପ୍ରଭୁ ତୁମ ଦର୍ଶନ କରି ମୋର ପ୍ରାଣ ଯାଉ । ଏହା ହେଉଛି ମହାଭାରତର ଦ୍ରୋଣ ପର୍ବର ମହାବାକ୍ୟ । ଯାହାଙ୍କ ଉଦ୍ଦେଶ୍ୟରେ ଆଜିର ଶ୍ରଦ୍ଧାଞ୍ଜଳି, ସେ ହେଲେ ଜଗତସିଂହପୁର ଜିଲ୍ଲାର ଶିକ୍ଷାଦୃଷ୍ଟିରୁ ସବୁଠାରୁ ଉନ୍ନତ ଅଂଚଳ ବାଲିକୁଦା ଅଳାବୋଳ ପୂରଣର ସୁଯୋଗ୍ୟ କନ୍ୟା ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଶରଳା କାନୁନଗୋ । ୧୯୭୮ ମସିହାରେ, ସେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନଟବର ସିଂହ ସାମନ୍ତଙ୍କର ବଡ଼ ବୋହୁ ହେଲେ । ସଂସାରରେ କିଏ କେତେଦିନ ବଂଚୁଲା ତାହା ବଡ଼ କଥା ନୁହେଁ । ପୂଣ୍ୟାତ୍ମା ଗୋପବନ୍ଧୁ ସେଥିପାଇଁ ଲେଖୁଛନ୍ତି ।

"ମଣିଷ ଜୀବନ ନୁହଁଇ କେବଳ ବର୍ଷ, ମାସ, ଦିନ, ଦଣ୍ଡ, କର୍ମେ ଜୀଏ ନର, କର୍ମ ଏକାତାର, ଜୀବନର ମାନଦଣ୍ଡ ।

ଜଣେ ଶିକ୍ଷୟତ୍ରୀ ୩୬ ବର୍ଷ ଚାକିରୀ ଜୀବନରେ ସହସ୍ରାଧିକ ଛାତ୍ରଛାତ୍ରୀଙ୍କୁ ମଣିଷ କରିଛନ୍ତି, ଯାହାର ପୂଣ୍ୟଫଳ ଜଣାପଡ଼ିଲା, ଅପ୍ରେଲ ୮ ତାରିଖରେ । ଶରଳା "ମା" ଙ୍କ ବିୟୋଗରେ ଅଂଚଳବାସୀ, ଶହ ଶହ ଛାତ୍ରଛାତ୍ରୀଙ୍କ ଶୋକାକୁଳ ବିଦାୟ, କର୍ମମୟ ଜୀବନରେ କାର୍ଯ୍ୟକରିଥିବା ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀଙ୍କ ଆହାପଦ, ସେଦିନ ସିଂହଘର ପରିବାରକୁ ସମ୍ଭିଭୂତ କରିଦେଇଥିଲା । ଶାସ୍ତ୍ରକାର ମାନେ କହିଲେ "କୀର୍ତ୍ତି ର୍ଯସ୍ୟ ସ ଜୀବତୀ" କିର୍ତ୍ତୀମାନ ମଣିଷର ମୃତ୍ୟୁ ହୁଏ ନାହିଁ । ୭୨ ବର୍ଷ ଜୀବନ କାଳ ମଧ୍ୟରେ ଶ୍ରୀମତୀ ଶରଳା ସିଂହ (କାନୁନଗୋ) ବାଲ୍ୟ ଓ କିଶୋର ସମୟରେ ପରିବାରରୁ ଯେଉଁ ସଂସ୍କାର ସେ ପାଇଥିଲେ, ପ୍ରଥମେ ପିତା,




ମାତା, ଭାଇ ଭଉଣୀଙ୍କ ଠାରେ ପ୍ରୟୋଗକଲେ । ୪୮ ବର୍ଷ କାଳ ସ୍ୱାମୀଙ୍କ ପରିବାରକୁ ନିଜ ପରିବାର ଭଳି, ଶ୍ୱଶୁର ଶାଶୁଙ୍କ ଠାରେ ସମର୍ପିତ ହୋଇ ସେବା ଦେବା ସହ, ଯୁଗ୍ମ ପରିବାରର ଆବଶ୍ୟକତା ଉପରେ ସମାଜକୁ ବାର୍ତା ଦେଲେ । ୩୬ ବର୍ଷକାଳ ଶିକ୍ଷାଦାନ କରି କୁନି କୁନି ମଣିଷଙ୍କୁ ସମାଜରେ ପ୍ରତିଷ୍ଠା କଲେ । ଶ୍ରୀମତୀ ସିଂହଙ୍କ ଜୀବନ ଥିଲା ଏକ ସାର୍ଥକ ସମର୍ପିତ ଜୀବନ । ୨୦୧୨ ମସିହାରୁ ଅବସର ନେବା ପରେ ସାରା ଭାରତବର୍ଷ ଭ୍ରମଣ କରି ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ଦର୍ଶନ କଲେ, ସେଥି ପାଇଁ କାହାକୁ କଷ୍ଟ ନଦେଇ ପ୍ରଭୁ ତାଙ୍କୁ ସୁଖ ମୃତ୍ୟୁ ଦେଲେ ଓ ତାଙ୍କ ନିକଟକୁ ନେଇଗଲେ । ସେହିଭଳି ଏକ ପବିତ୍ର ଆତ୍ମାଙ୍କୁ ଆଜିର ଏକାଦଶାହରେ ମୁଁ କୋଟି କୋଟି ପ୍ରଣାମ ଜଣାଉଛି । ଓଁ ଶାନ୍ତି ଓଁ ।

*ବ୍ରହ୍ମାନନ୍ଦ ଆଶ୍ରମ, ଭୁବନେଶ୍ୱର -୭୫୧୦୧୬,*
*ମୋ-୯୩୩୭୧୧୭୪୨୯*

# ଜନଗଣନା-୨୦୨୭: ନୂଆପଡ଼ାରେ ଗୃହ ତାଲିକା ଓ ଗୃହ ଗଣନା ଆରମ୍ଭ

ନୂଆପଡା : ଜନସାଧାରଣଙ୍କ ପାଇଁ ସ୍ୱୟଂ-ଗଣନା ପ୍ରକ୍ରିୟାର ସମାପ୍ତି ପରେ ଜନଗଣନା-୨୦୨୭ର ପ୍ରଥମ ପର୍ଯ୍ୟାୟ ଅନୁସାରେ ଗୃହ ତାଲିକା ଓ ଗୃହ ଗଣନା(ହାଉସଲିଷ୍ଟିଂ ଓ ହାଉସିଂ ସେନସସ୍) କାର୍ଯ୍ୟ ଆଜି ନୂଆପଡା ଜିଲ୍ଲାରେ ସଫଳତାର ସହ ଆରମ୍ଭ ହୋଇଛି । ଜିଲ୍ଲାର ୮ଟି ଚାର୍ଜ ଅଫିସ(୫ଟି ଗ୍ରାମୀଣ ଓ ୩ଟି ସହର ଚାର୍ଜ) ଅଧୀନରେ ପ୍ରଶିକ୍ଷିତ ଗଣନାକାରୀ ଓ ପର୍ଯ୍ୟବେକ୍ଷକମାନେ କ୍ଷେତ୍ରସ୍ତରରେ କାର୍ଯ୍ୟରତ ଅଛନ୍ତି । ଏହି ଅଭିଯାନରେ ମୋଟ ୧,୧୩୮ ଜଣ ଗଣନାକାରୀ ଓ ୧୯୪ ଜଣ ପର୍ଯ୍ୟବେକ୍ଷକ ନିଯୁକ୍ତ ହୋଇଥିବାବେଳେ ଆପତ୍କାଳୀନ ପରିସ୍ଥିତି ପାଇଁ ଅତିରିକ୍ତ ୧୦ ପ୍ରତିଶତ ରିଜର୍ଭ କର୍ମଚାରୀ ମଧ୍ୟ ପ୍ରସ୍ତୁତ ରଖାଯାଇଛି । ଆଜି ସନ୍ଧ୍ୟା ୪ଟା ୩୦ ମିନିଟ ପର୍ଯ୍ୟନ୍ତ ମିଳିଥିବା ତଥ୍ୟ ଅନୁଯାୟୀ, ମୋଟ ୧୪,୬୮୪ଟି ଗୃହ ତାଲିକାଭୁକ୍ତ ହୋଇଥିବା ସହ ୧୬,୬୪୭ଟି ଜନଗଣନା ଘର ଚିହ୍ନଟ କରାଯାଇଛି । ଜିଲ୍ଲାର ସମସ୍ତ ଅଂଚଳରେ କ୍ଷେତ୍ରସ୍ତରୀୟ କାର୍ଯ୍ୟ ସୁଚାରୁ ଭାବେ ଚାଲିଥିବାବେଳେ ଏହା ନିର୍ଦ୍ଧାରିତ ସମୟସୂଚୀ ଅନୁସାରେ ଅଗ୍ରସର ହେଉଛି । ଜନଗଣନା-୨୦୨୭ର ଏହି ପ୍ରଥମ ପର୍ଯ୍ୟାୟ ୨୦୨୬ ଏପ୍ରିଲ ୧୬ରୁ ମେ ୧୫ ପର୍ଯ୍ୟନ୍ତ ୩୦ ଦିନ ଧରି ଚାଲିବ । ଏହି ସମୟରେ ଗଣନାକାରୀମାନେ ଘରେ ଘରେ ଯାଇ ଗୃହସ୍ଥିତି, ପରିବାର ବିବରଣୀ, ଉପଲବ୍ଧ ସୁବିଧା ଓ ସମ୍ପତି ସମ୍ପର୍କିତ ୩୩ଟି ପ୍ରଶ୍ନ ମାଧ୍ୟମରେ ତଥ୍ୟ ସଂଗ୍ରହ କରିବେ । ଏହିଥର ପ୍ରଥମ ଥର ପାଇଁ ସ୍ୱୟଂ-ଗଣନା ବ୍ୟବସ୍ଥା ଏପ୍ରିଲ ୧ ରୁ ୧୫ ପର୍ଯ୍ୟନ୍ତ ଚାଲିଥିଲା । ଯେଉଁ ପରିବାର ସ୍ୱୟଂ-ଗଣନା କରିଛନ୍ତି, ସେମାନେ ନିଜର ଏସଇ ଆଇଡି ଗଣନାକାରୀଙ୍କୁ ପ୍ରଦାନ କରି ପ୍ରକ୍ରିୟା ସମ୍ପୂର୍ଣ୍ଣ କରିପାରିବେ । ଯେଉଁମାନେ ଏହି ବିକଳ୍ପ ବ୍ୟବହାର କରିନାହାନ୍ତି, ସେମାନଙ୍କ ତଥ୍ୟ ଘରେ ଘରେ ସଂଗ୍ରହ କରାଯିବ । ଏହି ଜନଗଣନା ପ୍ରଥମ ଥର ପାଇଁ ସମ୍ପୂର୍ଣ୍ଣ ଡିଜିଟାଲ ପ୍ରଣାଳୀରେ ସଂପାଦିତ ହେଉଛି । ବିଶେଷ ମୋବାଇଲ୍ ଆପ୍ ମାଧ୍ୟମରେ ତଥ୍ୟ ସଂଗ୍ରହ ହେଉଥିବାରୁ ତଥ୍ୟର ସଠିକତା, ସ୍ୱଷ୍ଟତା ଓ ଦ୍ରୁତ ପ୍ରକ୍ରିୟାକରଣ ସୁନିଶ୍ଚିତ ହେଉଛି । ଦ୍ୱିତୀୟ ପର୍ଯ୍ୟାୟରେ ଜନସଂଖ୍ୟା ଗଣନା ୨୦୨୭ ଫେବୃଆରୀ ୯ ରୁ ୨୮ ତାରିଖ ପର୍ଯ୍ୟନ୍ତ ହେବ ଏବଂ ୧ରୁ ୫ ମାର୍ଚ୍ଚ ମଧ୍ୟରେ ପୁନର୍ବୀକ୍ଷଣ କରାଯିବ । ମାର୍ଚ୍ଚ ୧, ୨୦୨୭ ରାତି ୧୨ଟାକୁ ଆଧାର ମୁହୂର୍ତ୍ତ ଭାବେ ଗ୍ରହଣ କରାଯିବ । ଜନଗଣନା ଆଇନ, ୧୯୪୮ ଅନୁସାରେ ସଂଗ୍ରହିତ ସମସ୍ତ ତଥ୍ୟ କଠୋର ଭାବରେ ଗୋପନୀୟ ରହିବ ଏବଂ କେବଳ ପରିସଂଖ୍ୟାନ ଓ ବିକାଶମୂଳକ ଯୋଜନା ପ୍ରସ୍ତୁତି ପାଇଁ ବ୍ୟବହୃତ ହେବ । ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ନାଗରିକଙ୍କୁ ଏହି ଜାତୀୟ ଅଭିଯାନରେ ସକ୍ରିୟ ଭାଗ ନେଇ ଗଣନାକାରୀ ଓ ପର୍ଯ୍ୟବେକ୍ଷକମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ଅନୁରୋଧ କରାଯାଇଛି ।

# ନାରୀ ଶକ୍ତି ବନ୍ଦନ ଅଧିନିୟମ ୨୦୨୩ ପଦଯାତ୍ରା

ଖୋର୍ଦ୍ଧା : ଚିଲିକା ବିଧାନ ସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲୁଗାଁ ମହାବିଦ୍ୟାଳୟ ଚିଲିକା କୂଳରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ନାରୀ ଶକ୍ତିଙ୍କ ସଂକଳ୍ପ ପଦଯାତ୍ରା ରାଲି ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶୋଭାଯାତ୍ରାକୁ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କର ଥିଲେ । ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଚିଲିକା ପଂଚାୟତ ସମିତି ଅଧ୍ୟକ୍ଷା ଜ୍ୟୋସ୍ନା ରାଣୀ ବେହେରା, ବାଲୁଗାଁ ବିଜ୍ଞାପିତ ଅଂଚଳ ପରିଷଦ ଅଧ୍ୟକ୍ଷା ସୁକାନ୍ତି ପାଇକରାୟ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବାଣପୁର, ବିକାଶ କୁମାର ମହାନ୍ତି, ଚିଲିକା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୁନମ ମହାପାତ୍ର ଯୋଗଦେଇ ନାରୀ ଶକ୍ତି ବନ୍ଦନ କାର୍ଯ୍ୟକ୍ରମ ମହିଳା ମାନଙ୍କୁ ଆଗକୁ ବଢ଼ିବାରେ ନୂତନ ଦିଗ ଦର୍ଶନ ଦେବବୋଲି ମତ ପ୍ରକାଶ କରିଥିଲେ । ସମସ୍ତ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ଅଙ୍ଗନୱାଡ଼ି କର୍ମୀ, ସିଡିପିଓ ଚିଲିକା ଓ ବାଣପୁର ବ୍ଲକ, ବାଲୁଗାଁ ଓ ବାଣପୁର ବିଜ୍ଞାପିତ ଅଂଚଳ ପରିଷଦକୁ ନେଇ ବିଶାଳ ମହିଳା ଶୋଭାଯାତ୍ରା ଗାନ୍ଧୀ ଛକ ଠାରେ ପହଂଚିଥିଲା । ମହିଳାମାନେ ହାତରେ ବିଭିନ୍ନ ମହିଳା ଶସକ୍ତି କରଣ ବାର୍ତା ପ୍ଲାଗ କାର୍ଡ ହାତରେ ଧରି ଶୋଭାଯାତ୍ରାରେ ଚିଲିକା କୂଳରୁ ଗାନ୍ଧିଛକ ପର୍ଯ୍ୟନ୍ତ ଯାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ବାଲୁଗାଁ ବିଜ୍ଞାପିତ ଅଂଚଳ ପରିଷଦ ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ , ବାଣପୁର ବିଜ୍ଞାପିତ ଅଂଚଳ ପରିଷଦ ନିର୍ବାହୀ ଅଧିକାରୀ ସ୍ମୃତିରଞ୍ଜନ ସାହୁ, ଚିଲିକା ବ୍ଲକ୍ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ମଧୁସ୍ମିତା ଶତପଥୀ, ଡିପିସି, ମିଶନ ଶକ୍ତି,ଉପଖଣ୍ଡ ପୋଲିସ ଅଧିକାରୀ, ବାଲୁଗାଁ, ବାଲୁଗାଁ ଥାନା ଅଧିକାରୀ, ବାଲୁଗାଁ ବିଜ୍ଞାପିତ ଅଂଚଳ ପରିଷଦ ସମସ୍ତ କାଉଁସିଲର, ବାଲୁଗାଁ ବିଜ୍ଞାପିତ ପରିଷଦ ସମସ୍ତ ମହିଳା କର୍ମଚାରୀ, ବାଲୁଗାଁ ମହାବିଦ୍ୟାଳୟ ଅଧାପିକା ଓ ଗଣ ମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ ।

# ଡାଏଟରେ ରକ୍ତଦାନ ଶିବିର ଆୟୋଜିତ : ୩୫ ୟୁନିଟ୍ ରକ୍ତ ସଂଗୃହିତ



ବାରିପଦା : ମୁର୍ଗାବାଡି ସ୍ଥିତ ଜିଲ୍ଲା ଶିକ୍ଷା ଓ ତାଲିମ ପ୍ରତିଷ୍ଠାନ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ଓ ଅତିଥି ଭାବେ ଯୋଗଦେଇ ପୂର୍ବତନ ଅଧ୍ୟକ୍ଷ ଅନାଦି ବିନ୍ଧାଣି, ସମାଜସେବୀ ଅମର କୁମାର ସେଠି ଓ ସୋମନାଥ ସିଂହ ଏହି ଶିବିରକୁ ଉଦଘାଟନ କରିବା ସହ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ ଓ ପ୍ରତିଷ୍ଠାନର ଅଧ୍ୟକ୍ଷ ପ୍ରମୋଦ କୁମାର ଡାକୁଆଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି ଶୁବିରରେ ନିଜେ ଅଧ୍ୟକ୍ଷ ଶ୍ରୀ ଡାକୁଆ, ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ଅଭିମନ୍ୟୁ ବେହେରା ଓ ଜଗେଶ୍ୱର ଘୋଷ ମହାପାତ୍ର ତଥା ଶିକ୍ଷକ ପ୍ରଶିକ୍ଷକ ଭବେଶ ଚନ୍ଦ୍ର ଦେହୁରୀ, ଦିଲ୍ଲୀପ କୁମାର ସିଂ, ସୂର୍ଯ୍ୟେନ୍ଦୁ ଦାସ, ସଂଜୀବ କୁମାର ପାତ୍ର ଓ ସେକ୍ସନ ଅଫିସର ବନ କୁମାରୀ ସିଂ ପ୍ରମୁଖ ରକ୍ତଦାନ କରି ଛାତ୍ରଛାତ୍ରୀମାନଙ୍କୁ ରକ୍ତଦାନ କରିବା ପାଇଁ ଉତ୍ସାହିତ କରିଥିଲେ । ଏହି ଶିବିରରେ ମୋଟ ୩୫ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଅନେକ ଛାତ୍ରଛାତ୍ରୀ ଉତ୍ସାହର ସହ ପ୍ରଥମ ଥର ପାଇଁ ରକ୍ତଦାନ କରିଥିଲେ ଓ ଓଡିଶା ରକ୍ତ କେନ୍ଦ୍ର, ବାରିପଦା ର ମେଡିକାଲ ଅଫିସର ଡଃ ନୀଲେଶ ଦାସଙ୍କ ନେତୃତ୍ୱରେ ପାର୍ଥସାରଥୀ ମହାନ୍ତ, ଛବି ମହାନ୍ତ, ପ୍ରଫୁଲ୍ଲ ମାଝୀ, ଶମ୍ଭୁନାଥ ପଲେଇ ରକ୍ତ ସଂଗ୍ରହ କରିଥିଲେ ଓ ରକ୍ତକେନ୍ଦ୍ର ତରଫରୁ ସମସ୍ତ ରକ୍ତଦାତା ଓ ଅନୁଷ୍ଠାନକୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା ଓ ଶିକ୍ଷକ ପ୍ରଶିକ୍ଷିକା ଲିପିକା ଦାସ, ସାଗରିକା ମହାପାତ୍ର ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ବଳାଙ୍ଗୀ ମହୋତ୍ସବ ଉଦ୍‌ଘାଟିତ

## ❋ କଳା ସଂସ୍କୃତି ହିଁ ଗୋଟିଏ ଭୂଖଣ୍ଡର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ
## ❋ ଓଡ଼ିଶୀ, ଛଉ, ସମ୍ବଲପୁରୀ ନୃତ୍ୟରେ ଝୁମିଲେ ଦର୍ଶକ

ବାରିପଦା : ପବିତ୍ର ମହା ବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବ ବର୍ଷ ପାଳନ ଉପଲକ୍ଷେ ବାରିପଦା ଠାରେ ମୟୁରଭଞ୍ଜର ମହାନ ଗଣପର୍ବ ବଳାଙ୍ଗୀ ମହୋତ୍ସବ ଉଦଘାଟିତ ହୋଇ ଯାଇଛି. ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଉଦଘାଟକ ତଥା ମୁଖ୍ୟ ଅତିଥି ଭାବରେ ମୟୁରଭଞ୍ଜ ମହାରାଜା ତଥା ପୂର୍ବତନ ମନ୍ତ୍ରୀ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ସମ୍ମାନିତ ଅତିଥି ଭାବରେ ମୟୁରଭଞ୍ଜ ଆଇନ ମହାବିଦ୍ୟାଳୟ ର ଅଧ୍ୟକ୍ଷ ଡ଼. ରଞ୍ଜନ କୁମାର ତରେଇ, ଜିଲ୍ଲା






ଓକିଲ ସଙ୍ଘର ସଭାପତି ଜ୍ୟୋତି ପ୍ରକାଶ ରଥ, ସମ୍ପାଦକ ବିପ୍ଳବ କୁମାର ବାରିକ, ମହୋତ୍ସବ କମିଟିର ଅଧ୍ୟକ୍ଷ ଅରବିନ୍ଦ ଦାସ ପ୍ରମୁଖ ଯୋଗଦେଇ କଳା ସଂସ୍କୃତି ହିଁ ଗୋଟିଏ ଭୂଖଣ୍ଡର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ ବୋଲି କହିବା ସହିତ ବାରିପଦା ଠାରେ ବୁଢାବଳଙ୍ଗ, ଚିପଟ ଏବଂ ଇଟାଯୋଡି ନଦୀର ତ୍ରିବେଣୀ ସଙ୍ଗମ ସ୍ଥଳୀରେ ଦୀର୍ଘ ୨୪ ବର୍ଷ ଧରି ପାଳିତ ହୋଇ ଆସୁଥିବା ବଳାଙ୍ଗୀ ମହୋତ୍ସବ ମୟୁରଭଞ୍ଜ ଜିଲ୍ଲାରେ କଳା ସଂସ୍କୃତିର ସୁରକ୍ଷା ଏବଂ ସମୃଦ୍ଧି ପାଇଁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରି ଆସୁଛି ବୋଲି କହିଥିଲେ. ସହ ସମ୍ପାଦକ ଡ଼. ଶଶୀଧର ବିଶ୍ୱାଳ ମଂଚ ପରିଚାଳନା କରିଥିବା ବେଳେ, ପଣ୍ଡିତ ଭାଗବତ ପଣ୍ଡା ମଙ୍ଗଳା ଚରଣ ପାଠ କରିଥିଲେ. ଏହି ଅବସରରେ ଶ୍ରୀ ଶ୍ରୀ ଅନନ୍ତ ନାରାୟଣଙ୍କ ପୂଜା ଯଜ୍ଞ, ଓଡ଼ିଆ ନବବର୍ଷ ପାଳନ, ବିଭିନ୍ନ ବର୍ଗର କଳାକାର ମାନଙ୍କର ନୃତ୍ୟ ସହ ଜିଲ୍ଲା ତଥା ଜିଲ୍ଲା ବାହାରୁ ବହୁ ସାଂସ୍କୃତିକ ଦଳ ଯୋଗଦେଇ ସେମାନଙ୍କର କଳା କୌଶଳ ପ୍ରଦର୍ଶନ କରିଥିଲେ. ଓଡିଶୀ ନୃତ୍ୟ ଏବଂ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ମତୁଆଲା କରିଥିଲା. ବଳାଙ୍ଗୀ ସେନାର କୁମାରେଶ ନାୟକ, ମିଥୁନ ବାରିକ, ସନତ ବାରିକ, ଦିଲ୍ଲୀପ ପାତ୍ର, ପ୍ରକାଶ କାନ୍ତି, ରୋହିତ ବେହେରା, ମନୋରଞ୍ଜନ ବାରିକ ପ୍ରମୁଖଙ୍କ ନେତୃତ୍ୱରେ ବହୁ ସ୍ୱେଚ୍ଛାସେବୀ ମେଳା ପରିଚାଳନାରେ ସହଯୋଗ କରିଥିଲେ. ଶେଷରେ ମହୋତ୍ସବ କମିଟିର ସମ୍ପାଦକ ଦୀପକ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ.

# ଧାମନଗର ପୂଜ୍ୟପୂଜା ସାଂସ୍କୃତିକ ପରିଷଦର ତୃତୀୟ ପ୍ରତିଷ୍ଠା ଦିବସ ଓ କବିତା ପାଠୋତ୍ସବ

ଭଦ୍ରକ : ଜିଲାର ଧାମନଗର ସ୍ଥିତ ଅବଦୁଲ କଲାମ ପାଠାଗାର କେନ୍ଦ୍ର ପରିସରରେ ଧାମନଗର ପୂଜ୍ୟପୂଜା ସାଂସ୍କୃତିକ ପରିଷଦର ତୃତୀୟ ପ୍ରତିଷ୍ଠା ଦିବସ ଓ କବିତା ପଠୋତ୍ସବ ଏବଂ ମହାବିଷୁବ ପଣା ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପୂଜ୍ୟପୂଜା ସାଂସ୍କୃତିକ ପରିଷଦର ସଭାପତି ତଥା ହାଇକୋର୍ଟ ବରିଷ୍ଠ ଆଇନଜୀବୀ ଦେବାଶିଷ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମହାପାତ୍ର ପ୍ରାରମ୍ଭିକ ସୂଚନା ସହ ପରିଷଦର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସାମ୍ବାଦିକ ସୁଧାକର ଦାଶ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାମ୍ବାଦିକ ସେକ ଜାଫର ଅଲ୍ଲୀ ଓ ସୁଶାନ୍ତ କୁମାର ରାଉତ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ମଂଚକୁ ଆମନ୍ତ୍ରଣ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଧାମନଗର ଥାନା ଅଧିକାରୀ ସୁବ୍ରଜିତ ଦାଶ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ ଯେ ଯେଉଁ ଜାତି ନିଜର ପୂର୍ବଜ ଓ ଗୁଣୀଜ୍ଞାନୀଙ୍କୁ ସମ୍ମାନ ଦିଏ, ସେହି ଜାତି ହିଁ ପ୍ରଗତି ପଥରେ ଆଗେଇଥାଏ । ପୂଜ୍ୟପୂଜା କେବଳ ଏକ ପରମ୍ପରା ନୁହେଁ, ବରଂ ଏହା ଆମ ସଂସ୍କୃତିର ମୂଳଦୁଆ ବୋଲି ଅଧିକାରୀ ଶ୍ରୀ ଦାଶ କହିଛନ୍ତି । ମୁଖ୍ୟବକ୍ତା ଭାବେ ବ୍ଲକ କଳାକାର ସଂଘର ଉପସଭାପତି ଗୁରୁଶ୍ରୀ ସୁବାଷ ଚନ୍ଦ୍ର ମଲ୍ଲିକ ଯୋଗ ଦେଇ ଓଡ଼ିଆ ଅସ୍ମିତା ଓ ସଂସ୍କୃତି ଉପରେ ଗୁରୁତ୍ୱ ଦେଇ କହିଥିଲେ ଯେ'ଓଡ଼ିଆ ନବବର୍ଷ ଓ ପଣା ସଂକ୍ରାନ୍ତି ଆମର ପରିଚୟ । ଆଜିର ଆଧୁନିକତା ଭିତରେ ଆମେ ନିଜର ଚେରକୁ ଭୁଲିଯିବା ଉଚିତ ନୁହେଁ । ପୂଜ୍ୟ ପୂଜା ମାଧ୍ୟମରେ ଆମେ ଆମର ମହାନ ଜନନାୟକ ଓ ସାରସ୍ୱତ ସାଧକମାନଙ୍କ ଆଦର୍ଶକୁ ନୂତନ ପିଢ଼ି ପାଖରେ ପହଂଚାଇବା ଆବଶ୍ୟକ ରହିଛି ବୋଲି ଶ୍ରୀ ମଲ୍ଲିକ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ, ବରିଷ୍ଠ ନାଗରିକ ପରିଷଦର ସଭାପତି ଅନିଲ ବାରିକ,ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା ପ୍ରମୁଖ ଯୋଗଦେଇ ଓଡ଼ିଆ ସଂସ୍କୃତିର ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ । ସାହିତ୍ୟିକ ଓ ସାମ୍ବାଦିକ ରସାନନ୍ଦ ମହାପାତ୍ର, ମନୋଜ କୁମାର ଜେନା, ମନୋଜ କୁମାର ସିଂହ, ଅଭିମନ୍ୟୁ ମଲିକ, ଚିତରଞ୍ଜନ ଦାଶ, ମହେଶ୍ୱର ସ୍ୱାଇଁ, ନିରାକାର ଧଳ, ଭାବଗ୍ରାହୀ ଖୁଂଟିଆ, ରାମଚନ୍ଦ୍ର ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସାମ୍ବାଦିକ ମନୋଜ କୁମାର ଦାସ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସାମ୍ବାଦିକ ଗୋଲାମ ଜିଲାନି ହବିବି, ସଞ୍ଜୀବ ମହାନ୍ତି, ସରୋଜ ଖୁଂଟିଆ ପ୍ରମୋଦ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ସାମ୍ବାଦିକ କୃଷ୍ଣ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରୀରାମ ବନଗମନ ପଥ ଯାତ୍ରାସାଧୁସନ୍ଥଙ୍କ ଆଗମନ: ପବିତ୍ରସ୍ଥଳୀ ମାନଙ୍କର ଉନ୍ନତି ପାଇଁ ଦାବି

ମାଲକାନଗିରି :ଅଯୋଧ୍ୟା ଠାରୁ ରାମେଶ୍ୱର ପର୍ଯ୍ୟନ୍ତ ଚାଲୁଥିବା ଶ୍ରୀରାମ ବନଗମନ ପଥ ଯାତ୍ରା ସନ୍ଦର୍ଭରେ ଆଜି ମାଲକାନଗିରି ଜିଲ୍ଲାରେ ସାଧୁସନ୍ଥମାନଙ୍କ ଆଗମନ ହୋଇଥିଲା । ଏହି ଯାତ୍ରା ଭଗବାନ ଶ୍ରୀରାମଙ୍କ ୧୪ ବର୍ଷର ବନବାସ ସମୟରେ ଯେଉଁ ପଥରୁ ସେ ଗତି କରିଥିଲେ, ସେହି ପୌରାଣିକ ଓ ଐତିହ୍ୟମୟ ପଥକୁ ପୁନର୍ଜୀବିତ କରିବା ଓ ଲୋକମାନଙ୍କ ମଧ୍ୟରେ ଧାର୍ମିକ ସଚେତନତା ସୃଷ୍ଟି କରିବାକୁ ଉଦ୍ଦିଷ୍ଟ । ଏହି ପବିତ୍ର ଯାତ୍ରା ମାଧ୍ୟମରେ ସନ୍ତମାନେ ଭଗବାନ ଶ୍ରୀରାମଙ୍କ ଆଦର୍ଶ, ଧର୍ମ, ନୀତି ଓ ସେବାଭାବର ସନ୍ଦେଶ ସାରା ଦେଶରେ ପ୍ରଚାର କରୁଛନ୍ତି । ସେହିପରି, ଭାରତର ବିଭିନ୍ନ ସ୍ଥାନରେ ଥିବା ରାମାୟଣ ସଂପୃକ୍ତ ପବିତ୍ର ସ୍ଥଳୀମାନଙ୍କର ଗୁରୁତ୍ୱକୁ ଉଜାଗର କରିବା ଓ ସେଗୁଡ଼ିକୁ ଧାର୍ମିକ ପର୍ଯ୍ୟଟନ କେନ୍ଦ୍ର ଭାବେ ଉନ୍ନତ କରିବା ମଧ୍ୟ ଏହାର ଲକ୍ଷ୍ୟ । ଯାତ୍ରା ସମୟରେ ସେମାନେ ଓଡ଼ିଶାର କୋରାପୁଟ ଜିଲ୍ଲାର ପ୍ରସିଦ୍ଧ ଗୁପ୍ତେଶ୍ୱର ଧାମ ସହିତ ମାଲକାନଗିରି ଜିଲ୍ଲାର ଆମାକୁଣ୍ଡ, ଖଇରପୁଟ ବ୍ଲକର ମୁଦୁଲିପଡ଼ା ସ୍ଥିତ ସୀତାକୁଣ୍ଡ, ମାଲକାନଗିରି ନଗରର ମଲିକେଶ୍ୱର ଶିବମନ୍ଦିର ଦର୍ଶନ କରିଥିଲେ । ପରେ ସେମାନେ ମୋଟୁ ଏବଂ ସିଲେରୁ-ସାବେରୀ ସଙ୍ଗମରେ ପବିତ୍ର ସ୍ନାନ କରି ତେଲେଙ୍ଗାନା ରାଜ୍ୟ ଦେଇ ନିଜ ଆଗାମୀ ଯାତ୍ରା ଜାରି ରଖିଥିଲେ । ଏହି ଯାତ୍ରା ଅଂଚଳର ଧାର୍ମିକ ଓ ଐତିହ୍ୟମୂଳକ ମହତ୍ୱକୁ ଆଲୋକିତ କରୁଥିବା ବେଳେ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଭକ୍ତିଭାବ ଓ ଉତ୍ସାହର ପରିବେଶ ସୃଷ୍ଟି କରିଛି । ସ୍ଥାନୀୟ ଶ୍ରଦ୍ଧାଳୁମାନେ ଓ ମନ୍ଦିର କାର୍ଯ୍ୟକର୍ତା ମାନେ ମାଲକାନଗିରି ଜିଲ୍ଲାର ପବିତ୍ର ସ୍ଥାନମାନଙ୍କର ଉନ୍ନତି ପାଇଁ ପ୍ରଶାସନଙ୍କୁ ଦୃଷ୍ଟିଆକର୍ଷଣ କରିଛନ୍ତି । ପିଇବା ପାଣି, ବିଦ୍ୟୁତ୍ ବ୍ୟବସ୍ଥା, ପୂଜକମାନଙ୍କ ଯଥୋଚିତ ଦରମା ଏବଂ ଭୋଗ ପାଇଁ ଆବଶ୍ୟକ ଅର୍ଥ ବ୍ୟବସ୍ଥା ସହ ସ୍ଥାନମାନଙ୍କର ପ୍ରଚାର-ପ୍ରସାର ଜରୁରୀ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି । ଏହା ଦ୍ୱାରା ଆଗାମୀ ପିଢ଼ୀ ଆମର ସମୃଦ୍ଧ ଇତିହାସ ଓ ପରମ୍ପରା ବିଷୟରେ ଅବଗତ ହେବେ । ଏହି ଅବସରରେ ପଶ୍ଚିମ ବଙ୍ଗର ସିଲିଗୁଡ଼ିର ରାମାନନ୍ଦ ସ୍ୱାମୀଜୀ, ବିହାରର ମୁଜାଫରପୁରର ଅମୀୟ ଭୂଷଣଙ୍କ ସହ ସ୍ଥାନୀୟ କାର୍ଯ୍ୟକର୍ତାମାନେ ଉପସ୍ଥିତ ଥିଲେ ।

# କୋଟିଆରେ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷାଙ୍କ ଗସ୍ତ: ପୋଷଣ ଓ ଶିକ୍ଷା ବ୍ୟବସ୍ଥାର ତୃଣମୂଳ ସମୀକ୍ଷା

ଜୟପୁର : କୋରାପୁଟ ଜିଲ୍ଲାର ସୀମାନ୍ତ ଅଂଚଳ କୋଟିଆରେ ଶିଶୁ ମାନଙ୍କ ସାମଗ୍ରିକ ବିକାଶ ଓ ପୋଷଣ ସୁବିଧାର ସମୀକ୍ଷା କରିଛନ୍ତି ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ର ଅଧ୍ୟକ୍ଷା ବବିତା ପାତ୍ର । ଗୁରୁବାର (ଏପ୍ରିଲ ୧୬) ଦିନ କୋରାପୁଟ ଜିଲ୍ଲା ଗସ୍ତ ଅବସରରେ ସେ କୋଟିଆ ପଂଚାୟତ ପରିଦର୍ଶନ କରି ସେଠାରେ ଚାଲିଥିବା ବିଭିନ୍ନ ସରକାରୀ ଯୋଜନାର ଅନୁଧ୍ୟାନ କରିଛନ୍ତି । ରାଜ୍ୟବ୍ୟାପୀ ପାଳିତ ହେଉଥିବା ଅଷ୍ଟମ ପୋଷଣ ଅଭିଯାନ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଆୟୋଜିତ ଏକ ବିଶାଳ ସଚେତନତା ଶୋଭାଯାତ୍ରାରେ ସେ ସାମିଲ ହୋଇ ଗ୍ରାମବାସୀଙ୍କ ମଧ୍ୟରେ ପୁଷ୍ଟିସାର ଖାଦ୍ୟ ଓ ସ୍ୱାସ୍ଥ୍ୟ ପ୍ରତି ସଚେତନତା ସୃଷ୍ଟି କରି ଥିଲେ । ବିଶେଷ କରି ସେଠାକାର ମହିଳାମାନଙ୍କ ସହ ସିଧାସଳଖ ଆଲୋଚନା କରି ଗର୍ଭବତୀ ଓ ପ୍ରସୂତି ମାନଙ୍କ ସ୍ୱାସ୍ଥ୍ୟ ଏବଂ ଶିଶୁମାନଙ୍କ ସଠିକ୍ ପାଳନ ପୋଷଣ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ । ଏହି ଗସ୍ତ କାଳରେ ଶ୍ରୀମତୀ ପାତ୍ର କୋଟିଆ ସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ସେଠାକାର ଭିତିଭୂମି ଓ ପିଲାମାନଙ୍କୁ ପ୍ରଦାନ କରାଯାଉଥିବା ସୁବିଧା ଅସୁବିଧାର ତଦାରଖ କରିଥିଲେ । ସ୍ଥାନୀୟ ଅଂଚଳର କୌଣସି ବି ଶିଶୁ ଯେପରି ଶିକ୍ଷା ଗ୍ରହଣରୁ ବଂଚିତ ନ ହୁଅନ୍ତି, ସେଥିପାଇଁ ସେ ଗୁରୁତ୍ୱ ଦେଇଥିଲେ । ଏହି ଦିଗରେ ରାଜ୍ୟ ସରକାର, ଜିଲ୍ଲା ପ୍ରଶାସନ ଏବଂ ଶିଶୁ ଅଧିକାର ଆୟୋଗ ସବୁବେଳେ ସଜାଗ ଓ ପ୍ରତିବଦ୍ଧ ଅଛନ୍ତି ବୋଲି ସେ ମତବ୍ୟକ୍ତ କରିଥିଲେ । ଶିକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିବାକୁ ଯାଇ ସେ କୋଟିଆ ସରକାରୀ ଉଚ୍ଚ ବିଦ୍ୟାଳୟ, ବିଦ୍ୟାଳୟ ପରିସରରେ ଥିବା ଛାତ୍ରାବାସ ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ପରିଦର୍ଶନ ସମୟରେ ବିଦ୍ୟାଳୟ ରେ ଥିବା କେତେକ ସମସ୍ୟା ତାଙ୍କ ନଜରକୁ ଆସିଥିଲା, ଯାହାର ତୁରନ୍ତ ନିରାକରଣ ପାଇଁ ସେ ଉପସ୍ଥିତ ଜିଲ୍ଲା ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । କୋଟିଆର ପ୍ରାକୃତିକ ସୌନ୍ଦର୍ଯ୍ୟ ସହ ସେଠାକାର ପରିମଳ ଓ ସ୍ୱଚ୍ଛ ପରିବେଶକୁ ଦେଖି ଅଧ୍ୟକ୍ଷା ବେଶ ପ୍ରଶଂସା କରିଥିଲେ ।ଏହି ଗସ୍ତ ସମୟରେ ଅଧ୍ୟକ୍ଷାଙ୍କ ସହିତ ପଟ୍ଟାଙ୍ଗୀ ବିଡିଓ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ , ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ , ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ର ଆଇନ୍ ଅଧିକାରୀ ଉପସ୍ଥିତ ଥିଲେ । ପରବର୍ତୀ ଅପରାହ୍ନ ସମୟରେ କୋରାପୁଟ ଜିଲ୍ଲା ସଦଭାବନା ଗୃହରେ ଜିଲ୍ଲାପାଳଙ୍କ ଆବାହନରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ସମୀକ୍ଷା ବୈଠକରେ ଅଧ୍ୟକ୍ଷା ନିଜର ଗସ୍ତ ବିବରଣୀ ଓ ବିଭିନ୍ନ ସୁବିଧା ଅସୁବିଧା ଆଦି ଆଲୋଚନା କରିବା ସହ ଶିଶୁ ଅଧିକାର ସମ୍ବନ୍ଧୀୟ ନିର୍ଦ୍ଦେଶ ଆଦି ଦେଇଥିଲେ । ଏହି ସମୀକ୍ଷା ବୈଠକରେ ଉପରିସ୍ଥ ଅଧିକାରୀ ମାନଙ୍କ ସହିତ ଜିଲ୍ଲାର ଅନ୍ୟାନ୍ୟ ପଦାଧିକାରୀ ମାନେ ଉପସ୍ଥିତ ଥିଲେ ।




# ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ସମନ୍ୱୟ ବୈଠକ ଅନୁଷ୍ଠିତ



ଖୋର୍ଦ୍ଧା(ନିପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ୍ୱାନ ସମ୍ମିଳନୀ କକ୍ଷରେ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧକ୍ଷତାରେ ଆସନ୍ତା ତା ୨୧.୦୪.୨୬ରିଖରେ ଖୋର୍ଦ୍ଧା ଜିଲ୍ଲାର ମା 'ବରୁଣେଇ ପୀଠରେ ଅନୁଷ୍ଠିତ ହେବାକୁ ଥିବା ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଆୟୋଜନକୁ ସଫଳ କରିବା ନିମିତ ବିଭାଗୀୟ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗ ରୁ ଦିଆଯାଇଥିବା ତାଲିକା ଅନୁଯାୟୀ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀଙ୍କ ଦ୍ୱାରା ଚୟନ କରାଯାଇଥିବା ଯୋଗ୍ୟ ହିତାଧିକାରୀ ମାନଙ୍କ ବିବାହ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା ଆର୍ଥିକ ଦୁର୍ବଳ ପରିବାର ମାନଙ୍କୁ କନ୍ୟା ବିବାହ ପାଇଁ ସହାୟତା ପ୍ରଦାନ, ସମାଜରେ ଶିଶୁ ବିବାହକୁ ରୋକିବା ଓ ବିଧି ସମ୍ମତ ବୟସ ବିବାହକୁ ପ୍ରୋତ୍ସାହନ ଦେବା, ନାରୀ ମାନଙ୍କ ସମ୍ମାନ ଓ ସୁରକ୍ଷାକୁ ବଢ଼ାଇବା, କନ୍ୟା ସନ୍ତାନ ମାନଙ୍କ ପ୍ରତି ସାକାରତ୍ମକ ମନୋଭାବ ଗଢି ଉଠିବା, ସମାଜର ଲିଙ୍ଗଗତ ସମାନତାକୁ ଶକ୍ତିଶାଳୀ କରାଇବା ଏବଂ ସମାଜରେ ଯୌତୁକ ପ୍ରଥା ବିରୋଧରେ ସଚେତନତା ସୃଷ୍ଟି କରିବା ଭଳି ଯୋଜନାର ମହତ ଉଦ୍ଦେଶ୍ୟ ରହିଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେଉରା ପ୍ରକାଶ କରିଥିଲେ । ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ପରିଚାଳନାରେ ସ୍ୱେଚ୍ଛାସେବୀ ସଂଗଠନ ପିପୁଲ୍ସ ଫୋରମ୍, ବିଭିନ୍ନ ଲାଇନ୍ ଡିପାର୍ଟମେଂଟ ବିଭାଗ ଯଥା ଅଗ୍ନିଶମ ସେବା, ସ୍ୱାସ୍ଥ୍ୟ, ପୋଲିସ ପ୍ରଶାସନ, ଓ୍ୱାଟକୋ, ଟି ପି ସି ଓ ଡି ଏଲ, ପୌର ପରିଷଦ, ଖୋର୍ଦ୍ଧା, ସଫାସୂତରା ଆଦି ବିଭିନ୍ନ କାର୍ଯ୍ୟ ଓ ଅତ୍ୟାବଶ୍ୟକ କାର୍ଯ୍ୟ ସମ୍ପାଦନ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଉକ୍ତ ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ଉପ ଜିଲ୍ଲାପାଳ, ଖୋର୍ଦ୍ଧା ସଂକଳ୍ପ ସ୍ୱସ୍ତିକ ସାହୁ, ଉପଜିଲ୍ଲାପାଳ, ଭୁବନେଶ୍ୱର ଡ଼ଃ ମନୋରଞ୍ଜନ ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଖୋର୍ଦ୍ଧା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଖୋର୍ଦ୍ଧା, ଲକ୍ଷ୍ମଣ କୁମାର ବେହେରା, ଡେପୁଟୀ କଲେକ୍ଟର, ସାରା ମଲ୍ଲିକ, ସ୍ୱିଟୀ ସୋରେନ, ଆସିଷ୍ଟାଂଟ କଲେକ୍ଟର ରଷବ୍ ତ୍ରିପାଠୀ, ଇପ୍ସିତା ସାହୁ, ଅତିରିକ୍ତ ଅଗ୍ନିଶମ ସେବା ଅଧିକାରୀ ମୀନକେତନ ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ, ଚୌଧୁରୀ ଅରବିନ୍ଦ ଦାସ, ବ୍ଲକ୍ ଉନ୍ନୟନ ଅଧିକାରୀ, ଖୋର୍ଦ୍ଧା ସିଦ୍ଧାର୍ଥ ପଟ୍ଟନାୟକ ଙ୍କ ସମେତ ବରିଷ୍ଠ ଅଧିକାରୀ ମାନେ ଯୋଗ ଦେଇଥିଲେ କ୍ଷ ବୈଠକକୁ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କୁସୁମ କୁମାରୀ ପ୍ରହରାଜ ପରିଚାଳନା କରିଥିବା ବେଳେ ପି ଓ ସୌଦାମିନୀ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ

# ଦୁଇ ଦିନିଆ ଅଷ୍ଟପ୍ରହରୀ ନାମ ସଂକୀର୍ତନ ଉଦ୍‌ଯାପିତ



ବାଲିଆପାଳ(ନିପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ତଳ ବାଲିଆପାଳ ଗ୍ରାମରେ ୪ ଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ । ଦୁଇ ଦିନିଆ ଅଷ୍ଟପ୍ରହରୀ ନାମ ସଂକୀର୍ତନ ଶନିବାର ଉଦଯାପିତ ହୋଇ ଯାଇଛି । ଉଦ୍‌ଯାପନ ଉତ୍ସବରେ ସଂକୀର୍ତନ ମଣ୍ଡଳୀ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।ନାରାୟଣପୁର ଦୁର୍ଗାମାତା ସଂକୀର୍ତନ ମଣ୍ଡଳୀ ପ୍ରଥମ ହୋଇଥିବା ବେଳେ ତାଡଦା ସଂକୀର୍ତନ ମଣ୍ଡଳୀ ଦ୍ୱିତୀୟ ହୋଇ ପୁରସ୍କାର ଓ ଟ୍ରଫି ଗ୍ରହଣ କରିଥିଲେ । ସେହିପରି ସଂଗୀତ ନୃତ୍ୟ, ବାଦ୍ୟରେ କୃତି କଳାକାର ମାନଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ତଳବାଲିଆପାଳ ଗ୍ରାମ୍ୟ କମିଟିର ସଭାପତି ମୁରଲୀ ମୋହନ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବାଲିଆପାଳ କଳାକାର ସଂଘର ସଭାପତି ତଥା ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସର ପ୍ରାପ୍ତ ଶିକ୍ଷକ ଝାଡେଶ୍ୱର ପ୍ରଧାନ, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ତଥା ସମାଜସେବୀ ଅଜୟ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଗୋପାଳ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିବା ସହିତ କୃତି ସଂକୀର୍ତନ ମଣ୍ଡଳୀ ଓ କୃତି ପ୍ରତିଯୋଗିଙ୍କୁ ପୁରସ୍କାର ବିତରଣ କରିଥିଲେ ।ଅଷ୍ଟ ପ୍ରହରୀ ନାମ ସଂକୀର୍ତନ ସହିତ ମା ଭଗବତୀଙ୍କ ପୂଜା ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କମିଟି ସମ୍ପାଦକ ଅରୁଣ କୁମାର ରଣଜିତ, ଦିବାକର ଧଳ, କାର୍ତ୍ତିକ ଧଳ, କାଳିଚରଣ ଜେନା, ମଂଟୁ ପ୍ରଧାନ, ଅବିନାଶ ପାତ୍ର, ବିକାଶ ପାତ୍ର, କମଳାକାନ୍ତ ପ୍ରାମାଣିକ, ସଦାଶିବ ଧଳ, ଅମୂଲ୍ୟ ନାୟକଙ୍କ ସହିତ ଗ୍ରାମର ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ଉତ୍ସବ ସମାପନ ହୋଇଥିଲା ।

# ସକାଳ ୭ଟା ରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ହେବ

କଟକ(ନିପ୍ର): ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲାରେ ବିଭିନ୍ନ ଅଂଚଳ ଓ ବ୍ଲକ ମାନଙ୍କରେ ପ୍ରତ୍ୟହ ସୋମବାର ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେଉଅଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ସୋମବାର ୨୦ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସକାଳ ୭ ଘଟିକା ସମୟରେ ଆରମ୍ଭ ହୋଇ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଚାଲିବ । ଅଭିଯୋଗକାରୀମାନେ ଏହି ସମୟରେ ଉପସ୍ଥିତ ରହି ନିଜ ଅଭିଯୋଗଗୁଡିକ ସମାଧାନ ନିମନ୍ତେ ପଞ୍ଜିକରଣ କରାଇ ଶୃଙ୍ଖଳିତ ଭାବେ ଅଭିଯୋଗ ଶୁଣାଣିରେ ଭାଗ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ଏହି ଶିବିରରେ ବରିଷ୍ଠ ତଥା ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିବେ ।

# ରବୀନ୍ଦ୍ର କୁମାର ଲାଇବ୍ରେରୀର ୭୭ତମ ବାର୍ଷିକ ଉତ୍ସବ

କଟକ(ନିପ୍ର): ଓଡିଶାର ସର୍ବ ପୁରାତନ ସହର ତିନିକୋଣିଆ ବଗିଚାରେ ରବୀନ୍ଦ୍ର କୁମାର ଲାଇବ୍ରେରୀ ଅବସ୍ଥିତ ।ଏହା ୧୭ ଏପ୍ରିଲ ୧୯୪୯ମସିହାରେ ପ୍ରତିଷ୍ଠା ହୋଇଥିଲା । ଏହା ସରକାରୀ ରେଜିଷ୍ଟ୍ରୀଭୁକ୍ତ ଏବଂ ରାଜା ରାମ ମମୋହନ ରାୟ ଲାଇବ୍ରେରୀ ଫାଉଣ୍ଡେସନ (କୋଲକାତା) ଦ୍ୱାରା ଅନୁଦାନ ପ୍ରାପ୍ତ ଅନୁଷ୍ଠାନ । ଏହି ଲାଇବ୍ରେରୀରେ ଅଦ୍ୟାବଧି ଗ୍ରନ୍ଥ ସଂଖ୍ୟା ୩୫,୦୦୦ ୦୦ ।



ପ୍ରତି ବର୍ଷ ଲାଇବ୍ରେରୀ ତାର ଜନ୍ମ ଜୟନ୍ତୀ ଉତ୍ସବ ପାଳନ କରି ଆସୁଅଛି । ଚଳିତ ବର୍ଷ ଶତାବ୍ଦୀ ଭବନରେ ୭୭ତମ ଜନ୍ମ ଉତ୍ସବ ଅବସରରେ ସାଂସ୍କୃତିକ କାର୍ଯକ୍ରମର ଆୟୋଜନ ହୋଇଥିଲା, ଯାହା ଅତ୍ୟନ୍ତ ମନୋରମ ଓ ସଂସ୍କୃତି ସଂପନ୍ନ ହୋଇଥିଲା । ଏହି ବର୍ଷ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅବସର ପ୍ରାପ୍ତ ଅଧାପକ ଶ୍ରୀଯୁକ୍ତ ନଟବର ଶତପଥୀ ଉପସ୍ଥିତ ହୋଇ କହିଲେ ଯେ ଲାଇବ୍ରେରୀ ଏକମାତ୍ର ଦିକଦର୍ଶକ ଓ ପଥପ୍ରଦର୍ଶକ ଅଟେ । ଏହା ଜ୍ଞାନର ଗନ୍ତଘର । ସମ୍ପାଦକ ଶ୍ରୀ ସନ୍ଦୀପ କୁମାର ମିତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଆଜି ଦିନରସଭାର ସଭାପତିତ୍ୱ କରିଥିଲେ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ଡକ୍ଟର ଅକ୍ଷୟ କୁମାର ମିଶ୍ର । ଲାଇବ୍ରେରୀର ସଦସ୍ୟା ବିଶ୍ୱ ବିନିତା ସାମଲ ଧନ୍ୟବାଦ୍ ଅର୍ପଣ କରିଥିଲେ । ଝିନୁକ ଦତରାୟଙ୍କ ନିର୍ଦ୍ଦେଶନାରେ ସଭା ପରିଚାଳନା , ଶ୍ରୀମତୀ ବସୁମଲ୍ଲିକଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ଓ ପରିଶେଷରେ ଶ୍ରୀମତୀ ଶାନ୍ତ୍ୱନା ରାୟଙ୍କ ପରିଚାଳନାରେ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ସଙ୍ଗୀତାନୁଷ୍ଠାନରେ ଶ୍ରୀମତୀ ରାଖୀ ସେନ, ଇତୁ ମିତ୍ର, ଶ୍ରୀମାନ ଅଗ୍ନିତ୍ର ସେନ ଓ ଶ୍ରୀମାନ ସୌମ୍ୟ ରଂଜନ ସ୍ୱାଇଁ ପ୍ରମୁଖ ଓ ନୃତ୍ୟରେ ବିଶିଷ୍ଟ ନୃତ୍ୟାଙ୍ଗନା ଏବଂ ମାନିନୀ ସାଂସ୍କୃତିକ କଳା ପରିଷଦର ଶୈବାଳିନୀ ତ୍ରିପାଠୀ ଓ ତାଙ୍କ ଅନୁଷ୍ଠାନର ନୃତ୍ୟ ଶିକ୍ଷୀମାନେ ବିଦଗ୍ଧ ଦର୍ଶକ ମାନଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ମୁଗ୍ଧ କରିଥିଲେ ।

# ଶେଷ ପର୍ଯ୍ୟାୟରେ ବାଲେଶ୍ୱର ଜିଲାସ୍ତରୀୟ ନିଯୁକ୍ତି ମେଳା ପ୍ରସ୍ତୁତି

ବାଲେଶ୍ୱର: ବାଲେଶ୍ୱର ଜିଲା ସ୍ତରୀୟ ନିଯୁକ୍ତି ମେଳା ୨୦୨୫-୨୬ ନିମନ୍ତେ ପ୍ରସ୍ତୁତି ଏବେ ଶେଷ ପର୍ଯ୍ୟାୟରେ ପହଁଚିଛି । ସ୍ୱାସ୍ଥ୍ୟ ବିଭାଗ, ଜଳ ସମ୍ପଦ ବିଭାଗ ଓ କୃଷି ବିଭାଗର ପୂର୍ବରୁ ଅପେକ୍ଷାରତ ଓ ମନୋନୀତ ଏବଂ ନୂତନ ପ୍ରାର୍ଥୀପ୍ରାର୍ଥୀନୀମାନଙ୍କୁ ଏହି କାର୍ଯ୍ୟକ୍ରମରେ ନିଯୁକ୍ତି ପତ୍ର ବଂଟନ କରାଯିବ । ସେହିପରି ସମସ୍ତ ଯୋଗ୍ୟ ପ୍ରାର୍ଥୀପ୍ରାର୍ଥୀନୀଙ୍କ ତାଲିକା ଆସନ୍ତା ଅପ୍ରେଲ ୨୭ ତାରିଖ ପୂର୍ବରୁ balasore.odisha.gov.in ସାଇଟ୍‌ରେ ପ୍ରକାଶ ପାଇବେ । ଅପରପକ୍ଷରେ ଆସନ୍ତା ମେ ୫ ତାରିଖରେ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇ ୩ଟି ବିଭାଗର ପ୍ରାୟ ୧୭୬୮ ଜଣଙ୍କୁ ନିଯୁକ୍ତି ପତ୍ର ମିଳିବ । ତଦ୍‌ପରେ ସେମାନଙ୍କୁ ଖୁବ୍ ଶୀଘ୍ର ନିଜ ନିଜର କାର୍ଯ୍ୟସ୍ଥଳୀରେ ଯୋଗ ଦେବା ପାଇଁ ନିର୍ଦ୍ଦେଶ ରହିଛି । ଓଡ଼ିଶାର ଦକ୍ଷତା ବିକାଶ ପ୍ରାଧିକରଣ ଓ ସ୍ୱାସ୍ଥ୍ୟସେବା ନିମନ୍ତେ ବାଲେଶ୍ୱର ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ମେଳା ରେମୁଣା ସ୍ଥିତ ଫକୀରମୋହନ ମେଡ଼ିକାଲ କଲେଜ ପରିସରରେ ଅନୁଷ୍ଠିତ ହେବ । ଏହି ଅବସରରେ ସ୍ୱାସ୍ଥ୍ୟ ବିଭାଗର ୯୮୮, ଜଳ ସମ୍ପଦ ବିଭାଗର ୩୭୧ଜଣ ଓ କୃଷି ବିଭାଗରେ ୪୦୯ ଜଣଙ୍କୁ ନିଯୁକ୍ତି ପତ୍ର ବଂଟନ କରାଯିବା ନେଇ ସ୍ଥିର ହୋଇଛି । ଏହି ନିଯୁକ୍ତି ମେଳା କାର୍ଯ୍ୟକ୍ରମରେ ମାନ୍ୟଗଣ୍ୟ ଜନପ୍ରତିନିଧି, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଏବଂ ଜିଲା ପ୍ରଶାସନିକ ଅଧିକାରୀଙ୍କ ସମେତ ୩ଟି ବିଭାଗର କର୍ତ୍ତୃପକ୍ଷ ଉପସ୍ଥିତ ରହି ଯୋଗ୍ୟ ପ୍ରାର୍ଥୀପ୍ରାର୍ଥୀନୀମାନଙ୍କୁ ନିଯୁକ୍ତିପତ୍ର ବଂଟନ କରିବେ । ସୂଚନା ଯେ, ବେକାରୀ ସମସ୍ୟା ଦୂରୀକରଣ ଓ ବିଭାଗଗୁଡ଼ିକରେ ଦେଖାଦେଉଥିବା ସମସ୍ୟାର ସମାଧାନ ନିମନ୍ତେ ଏହି ୩ଟି ବିଭାଗରେ ଫାଙ୍କା ପଡ଼ିଥିବା ପଦପଦବୀଗୁଡ଼ିକ ପୂରଣ କରାଯାଉଛି । ଫଳରେ ବିଭାଗ ଗୁଡ଼ିକରେ ଦେଖାଦେଉଥିବା ସମସ୍ୟା ଏକପ୍ରକାର ଦୂର ହେବ ବୋଲି ଆଶା କରାଯାଉଛି ।

# ଉତରେଶ୍ୱର ସେଂଟ ଜାଭିୟରସ ହାଇସ୍କୁଲ ପରୀକ୍ଷାରେ ଶତ ପ୍ରତିଶତ ସଫଳତା

ସୋର(ନିପ୍ର): ସୋରର ଏକମାତ୍ର ସିବିଏସସି ସ୍ୱୀକୃତି ପାତ୍ର ଉତରେଶ୍ୱର ସେଂଟ ଜାଭିୟରସ ହାଇସ୍କୁଲର ଚଳିତ ବାର୍ଷିକ ବୋର୍ଡ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି । ବିଦ୍ୟାଳୟର ସମସ୍ତ ୭୪ ଜଣ ଛାତ୍ର ଛାତ୍ରୀ କୃତିତ୍ୱର ସହ ସଫଳତା ହାସଲ କରିଥିବା ବେଳେ ଛାତ୍ରୀ ସ୍ନେହା ସାହା (୯୬%) ଛାତ୍ର ହର୍ଷିତ୍ ପ୍ରିୟଦର୍ଶନ (୯୫.୬) ଓ ବିଜୁସ୍ମିତା ଦୀକ୍ଷିତ(୯୫. ୪ %) ନମ୍ବର ରଖି ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏଥି ପାଇଁ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଚେୟାରମେନ ଇଂ ବନମାଳୀ ଦାସ, ନିର୍ଦ୍ଦେଶକ ଅଶୋକ କୁମାର ମହାନ୍ତି ଓ ସଂପାଦିକା ଅନିନ୍ଦିତା ମହାନ୍ତି ବିଦ୍ୟାଳୟର କୃତି ଛାତ୍ର ଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଉତରୋତର ଉନ୍ନିତି କାମନା କରିଛନ୍ତି ଓ ଅଧକ୍ଷ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମୀ ମାନକୁ ଏହି ସଫଳତା ପାଇଁ ଶ୍ରେୟ ଦେବା ସହିତ ଅଭିନନ୍ଦନ ଜଣାଇଛନ୍ତି ।

# ବିଜୁ ଜନତା ଦଳ ତରଫରୁ ବିଜୁ ବାବୁଙ୍କ ତୀରଧାନ ଦିବସ ପାଳିତ



ବୈଶିଙ୍ଗା(ନିପ୍ର): ବିଶିଷ୍ଟ ରାଜନେତା, ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପୁଣ୍ୟତିଥିରେ ବେତନଟୀ ଡାକ ବଙ୍ଗଳା ଠାରେ ବ୍ଲକ ସଭାପତି ରାଜୀବ ସେନାପତିଙ୍କ ଅଧକତା ରେ ଅନୁଷ୍ଠିତ ହଇଯାଇଅଛି । ଏହି କାର୍ଯ୍ୟକ୍ରମ ରେ ବେତନଟୀ ର ୩୫ ନମ୍ବର ଜୋନ ଜିଲ୍ଲା ପରିଷଦ ବିଶ୍ୱନାଥ ହେମ୍ବ୍ରମ, ୩୬ ନମ୍ବର ଜୋନ ଜିଲ୍ଲା ପରିଷଦ ସବିତା ଦାସ, ୩୭ ନମ୍ବର ଜୋନ ଜିଲ୍ଲା ପରିଷଦ ଧାନୀକିସ୍କୁ, ବରିଷ୍ଠ ବିଜେଡି ନେତା ଜ୍ୟୋତି କାନ୍ତ ସାମଲ, ଇଂ. ସୁଶାନ୍ତ ବୋଳା, ହରେକୃଷ୍ଣ ବେହେରା, ରାଜେନ ଦାସ ଶ୍ରୀଧର ପଣ୍ଡିତ, ପରେଶ ବେହେରା, ସୁନ୍ଦର ମହାନ୍ତ, ତପନ ଭାଇ, କିଶୋର କୁମାର ନାୟକ, ଚିନୁ ନନା, ଓ ବ୍ଲକ ଛାତ୍ର ସଭାପତି ମନୀସ କୁମାର ଗିରି ଙ୍କ ସମେତ ମାନୁ ସାହୁ, ସୌରଭ ପରିଡା, ଅମର ପଣ୍ଡା, ଜୀବନ ଦାଶ, ସଞ୍ଜୟ ହାଁସଦା, ଆଶିଷ ବେହେରା, ଭୀଷ୍ମ ମହାନ୍ତ, ଡାକ୍ତର ବେହେରା ଇତ୍ୟାଦି ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସାଫଲ୍ୟ ମଣ୍ଡିତ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ବିଜୁ ବାବୁଙ୍କ ଫଟରେ ପୁଷ୍ପମାଳ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା ଏବଂ ତା ସହିତ ବେତନଟୀ ଡାକ୍ତର ଖାନା ରେ ରୋଗୀଙ୍କୁ ଫଳ ବଂଟନ କରାଯାଇଥିଲା ।

# ଆକ୍ରମଣକାରୀଙ୍କୁ ଗିରଫ ଦାବିରେ କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ଜଳେଶ୍ୱର(ନିପ୍ର): ସୁବର୍ଣ୍ଣରେଖା ନଦୀର ସେକସରାଇ ଗାଁ ନିକଟରୁ ବେଆଇନ ବାଲି ଉତୋଳନ ବିରୁଦ୍ଧରେ ସ୍ୱର ଉଠାଇଥିବା ହରିପଦ ମାନ୍ନାଙ୍କ ଉପରେ ଗତ ଏପ୍ରିଲ ୧୦ ତାରିଖରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣା ରେ ପୁଲିସର ନିଷ୍କ୍ରିୟତାକୁ ଦାୟୀକରି କଂଗ୍ରେସ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି କ୍ଷ ତାଙ୍କ ଘର ନିକଟରେ ତାଙ୍କ ବେକକୁ ଭୁଜାଲିରେ ହାଣି ଜୀବନରୁ ମାରିଦେବା ପାଇଁ ଉଦ୍ୟମ ହୋଇଥିବା ବେଳେ ଏବେବି କଟକ ବଡ଼ ଡାକ୍ତରଖାନାରେ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି କ୍ଷ ଆକ୍ରମଣକୁ ୮ ଦିନ ବିତିଥିଲେ ମଧ୍ୟ ୧୨ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଜଣକୁ ଛାଡି ଅନ୍ୟ ମୁଖ୍ୟ ଆକ୍ରମଣକାରି ଦୁର୍ବୃତ ମାନଙ୍କୁ ପୁଲିସ ଗିରଫ କରିନାହିଁ । ସୂଚନାଯୋଗ୍ୟ ଏପ୍ରିଲ ୮ ତାରିଖରେ ଓଡିଶା ସରକାରଙ୍କ ଲଘୁ ଖଣିଜ ନିର୍ଦ୍ଦେଶକ ଡ଼ କାହ୍ନୁ ଧୀର ବାଲେଶ୍ୱର ଏସ ପି ଙ୍କୁ ଏକ ଚିଠି ମାଧ୍ୟମରେ ଶ୍ରୀ ମାନ୍ନା ଙ୍କ ପୁଅ ଚନ୍ଦନ ମାନ୍ନା, ତାଙ୍କ ପରିବାର ବର୍ଗ ତଥା ଗ୍ରାମବାସୀ ଙ୍କ ଉପରେ ବାଲି ମାଫିଆ ମାନଙ୍କ ଆକ୍ରମଣ ର ସମ୍ଭାବନା ରହିଛି ବୋଲି ଜଣାଇବା ସହିତ ତାଙ୍କୁ ସୁରକ୍ଷା ଦେବା ପାଇଁ ଉଲ୍ଲେଖ କରିଥିଲାବେଳେ ବାଲେଶ୍ୱର ଏସ ପି ତାକୁ ଦୃଷ୍ଟି ଦେଇନଥିଲେ ଫଳରେ ତାର ଦୁଇ ଦିନ ପରେ ହରିପଦ ମାନ୍ନାଙ୍କ ଉପରେ ଆକ୍ରମଣ ହେଲା । ସମସ୍ତ ଘଟଣା ପ୍ରଶାସନିକ ଅଧିକାରୀ ମାନଙ୍କ ଛତ୍ରଛାୟାରେ ହେଉଥିବା ଅଭିଯୋଗ କରି ଆଜି ସେଖସରାଇ ଠାରେ କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀ ରେ କ୍ଷୋଭ ପ୍ରକାଶ କରାଯାଇଛି । ମାରାଣନ୍ତକ ଆକ୍ରମଣର ଶିକାର ହୋଇଥିବା ହରିପଦ ମାନ୍ନାଙ୍କୁ ନ୍ୟାୟ , ଆକ୍ରମଣ କାରି ମାନଙ୍କୁ ଗିରଫ, ବାଲି ମାଫିଆ କବଳରୁ ନଦୀ ଓ ଲୋକଙ୍କୁ ସୁରକ୍ଷା ଦେବା, ଓ ସ୍ଥାନୀକ୍ଷ ପୁଲିସର ନିଷ୍କ୍ରିୟତା ବିରୁଦ୍ଧରେ ଡିଜିଙ୍କୁ ଭେଟିବା ସହିତ ଏହା ବିରୁଦ୍ଧରେ କଂଗ୍ରେସ ଜନ ଆନ୍ଦୋଳନ କରିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି । ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତା ସୁଦର୍ଶନ ଦାସ, ମଧୁସୂଦନ ଦାସ, ବ୍ଲକ କଂଗ୍ରେସ ସଭାପତି ହେମନ୍ତ ଗିରି, ଜଗଦିଶ ନନ୍ଦୀ, ସୌଭିକ ଜେନା, ସ୍ନେହଲତା ମାନ୍ନା, ନରେଶ ଚନ୍ଦ୍ର ଦାସ, ସୁବଳ ସାହୁ, ପୂର୍ଣଚନ୍ଦ୍ର ସାହୁ, ଜୟନ୍ତ ପରିଡା, ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜୁ ଜନତା ଦଳ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକ ପାଳିତ

ନୟାଗଡ଼(ନିପ୍ର): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ନୟାଗଡ଼ ଜିଲ୍ଲା ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଗମ୍ଭୀର ପରିବେଶରେ ପାଳିତ ହୋଇଯାଇଛି । ନୟାଗଡ଼ ଜିଲ୍ଲାର ନିର୍ବାଚନ ମଣ୍ଡଳୀ ବିଜେଡି ସଭାପତି ଗଙ୍ଗାଧର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁ ଯୋଗ ଦେଇଥିଲେ । ଏହି ଅବସରରେ ନୟାଗଡ଼ ବ୍ଲକ ଅଧକ୍ଷ ଶ୍ରୀ କିଶୋର ଚନ୍ଦ୍ର ସାହୁ, ଓଡ଼ଗାଁ ବ୍ଲକ ଅଧକ୍ଷ ଶ୍ରୀ ଲୋକନାଥ ସାହୁ, ନୟାଗଡ଼ ପୌର ପରିଷଦ ଅଧକ୍ଷା ଶ୍ରୀମତୀ ନିରୁପମା ଖଟେଇ, ଉପାଧକ୍ଷ ଗୁରୁପ୍ରସାଦ ଜେନା,



ବିଜୁ ଜନତା ଦଳର ଜିଲ୍ଲା ମହିଳା ସଭାପତି ତଥା ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ବିରଜାଲକ୍ଷ୍ମୀ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ଶ୍ରୀ ସୁବାଷ ଚନ୍ଦ୍ର କଅଁର, କ୍ଷୀରୋଦ କୁମାର ମହାପାତ୍ର, ଶ୍ରୀ ସରୋଜ କୁମାର ରଣସିଂହ, ବିଜେଡ଼ି ବ୍ଲକ୍ ସଭାପତି ଶ୍ରୀ ଭଞ୍ଜ ବାବୁ, ବିଜୁ ଯୁବ ଜନତା ଦଳର ଜିଲ୍ଲା ସଭାପତି ଶ୍ରୀ ଦୁର୍ଯ୍ୟୋଧନ ବେହେରା, ପୂର୍ବତନ ଛାତ୍ର ସଭାପତି ଶ୍ରୀ ନୀଳମାଧବ ପଣ୍ଡା ଓ ସଂଖ୍ୟା ଲଘୁ ସେଲର ସଭାପତି ଶ୍ରୀ ଏସ.କେ. ନଇମ୍ ପ୍ରମୁଖ ଉପସ୍ଥିତ ଥିଲେ । ସମସ୍ତ ଅତିଥିମାନେ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ଏବଂ ତାଙ୍କ ଦେଶପ୍ରେମ, ଦୃଢ଼ ନେତୃତ୍ୱ ଓ ଓଡ଼ିଶାର ଉନ୍ନତି ପାଇଁ ଅମୂଲ୍ୟ ଅବଦାନ ବିଷୟରେ ସୁଚିନ୍ତିତ ମତବ୍ୟକ୍ତ କରିଥିଲେ । ସଭା ଶେଷ ପରେ ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଗସ୍ତ କରି ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ରୋଗୀମାନଙ୍କୁ ଫଳ ବ[ନ କରିଥିଲେ । ଏହା ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରିଣୀ ଶ୍ରୀମତୀ ପୁଷ୍ପା ଲାକ୍ରାଙ୍କ ସହ ଭେଟ କରି ରୋଗୀମାନଙ୍କୁ କିପରି ଉତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ ତାହା ନେଇ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବିଜୁ ପଟ୍ଟନାୟକଙ୍କ ଆଦର୍ଶକୁ ଅନୁସରଣ କରି ସମାଜସେବାରେ ନିଯୁକ୍ତ ରହିବାକୁ ସମସ୍ତେ ସଙ୍କଳ୍ପ ଗ୍ରହଣ କରିଥିଲେ ।





# ପରିତ୍ୟକ୍ତ ଅବସ୍ଥାରେ ସତିସ୍ତୁପ

ନୂଆପଡ଼ା, (ନି.ପ୍ର) ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହର ପ୍ରାଚୀନ ଇତିହାସ ର ମହନୀୟ ସଂସ୍କୃତି, ଐତିହ୍ୟ କୀର୍ତିରାଜି ମାଟି ତଳେ ପୋତି ହୋଇ ନିଜ ଉଜ୍ଜୀବିତ ଅପେକ୍ଷାରେ । ଖଡ଼ିଆଳ ସହରରେ ଅନେକ ଗୁଡ଼ାଏ ପ୍ରାଚୀନ କୀର୍ତି ଦଣ୍ଡାୟମାନ । ଦଧିବାମନ ମନ୍ଦିର ୧୨ ଶତାବ୍ଦୀ, ଗୁଡେଲ ବନ୍ଧ,ସହ ବୁଦ୍ଧିଆଡଙ୍ଗର ନିକଟରେ ସ୍ୱର୍ଣ୍ଣ ମୁଦ୍ରା ମିଳିବା, ନବନାକ ଗ୍ରାମ, ତ୍ରିବନ୍ଧ ଶିବ ମନ୍ଦିର, ଯୋଗୀମଠ ଭଳି ଐତିହ୍ୟ ରହିଅଛି । ସେଥିମଧରେ ଖଡ଼ିଆଳ ସହର ମଧରେ ଏକ ସତୀସ୍ତୁପ ରହିଅଛି । ଆଜକୁ ୨୫୦ ବର୍ଷରୁ ଉର୍ଦ୍ଧ ହୋଇଥିବା କଂସାରୀ ପରିବାର ମହିଳା ତାଙ୍କ ସ୍ୱାମୀ ମୃତ୍ୟୁ ପରେ ସେହି ଚିତାଗ୍ନି ରେ ଝାସ ଦେଇଥିବା ତାଙ୍କ ପରିବାର ଏବଂ ଗବେଷକ,ଐତିହାସିକ ମାନେ ମତ ଦେଇଛନ୍ତି । ସତୀ ଗୁଡ଼ିର କୌଣସି ଲେଖା ନଥିବା ବେଳେ ଗବେଷଣା ଆବଶ୍ୟକ ରହିଅଛି । ସତୀଦାହ ପ୍ରଥା ଏକ କଳୁଷିତ ଅଧ୍ୟାୟ ୧୮୨୭ ମସିହାରେ ରାଜା ରାମ ମୋହନ ରାୟ ଙ୍କ ଦ୍ୱାରା ବନ୍ଦ ହୋଇଥିବା ବେଳେ ଖଡ଼ିଆଳ ସହରରେ ଏହା ମିଳିବା ଏକ ଦୂଲଭ ଅଟେ । ଏହାର ରକ୍ଷଣାବେକ୍ଷଣ କରିବା ସହ ଐତିହାସିକ କିମ୍ବଦନ୍ତୀର ସୁରକ୍ଷା ଏବଂ ସ୍ମୃତି ଉଦ୍ଧେଶ୍ୟ ରେ ପଦକ୍ଷେପ ନେବା ଆବଶ୍ୟକ ହୋଇଅଛି ।

# ୭୫ତମ ଭୂଦାନ ଦିବସରେ ଉକ୍ରଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ସମ୍ମିଳନୀ



କଟକ : (ନି.ପ୍ର)ଉକ୍ରଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ପ୍ରାଦେଶିକ ସର୍ବୋଦୟ ସମାଜ ସମ୍ମିଳନୀ ଭୂଦାନ ଦିବସ ଅବସରରେ ସ୍ଥାନୀୟ ଗୁଣନିଧି ଭବନ ଥୋରିଆସାହିଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ରଳ ସର୍ବୋଦୟ ମଣ୍ଡଳର ସଭାପତି କୈଳାସ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଓଡ଼ିଶାର ସର୍ବୋଦୟ ଲୋକସେବକ, ସର୍ବୋଦୟ ମିତ୍ର ତଥା ଜିଲ୍ଲା କର୍ମକର୍ତାମାନେ ଯୋଗ ଦେଇଥିଲେ । ସର୍ବସେବା ସଂଘ ଅଧ୍ୟକ୍ଷ ଶ୍ରୀ ଆଦିତ୍ୟ ପଟ୍ଟନାୟକ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସଙ୍ଗେ ସଙ୍ଗେ ୭୫ ବର୍ଷର ଭୂଦାନ ଆରୋହଣ ଯାତ୍ରା ସମ୍ପର୍କରେ କହିଥିଲେ । ୧୪ ବର୍ଷ ମଧ୍ୟରେ ସାରା ଦେଶରେ ବିନୋବା ଓ ତାଙ୍କର ସାଥୀମାନେ ପଦଯାତ୍ରା କରି ୪୭ ଲକ୍ଷ ୩୨ ହଜାର ହେକ୍ଟର ଜମି ଦାନ ସୂତ୍ରରେ ପାଇଥିଲେ । ଯାହା ଭୂମିହୀନ ଗରିବ ଲୋକଙ୍କୁ ବଂଟନ କରାଯାଇଥିଲା ବୋଲି ସେ କହିଥିଲେ । ଏହି ସଭାରେ ଅନ୍ୟତମ ବକ୍ତାଭାବେ ଅଧିବକ୍ତା ଗୁରୁ ମହାନ୍ତି, ସାହିତ୍ୟିକ ଭାଗବତ ଶୁକ୍ଳ, ରଚନାତ୍ମକ କର୍ମୀ ସୁନୀତି ଦାସ,କଟକ ଜିଲ୍ଲା ସର୍ବୋଦୟ ମଣ୍ଡଳ ସଭାପତି ଡାକ୍ତର ରବି ରଞ୍ଜନ ସାହୁ, ଯାଜପୁର ଜିଲ୍ଲା ସର୍ବୋଦୟ ମଣ୍ଡଳ ସଭାପତି କୁଳମଣି ଶୁକ୍ଳ, ପୁରୀ ଜିଲ୍ଲା ସର୍ବୋଦୟ ମଣ୍ଡଳ ସଭାପତି ଉମାବଲ୍ଲଭ ମହାପାତ୍ର, ଉକ୍ରଳ ସମ୍ମିଳନୀ ସଭାପତି ଡକ୍ଟର ଅଦ୍ୱୈତ ପାତ୍ର ପ୍ରଭୃତି ଯୋଗଦେଇ ଭୂଦାନ ଆନ୍ଦୋଳନର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଅନ୍ୟ ସମସ୍ତ ଜିଲ୍ଲାର କର୍ମକର୍ତାମାନେ ସେମାନଙ୍କର ବକ୍ତବ୍ୟ ରଖିଥିଲା ବେଳେ ରବିନ୍ଦ୍ରନାଥ ମହାନ୍ତି, ଖଗେଶ୍ୱର ବଳ, ଗୋବିନ୍ଦ ଓଝା, ଚୂଡାମଣି ସାହୁ, ଭକ୍ତ ବତ୍ସଳ ମହାନ୍ତି, ଅନ୍ତର୍ଯ୍ୟାମୀ ରଥ, ଗଙ୍ଗାଧର ଦନ୍ତା, ଶୁଭେନ୍ଦୁ ରାଉତରାୟ,ସ୍ନେହାଂସୁ ଜେନା, ଗୋବିନ୍ଦ ସେଠୀ, ରେଣୁକା ସାହୁ ଆଦି ଲୋକସେବକ ଓ ରଚନାତ୍ମକ କର୍ମୀମାନେ ଭୂଦାନ ଦିବସ ଓ ବିନୋବାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।ପ୍ରାରମ୍ଭରେ ମଣ୍ଡଳର ସଭାପତି ଶ୍ରୀ ସାହୁ ଭୂଦାନ ଦିବସର ପୃଷ୍ଠଭୂମି ଓ ଆନ୍ଦୋଳନର ସଫଳତା ବିଷୟରେ ବର୍ଣ୍ଣନା କରିଥିଲେ । ସମ୍ପାଦକ ରମାକାନ୍ତ ମଣ୍ଡଳ ସ୍ୱାଗତ ପ୍ରଦାନ କରିଥିଲେ । ମଣ୍ଡଳର କୋଷାଧ୍ୟକ୍ଷ ଶ୍ରୀ ରମାକାନ୍ତ ନାଥ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ୮ ଜଣ ଭୂଦାନ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସର୍ବୋଦୟ ସମାଜର ରାଜ୍ୟ ସଂଯୋଜକ ଶ୍ରୀମତୀ ଅଞ୍ଜନା ଦାସଙ୍କୁ ମନୋନୀତ କରାଯାଇଥିଲା । ଏହି ସଭାରେ ହରମୋହନ ପଟ୍ଟନାୟକଙ୍କ ଢେଙ୍କାନାଳ ଆନ୍ଦୋଳନ ଏବଂ ରମାକାନ୍ତ ନାଥ ଙ୍କ ବିନୋବାଙ୍କ ପୌନାରକୁ ଲୋକାର୍ପିତ କରିଥିଲେ । ପରିଶେଷରେ ରମାକାନ୍ତ ନାଥ ଭୂଦାନରୁ ଭୂମୁକ୍ତି ବିଷୟରେ ଆଲୋକପାତ କରି ଧନ୍ୟବାଦ ଅର୍ପଣ କରିଥିଲେ ।

# କଟକରେ ୬୧ତମ ବାର୍ଷିକ ଧାନ ଗୋଷ୍ଠୀ ବୈଠକ ଅନୁଷ୍ଠିତ



କଟକ:(ନି.ପ୍ର ) ବିଦ୍ୟାଧରପୁରସ୍ଥିତ ଆଇସିଏଆର କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନ କଟକ ପକ୍ଷରୁ ଶୁକ୍ରବାର ଠାରୁ ଚାରିଦିନ ବ୍ୟାପି ୬୧ତମ ବାର୍ଷିକ ଧାନ ଗବେଷକ ମାନଙ୍କର ଜାତୀୟ ସମ୍ମିଳନୀ ଆରମ୍ଭ ହୋଇଛି । ଏଆରଜିଏମ୍ ଧାନ ଉପରେ ସର୍ବଭାରତୀୟ ସମନ୍ୱିତ ଗବେଷଣା ପ୍ରକଳ୍ପ ଅଧୀନରେ ଧାନ ଗବେଷଣା କାର୍ଯ୍ୟକଳାପର ସମୀକ୍ଷା ଏବଂ ରଣନୈତିକ ଯୋଜନା ପାଇଁ ଏକ ପ୍ରମୁଖ ଜାତୀୟ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିଥିଲା, ଦେଶର ବିଭିନ୍ନ ସ୍ଥାନରୁ ପ୍ରାୟ ୪୦୦ ରୁ ଉର୍ଦ୍ଧ୍ୱ ବୈଜ୍ଞାନିକମାନେ ଏହି ସମ୍ମିଳନୀରେ ଯୋଗଦେଇ ପରିବର୍ତିତ ଜଳବାୟୁ କୁ ଦୃଷ୍ଟିରେ ରଖି କିପରି ଆଧୁନିକ ଜ୍ଞାନ କୌଶଳ ପ୍ରୟୋଗ କରି ଅଧିକରୁ ଅଧିକ ଫସଲ ଉତ୍ପନ୍ନ କରିହେବ ସେ ସମ୍ପର୍କରେ ସମ୍ମିଳନୀରେ ଆଲୋଚନା କରାଯାଇଛି ।ଭାରତୀୟ କୃଷି ଗବେଷଣା ପରିଷଦର ମହାନିର୍ଦ୍ଦେଶକ, ଡକ୍ଟର ମାଙ୍ଗି ଲାଲ ଜାଟ ମୁଖ୍ୟ ଅତିଥି ଭାବରେ ଆଭାସୀ ମାଧ୍ୟମରେ ଯୋଗଦେଇ ଦେଇଥିଲେ, ନୂଆଦିଲ୍ଲୀସ୍ଥିତ ଆଇ ସି ଏ ଆରର ଉପ ମହାନିର୍ଦ୍ଦେଶକ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମଟି ପରିଚାଳନା ହୋଇ ଡକ୍ଟର ଡି.କେ. ଯାଦବଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଟି ପରିଚାଳନା ହୋଇଥିଲା । ଆଇସିଏଆର ର ସହକାରୀ ମହାନିର୍ଦ୍ଦେଶକ ଡକ୍ଟର ଏସ.କେ. ପ୍ରଧାନ; ଏବଂ ଆଇସିଏଆର-ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନ, ନୂଆଦିଲ୍ଲୀର ପୂର୍ବତନ ନିର୍ଦ୍ଦେଶକ ଡକ୍ଟର ଏ.କେ. ସିଂହ, ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ଓଡକ୍ଟର ଡି.କେ. ଯାଦବ, ଉପ-ମହାନିର୍ଦ୍ଦେଶକ ପ୍ରକାଶ କରିଛନ୍ତି ଯେ ଗତ ବର୍ଷରେ ଧାନ ଉତ୍ପାଦନ ଉତ୍ସାହଜନକ ଥିଲା, ଯାହା ବିଭିନ୍ନ ଧାନ ଚାଷ ଅଂଚଳରେ ଗ୍ରହଣ କରାଯାଇଥିବା ଉନ୍ନତ ପ୍ରଯୁକ୍ତିବିଦ୍ୟା ଏବଂ ଦକ୍ଷ ଫସଲ ପରିଚାଳନା ଅଭ୍ୟାସର ସକାରାତ୍ମକ ପ୍ରଭାବକୁ ଦର୍ଶାଉଛି ଓ ଡକ୍ଟର ଏ.କେ. ସିଂହ ଧାନ ଶସ୍ୟର ଜେନେଟିକ୍ ଉନ୍ନତିର ଗୁରୁତ୍ୱ ଉପରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ ଏବଂ ଖର୍ଚ-ପ୍ରଭାବଶାଳୀ ବିହନ ପ୍ରଯୁକ୍ତିବିଦ୍ୟାର ବିକାଶ ମାଧ୍ୟମରେ ଧାନ ଉତ୍ପାଦନ ବୃଦ୍ଧି କରିବା ପାଇଁ ରଣନୀତିର ରୂପରେଖ ପ୍ରସ୍ତୁତ କରିଥିଲେ ଓ ସେ ପଡ଼ି ରହିଥ?ବା ଜମିକୁ ବ୍ୟବହାର କରି ଚାଉଳ ଚାଷ ବୃଦ୍ଧି କରିବାର ଅପାର ସମ୍ଭାବନା ଉପରେ ମଧ୍ୟ ଆଲୋକପାତ କରିଥିଲେ ଏବଂ ବାସ ମତୀ ଏବଂ ଅଣ-ବାସମତୀ ଉଭୟ ଚାଷ ପ୍ରଣାଳୀରେ ଅଗ୍ରଗତି ବିଷୟରେ ଆଲୋଚନା କରିଥିଲେ ଓ ଡକ୍ଟର ଏସ.କେ. ପ୍ରଧାନ, ଏଡିଜି (ଏଫଏଫସି), ଜିନୋମ ସହାୟକ ପ୍ରଜନନର ଗୁରୁତ୍ୱପୂର୍ଣ ଭୂମିକା, ବିବିଧ ଜର୍ମପ୍ଲାଜମ ସମ୍ବଳର ଅନ୍ତର୍ଭୁକ୍ତି ।ସଂଯୋଜକ ଡକ୍ଟର ଏମ.ଏସ. ପ୍ରସାଦ, ଡକ୍ଟର ଏମ୍.ବି.ବି. ପ୍ରସାଦ ବାବୁ, ଡକ୍ଟର ଏସ.ଭି. ସାଇ ପ୍ରସାଦ , ଡକ୍ଟର ମୀରା କୁମାରୀ କର , ଏବଂ ଡକ୍ଟର ଏସ. ଗୋପାଳ କୃଷ୍ଣନଙ୍କ ନେତୃତ୍ୱରେ କରାଯାଇଥିଲା, ଏବଂ ଏହାକୁ ସହ-ସଂଯୋଜକ ଡକ୍ଟର ଏ. ପୁନିମ, ଡକ୍ଟର ଜେ. ଚଟୋପାଧ୍ୟାୟ, ଡକ୍ଟର ଏସ.କେ. ଦାଶ, ଏବଂ ଡକ୍ଟର ଆର.ପି. ସାହା ଦ୍ୱାରା ସମର୍ଥନ କରାଯାଇଥିଲା

# ଝାରସୁଗୁଡ଼ାରେ ସ୍କୁଲ ଛୁଟି ଘୋଷଣା: ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ପାଇଁ ଜିଲ୍ଲାପାଳଙ୍କ ନିଷ୍ପତି

ଝାରସୁଗୁଡ଼ା: ରାଜ୍ୟରେ ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଗରମକୁ ଦୃଷ୍ଟିରେ ରଖି ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ସମସ୍ତ ବିଦ୍ୟାଳୟକୁ ଆସନ୍ତା ୪ ଦିନ ପାଇଁ ବନ୍ଦ ରଖିବାକୁ ଘୋଷଣା କରାଯାଇଛି । ଶିଶୁ ବାଟିକା ଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ପାଇଁ ଏହି ନିୟମ ଲାଗୁ ହେବ । ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ସରକାରୀ ନିର୍ଦ୍ଦେଶନାମା ଅନୁଯାୟୀ, ଆସନ୍ତା ୨୦.୦୪.୨୦୨୬ (ସୋମବାର) ରୁ ୨୩.୦୪.୨୦୨୬ (ଗୁରୁବାର) ପର୍ଯ୍ୟନ୍ତ ସମସ୍ତ ସ୍କୁଲ ବନ୍ଦ ରହିବ । ଖରା ସମୟରେ କୋମଳମତି ଛାତ୍ରଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ଏବଂ ସୁରକ୍ଷାକୁ ପ୍ରାଥମିକତା ଦେଇ ଜିଲ୍ଲାପାଳ ଏହି ପ୍ରତିଷେଧକ ମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ପାଳନ କରିବା ପାଇଁ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଅବଗତ କରାଯାଇଛି ।

# ପଂଚମୁଖି ହନୁମାନଙ୍କ ପ୍ରଥମ ବାର୍ଷିକ ଉତ୍ସବ

ଖଇରା,(ନି.ପ୍ର.)ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନହଙ୍ଗ ଖଜୁରୁପଡିଆରେ ପ□ମୁଖି ହନୁମାନଙ୍କ ପ୍ରଥମ ବାର୍ଷିକୋତ୍ସବ ପାଳନ ୧୪ତାରିଖରୁ ୧୬ତାରିଖ ୩ଦିନ ଧରି ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି । ୧୪ତାରିଖ ଦିନ ୨ଶହରୁ ଉର୍ଦ୍ଧ ମହିଳାଙ୍କ ଦ୍ୱାରା ଏକ କଳସ ଶୋଭାଯାତ୍ରା ଗ୍ରାମ ପୋଖରୀରୁ ଯଜ୍ଞ ମଣ୍ଡକୁ ଅଣାଯାଇଥିଲା । ପଣ୍ଡିତ ମାନଙ୍କ ଦ୍ୱାରା ଯଜ୍ଞ ଓ ହନୁମାନ ଚାଳିଶା ପାଠ କରାଯାଇଥିଲା । ପ୍ରଥମ ଦିନ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଅଣୁ ମାଧବ ପଣ୍ଡା,ସରପ□ ରବିନ୍ଦ୍ର ନାୟକ,ସମିତି ସଭ୍ୟ ଅଜିତ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଦ୍ୱିତୀୟ ସଂଧ୍ୟାରେ ପୁର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ,ପୂ□ ବିଭାଗ ମୁଖ୍ୟ ଯନ୍ତ୍ରୀ ଇଂ ପ୍ରଭାକର ବେହେରା ତଥା ବାଲେଶ୍ୱର,ଭଦ୍ରକ ଓ ଯାଜପୁର ଜିଲାର ଅଧିକ୍ଷଣ ଯନ୍ତ୍ରୀ ମାନେ ଯୋଗଦେଇଥିଲେ । ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ପ୍ରଦ□ ସମ୍ବଲପୁରୀ ନୃତ୍ୟ ମ□ରେ ପରିବେଶଣ କରାଯାଇଥିଲା । ଅନ୍ତିମ ସଂଧ୍ୟାରେ ପୁର୍ବତନ ବ୍ଲକ ଉପାଧକ୍ଷ ଜୟନ୍ତ କୁମାର ରାଉତ,ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର,ମହିଳା ନେତ୍ରୀ ସୁମିତ୍ରା ମହାପାତ୍ର,ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ରାଧାକାନ୍ତ ପାତ୍ର ପୁର୍ବତନ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ମହଲା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଶଙ୍ଖଫୁଙ୍କା ଓ ହୁଳହୁଳି ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ମହିଳା ମାନଙ୍କୁ ସମ୍ୱର୍ଦ୍ଧିତ କରାଯାଇଥିଲା । ଶେଷରେ ସଂସ୍କୃତି ବିଭାଗ ପ୍ରଦ□ ଭଜନ ଟ୍ରୁପ ଓ ରିଦିମ ଡ୍ୟାନ୍ସ ଗ୍ରୁପର କଳାକାର ମାନଙ୍କ ଦ୍ୱାରା ଓଡିଶାର ସଂସ୍କୃତି ଓ ଐତିହକୁ ମନୋମୁଗ୍ଧକର ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା । ବସନ୍ତ କୁମାର ମହଲାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ନହଙ୍ଗ ଗ୍ରାମବାସୀ ସହଯୋଗ କରିଥିଲେ ।

# ସାରୁଗାଁ ମହୋତ୍ସବର ଅନ୍ତିମ ସଂଧ୍ୟା

ଖଇରା,(ନି.ପ୍ର.)ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରୁଗାଁ ଉଡାପଡିଆରେ ଚାଲିଥିବା ଆମ ସାରୁଗାଁ ମହୋତ୍ସବର ଗୁରୁବାର ଅନ୍ତିମ ସଂଧ୍ୟା ଗୀତନାଚର ତାଳେ ତାଳେ ଉଦ୍‌ଯାପିତ ହୋଇ ଯାଇଛି । ଖଇରା ଅ□ଳରେ ମହୋତ୍ସବ ମଣିଷ ଭାବେ ପରିଚିତ ଶଶି କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମହୋତ୍ସବ ବୁଡି ଯାଉଥିବା ସଂସ୍କୃତି ଐତିହକୁ ପୁନର୍ଜିବିତ କରିଥାଏ ବୋଲି କହିଥିଲେ । ବରିଷ୍ଠ ଆଇନଜିବୀ ରତ୍ନାକାର ଦାଶ ମୁଖ୍ୟବକ୍ତା ଓ ଅନ୍ୟତନ ଆଇନଜିବୀ ଯୁଧିଷ୍ଠିର ନାୟକ,ପ୍ରାକ୍ତନ ପ୍ରଧାନଶିକ୍ଷକ ସୁଦାମ ଚରଣ ରାଉତ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । କମିଟି ସଭାପତି ରଘୁନାଥ ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ସମ୍ପାଦକ ଜୟନ୍ତ କୁମାର ଦାଶ ବିବରଣୀ ପାଠ କରିଥିଲେ । ଗ୍ରାମଦେବତୀ ମା ଘଟବାସୁଳି ଓ ମା ପଶ୍ଚିମାଙ୍କ ପୁଜକ ଅକ୍ଷୟ ବାରିକ,ପ୍ରଫୁଲ୍ଲ ବାରିକ ଓ ଭାଗବତ ନାୟକଙ୍କୁ ସମ୍ୱର୍ଦ୍ଧିତ କରାଯାଇଥିଲା । ସୁଶାନ୍ତ ମହାପାତ୍ର ମ□ ପରିଚାଳନା କରିଥିଲେ । ପ୍ରସିଦ୍ଧ ଚଳିଚିତ୍ର ଅଭିନେତ୍ରୀ ଜିନା ଓ ଅଭିନେତା ସବ୍ୟସାଚୀଙ୍କ ସଂଳାପ ଦର୍ଶକଙ୍କୁ ବିମୁଗ୍ଧ କରିଥିଲା । ମହୋତ୍ସବ କମିଟିର ସମସ୍ତ ସଦସ୍ୟ ୪ଦିନିଆ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

# ସୋସିଆଲ ମିଡିଆ ଇନଫ୍ଲୁଏନସରଙ୍କ ରଘୁରାଜପୁର ଓ କୋଣାର୍କ ମନ୍ଦିର ପରିଦର୍ଶନ



ପୁରୀ (ନି.ପ୍ର.) ଆଜି ପୂର୍ବାହ୍ନରେ ୧୦ ଟି ରାଷ୍ଟ୍ର ର ୨୨ ଜଣ ସୋସିଆଲ ମିଡିଆ ଇନଫ୍ଲୁଏନସର ଓ ସୋସିଆଲ ମିଡିଆ କଂଟେଟ କ୍ରିଏଟର ଲୋକକଳା ଗ୍ରାମ ରଘୁରାଜପୁର ଏବଂ କୋଣାର୍କ ମନ୍ଦିର ପରିଦର୍ଶନ କରିଥିଲେ ।ସୂଚନା ଓ ଲୋକ ସମ୍ପର୍କ ବିଭାଗ ସହାୟତାରେ ସେମାନେ ଭୁବନେଶ୍ୱର ରୁ ଆସିଥିଲେ ।ପ୍ରଥମେ ସେମାନେ ରଘୁରାଜପୁର ରେ ପହଂଚିବା ପରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଓ ହସ୍ତତନ୍ତ ବିଭାଗର ସହକାରୀ ନିର୍ଦ୍ଦେଶକ ସୁକାନ୍ତ କୁମାର ପଣ୍ଡା ତାଙ୍କୁ ସ୍ୱାଗତ କରିଥିଲେ ।ପରେ ସେମାନେ କଳାଗ୍ରାମ ରଘୁରାଜପୁର ର ପଟ୍ଟଚିତ୍ର କୁ ଘରକୁ ଘର ବୁଲି ଦେଖିଥିଲେ ।ପରେ ଅପରାହ୍ନ ରେ କୋଣାର୍କ ରେ ପହଂଚିଥିଲେ ।ଗାଇଡ ଅନିମେଶ ମଲ୍ଲିକ ଙ୍କ ତତ୍ତ୍ୱାବଧାନରେ ଏହି ବିଦେଶୀ ଇନଫ୍ଲୁଏନସର ମାନେ ମନ୍ଦିର ଦେଖିବା ସହ ବିବିଧ ତଥ୍ୟ ପଚାରି ବୁଝିଥିଲେ ଓ ଫଟୋ ଉଠାଇଥିଲେ ।ମନ୍ଦିର ର ଐତିହ୍ୟ, ଇତିହାସ ସମ୍ପର୍କରେ ଜାଣିବା ସହ ମନ୍ଦିର ଦେଖି ଓ ମନ୍ଦିର ସମ୍ପର୍କରେ ଅବଗତ ହୋଇ ସେମାନେ ଖୁସି ବ୍ୟକ୍ତ କରିଥିଲେ ।ପରେ ଆଇଓସିଏଲ ର ପର୍ଯ୍ୟଟନ କେନ୍ଦ୍ର ବୁଲିବା ସହ କୋଣାର୍କ ସମ୍ପର୍କିତ ଡକୁମେଂଟାରୀ ଫିଲ୍ମ ଦେଖିଥିଲେ । ଏହି ଟିମ ରେ ମିଁୟାମାରରୁ ନୁ ମିଆତ ଥେଇଙ୍ଗି ଓ,ନାଇଙ୍ଗି ସୁଇ ଓ,ଭୁଟାନ ରୁ ଦୋର୍ଜି ଗେଲଷ୍ଟହେନ, ତେନଜିନ ୟାଙ୍ଗଚେନ, କାମ୍ବୋଡିଆରୁ ହେଙ୍ଗ ଖେମା,ସୋକ ସନିତା,ଲାଓସୋରୁ ସିରିସୋଫା ଫିମାକାୟୋସୋନ, ସୁକିଫୋନ ଭୋଙ୍ଗସାକ,ମାଲେସିଆରୁ ମାରହମ ବିନ ମଣ୍ଡ ୟୁସୁଫ,ତାଙ୍ଗ ହଙ୍ଗ ତି, ମାଙ୍ଗୋଲିଆରୁ ବାଡମାରଗ ଚୁଲୁନବାତର, ନ୍ୟାମଦରୀ ବାଇଗଲମା,ନେପାଳ ରୁ ପ୍ରକାଶ ଅଧିକାରୀ, ଶ୍ରୀଜନ ଓଲୀ,ସିଙ୍ଗାପୁର ରୁ ଲୀ ଫଙ୍ଗ କୁମ,ଲୀ ଜିଆଇ ତ୍ରିସିଆ,ଚାନ ଚୁଇ କୁଏନ ପ୍ରିସିଲା,ଥାଇଲାଣ୍ଡ ରୁ ମିସ ନିଶା ନାଶୋନଜାଇ, ନାପୋଲ ଲାପୋର୍ଣ୍ଣ ସିରିକୁଲ,ଭିଏତନାମ ରୁ ଲୀ ଥୁକ୍ ହିଏନ,ଡାଓ ଥି ମିନହ ତ୍ରାଙ୍ଗ,ହା ଲେ ଡିଏମ ସାମିଲ ହୋଇ ପରିଦର୍ଶନ କରିଥିଲେ ।ବୈଦେଶିକ ମନ୍ତ୍ରାଳୟ ର ମିଡିଆ ଲିଆସନ ଅଫିସର ଚନ୍ଦ୍ରେଶ୍ୱର ସିଂ ଓ ଉଜ୍ଜ୍ୱଳ ଗିରି ଏହି ପରିଦର୍ଶକ ଙ୍କୁ ଓଡ଼ିଶାର ବିଭିନ୍ନ ସ୍ଥାନ କୁ ପରିଭ୍ରମଣ ରେ ସହାୟତା କରିଥିଲେ ।ନୋଡାଲ ଅଫିସର ଭାବେ ସୂଚନା ଅଧିକାରୀ ସୁଶ୍ରୀ ଶାଶ୍ୱତିକା ମହାପାତ୍ର,ଏମ ଅଭିଷେକ, ଆଦିତ୍ୟ ନାରାୟଣ ସାମଲ ଓ ଅନିଶା କର ତାଙ୍କୁ ସହଯୋଗ କରିଥିଲେ ।ପରେ ଇନଫ୍ଲୁଏନସର ମାନେ ଭୁବନେଶ୍ୱର ଫେରି ଫେରି ଯାଇଥିଲେ ।

# ଏବେବି ବାବୁଙ୍କ ରାଜୁତି: ଟେଣ୍ଡର ଖବର ରହୁନାହାନ୍ତି ମନ୍ତ୍ରୀ

ଭୁବନେଶ୍ୱର : ରାଜ୍ୟରେ ସରକାର ପରିବର୍ତନ ହୋଇଛି । ୨୪ ବର୍ଷର ବିଜେଡି ସରକାର ଗାଦିରୁ ହଟିବା ସହ ବିଜେପି ନେତୃତ୍ୱରେ ନୂତନ ସରକାର କ୍ଷମତାକୁ ଆସିଛି । ନୂଆ ସରକାରଙ୍କୁ ଦୁଇ ବର୍ଷ ବିତିବାକୁ ବସିଲାଣି । ମାତ୍ର ଗାଦି ମଡ଼ା ବାବୁମାନଙ୍କର କେ?ଣସି ପରିବର୍ତନ ହୋଇ ନାହିଁ । ସେମାନେ ପୂର୍ବଭଳି ନିଜ ପଦବି ଜାବୁଡ଼ି ଧରିବସିଛନ୍ତି । କିଏ ୩ ବର୍ଷ ତ ଆଉ କିଏ ୫ ବର୍ଷ ହେଲା ଗୋଟିଏ ପଦବି ଓ ଗୋଟିଏ ସ୍ଥାନରେ ରହିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନେତୃତ୍ୱାଧୀନ ବିଜେପି ସରକାରରେ ପ୍ରତି ମାସରେ ମାଳ ମାଳ ଆଇଏଏସ୍?, ଓଏଏସ୍?ଙ୍କ ବଦଳି ହେଉଥିଲେ ମଧ କିଛିଜଣ ଅଧିକାରୀ ସେମିତି ଗାଦି ମାଡ଼ି ବସିଛନ୍ତି । ପଦବିରେ କେ?ଣସି ପରିବର୍ତନ ହେଉ ନାହିଁ କି ନୂଆ ଜାଗାକୁ ଯାଉ ନାହାନ୍ତି । ବରଂ ପୂର୍ବଭଳି ସମାନ ବିଭାଗରେ ରହି ନିଜର ପତିଆରା ଜାହିର କରିବା ?ରେ ଲାଗିପଡ଼ିଛନ୍ତି । ଏପରିକି ଉଚ୍ଚଶିକ୍ଷା ବିଭାଗ, ଆଇଟି ବିଭାଗର ଅନେକ ଉଚ୍ଚ ପଦାଧିକାରୀମାନେ ଦୀର୍ଘଦିନ ଧରି ବସି ରହିଛନ୍ତି ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ବିଜେଡି ସରକାର ସମୟରେ ଦବଦବା ରହିଥିବା ସଚିବମାନଙ୍କର ଏବେ ମଧ ପତିଆରା ରହିଛି । ପରିଣାମ ସ୍ୱରୂପ ପୂର୍ବ ସରକାର ସମୟରେ ଯେଉଁଭଳି ଭାବେ ବାହାର ରାଜ୍ୟର କମ୍ପାନିକୁ ଅନୁକମ୍ପା ଦେଖାଯାଉଥିଲା ଏବେ ମଧ ସମାନ ଢଙ୍ଗରେ ଚାଲିଛି । ଉଦାହରଣ ଭାବେ ଆଇଟି ବିଭାଗକୁ ନିଆଯାଇପାରେ । ବିଦ୍ୟାଳୟଗୁଡ଼ିକରେ ସ୍ମାର୍ଟ କ୍ଲାସରୁମ୍? ପ୍ରତିଷ୍ଠା କରିବାକୁ ବିଜେଡି ସରକାର ସମୟରେ ଅହେତୁକ ଅନୁକମ୍ପା ପାଇଥିବା କମ୍ପାନିକୁ ବର୍ତମାନ ସହରରେ କାମ ଦେବାକୁ ଚକ୍ରାନ୍ତ ଚାଲିଛି । ରାଜ୍ୟରେ ସରକାର ବଦଳିଥିଲେ ମଧ ସରକାରୀ ବାବୁମାନଙ୍କର ମୋହ କମ୍ପାନି ଉପରୁ ଯାଉ ନାହିଁ । ବାହାର ରାଜ୍ୟରେ ବ୍ଲାକ୍? ଲିଷ୍ଟେଡ୍? ହୋଇଥିବା କମ୍ପାନି ‘ପ୍ରିଂଟଲିଙ୍କ୍?’ ପ୍ରତି ନୂଆ ସରକାରରେ ଥିବା ଅଫିସରଙ୍କର ପ୍ରୀତି ବଢୁଛି । ଚର୍ଚ୍ଚା ହେଉଛି ଯେ ‘ପ୍ରିଂଟଲିଙ୍କ୍?’ କମ୍ପାନିକୁ ଆଇଟି ସଚିବ ଖୁଲମ୍?ଖୁଲା ଅହେତୁକ ଅନୁକମ୍ପା ଦେଖାଉଛନ୍ତି । ରାଜ୍ୟ ସରକାରଙ୍କ ମନ୍ତ୍ରୀମାନେ ମଧ ଏଥିପ୍ରତି ଧ୍ୟାନ ଦେଉ ନାହାନ୍ତି । କେବେ କେଉଁ କାମ ପାଇଁ ଟେଣ୍ଡର ହେଲା ? କେଉଁମାନେ ଆବେଦନ କରିଥିଲେ ? କିଏ କିଏ ଟେଣ୍ଡର ପାଇଲେ ? ସେନେଇ ମନ୍ତ୍ରୀମାନେ କେ?ଣସି ସମୀକ୍ଷା କରୁନାହାନ୍ତି କିମ୍ବା ଗୁରୁତ୍ୱ ଦେଉନାହାନ୍ତି । ଏହାଦ୍ୱାରା ସବୁ ନିୟମକୁ ଜଳାଞ୍ଜଳି ଦେଇ ବାବୁମାନେ ମନ ଇଚ୍ଛା ନିଜ ପସନ୍ଦର କମ୍ପାନିକୁ କାମ ଦେଇ ପ୍ରଚୁର ଅର୍ଥ ହାତଉଛନ୍ତି । ରାଜ୍ୟରେ ସରକାର ବଦଳିବା ପରେ ଆଶା କରାଯାଉଥିଲା କିଏ ନୂଆ ହେବ । ସରକାରୀ ଢାଂଚା ବଦଳିବ । ମାତ୍ର ତାହା ହୋଇନାହିଁ । ବରଂ ସେହି ପୁରୁଣା ଢାଂଚାରେ ପୁରୁଣା ଅଫିସରମାନେ ନିଜର ପତିଆରା ଜାହିର କରୁଛନ୍ତି, ଯାହାକୁ ନେଇ ବୁଦ୍ଧିଜୀବୀମାନେ ଚିନ୍ତାପ୍ରକଟ କରିଛନ୍ତି । ନେଡି ଗୁଡ଼ କହୁଣୀକୁ ବହିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଣାରେ ହସ୍ତ?କ୍ଷେପ କରିବା ସହ ଅଧିକାରୀମାନଙ୍କ ଉପରେ କଡ଼ା ନଜର ରଖିବାକୁ ବୁଦ୍ଧିଜୀବୀମାନେ କହିଛନ୍ତି ।

# ବ୍ରଜରାଜନଗର ପୌରପରିଷଦର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ

ଝାରସୁଗୁଡ଼ା(ନି.ପ୍ର.) ବ୍ରଜରାଜନଗର ପୌରାଂଚଳର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ସମୀକ୍ଷା କରିଛନ୍ତି କ୍ଷ ଚାଲୁ ରହିଥିବା ବିଭିନ୍ନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିଶଦ ଆଲୋଚନା କରି ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ମାଣାଧୀନ ଥିବା ସମସ୍ତ ୨୪୦ଟି ପ୍ରକଳ୍ପକୁ ଆଗାମୀ ୬ ମାସ ମଧ୍ୟରେ ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି କ୍ଷ ଏଥିସହିତ ଯେଉଁ ଠିକାଦାର ଅଥବା ସଂସ୍ଥାମାନେ କାମ କରୁନାହାଁନ୍ତି କିମ୍ବା ବିଭିନ୍ନ କ୍ଷେତ୍ରରେ ଅବହେଳା କରୁଛନ୍ତି, ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ମାନ୍ୟବର ମନ୍ତ୍ରୀ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ବଡ଼ ପ୍ରକଳ୍ପ ମଧ୍ୟରେ ସୁପର୍ ମାର୍କେଟ୍, ନଦୀତଟର ସୌନ୍ଦର୍ଯ୍ୟକରଣ, ଚଣ୍ଡୀ ମନ୍ଦିରର ପାରିପାର୍ଶ୍ୱିକ ବିକାଶ, ପାଠାଗାର ଆଦିର ଅଗ୍ରଗତି ନେଇ ସମୀକ୍ଷା କରାଯାଇଛି କ୍ଷ ଏଥିସହିତ କଲ୍ୟାଣ ମଣ୍ଡପ, ଅଡିଟୋରିୟମ୍, ଅଟଳ ବସ୍ ଷ୍ଟାଣ୍ଡ୍ ନିର୍ମାଣ କାର୍ଯ୍ୟ ଶୀଘ୍ର ସମାପ୍ତ କରିବା ନେଇ ଆଲୋଚନା ହୋଇଛି କ୍ଷ ଇବ୍ ନଦୀତଟରେ ନୂତନ ରିଂ ରୋଡ୍ ତଥା ନଦୀବନ୍ଧ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିବା ସହ ଏ ସମ୍ପର୍କରେ ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମାଙ୍କ ସହ ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଜାରୀ ଆଲୋଚନା କରିଛନ୍ତି କ୍ଷ ସେହିପରି କୁତାବଗା ନିକଟରେ ଇବ୍ ନଦୀରେ ନୂତନ ପୋଲ ସହ ନୂଆ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା ଓ ଏହି ପ୍ରକଳ୍ପ ଉପରେ ସର୍ଭେ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି କ୍ଷ ଏଥିସହିତ ଚଳିତ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବ୍ରଜରାଜନଗର ଏବଂ ବେଲପାହାଡ଼ ପୌରାଂଚଳରେ ୨୪ ଘଂଟା ଜଳଯୋଗାଣ ସୁନିଶ୍ଚିତ କରିବା ନେଇ ୱାଟକୋର ପରିଚାଳନା ନିର୍ଦ୍ଦେଶକଙ୍କ ସହ ମାନ୍ୟବର ମନ୍ତ୍ରୀ ଆଲୋଚନା କରିବା ସହ ଜଳାକ୍ଲିଷ୍ଟ ଅଂଚଳରେ ଜଳଯୋଗାଣକୁ ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।ସାଧାରଣଲୋକଙ୍କ ମତାମତ ନେଇ ଯଥାଶୀଘ୍ର ୨୦୨୬-୨୭ ଆର୍ଥିକ ବର୍ଷ ନିମନ୍ତେ ଖସଡ଼ା ପ୍ରସ୍ତୁତି ପୂର୍ବକ କାର୍ଯ୍ୟ ଆରମ୍ଭ କରିବା ନିମନ୍ତେ ମାନ୍ୟବର ମନ୍ତ୍ରୀ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କ୍ଷ ଶିକ୍ଷାନୁଷ୍ଠାନଗୁଡିକର ନିର୍ମାଣ ଓ ମରାମତି କାର୍ଯ୍ୟକୁ ତ୍ୱରାନ୍ୱିତ କରି ଅଗ୍ରାଧିକାର ଦେବାପାଇଁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ସମସ୍ତ ଉନ୍ନୟନମୂଳକ ପ୍ରକଳ୍ପ ତଥା ନିର୍ମାଣ କାର୍ଯ୍ୟରେ ସ୍ଥାନୀୟ ଜନସାଧାରଣଙ୍କ କର୍ମନିଯୁକ୍ତି ସୁନିଶ୍ଚିତ କରିବା ସହ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଦିଗରେ ମାନ୍ୟବର ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି କ୍ଷ ଏହି ସମୀକ୍ଷା ବୈଠକରେ ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା, ପୌର ପ୍ରଶାସନର ନିର୍ଦ୍ଦେଶକ ଶ୍ରୀ ଅରିନ୍ଦମ ଡାକୁଆ, ମାନ୍ୟବର ରାଜସ୍ୱ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରଦୀପ କୁମାର ସାହୁ, ବ୍ରଜରାଜନଗର ପୌରପରିଷଦର ଅଧ୍ୟକ୍ଷ ଗୋପାଳ ସିତାନୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିବା ବେଳେ ଆଭାସୀ ମାଧ୍ୟମରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଜିଲ୍ଲା ସହରାଂଚଳ ପ୍ରକଳ୍ପ ନିର୍ଦ୍ଦେଶକ, ଅତିରିକ୍ତ ଜିଲ୍ଲାପାଳ ଏବଂ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଡିଏ ଏବଂ ପେନସନଭୋଗୀଙ୍କ ଡିଆର ୨% ବୃଦ୍ଧିକୁ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କୁ ମହଙ୍ଗା ଭତ୍ତା (ଡିଏ) ଏବଂ ପେନସନଭୋଗୀଙ୍କୁ ମହଙ୍ଗା ସହାୟତା (ଡିଆର)ର ଅତିରିକ୍ତ କିସ୍ତି ପ୍ରଦାନ କରିବା ପ୍ରସ୍ତାବକୁ ମଞ୍ଜୁର କରିଛି । ବର୍ଦ୍ଧିତ ଡିଏ ଓ ଡିଆର ଜାନୁଆରୀ ପହିଲା ୨୦୨୬ ଠାରୁ ପିଛିଲା ଭାବେ ଲାଗୁ ହେବ । ମୂଲ୍ୟବୃଦ୍ଧି ବିରୁଦ୍ଧରେ କ୍ଷତିପୂରଣ ଦେବା ପାଇଁ ମୂଳ ଦରମା/ ପେନସନ ଉପରେ ବର୍ତ୍ତମାନର ୫୮% ହାର ଉପରେ ୨% ଅତିରିକ୍ତ ଡିଏ ଓ ଡିଆର କିସ୍ତି ପ୍ରଦାନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ମହଙ୍ଗା ଭତ୍ତା ଏବଂ ମହଙ୍ଗା ସହାୟତା ଉଭୟରେ ବୃଦ୍ଧି ହେତୁ ରାଜକୋଷ ଉପରେ ମିଳିତ ଭାବେ ବାର୍ଷିକ ୬୭୯୧.୨୪ କୋଟି ଟଙ୍କାର ଚାପ ପଡ଼ିବ । ତେବେ ଏହାଦ୍ୱାରା ପ୍ରାୟ ୫୦.୪୬ ଲକ୍ଷ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ୬୮.୨୭ ଲକ୍ଷ ପେନସନଭୋଗୀ ଉପକୃତ ହେବେ । ସପ୍ତମ କେନ୍ଦ୍ରୀୟ ବେତନ ଆୟୋଗଙ୍କ ସୁପାରିସରେ ଗୃହୀତ ସୂତ୍ର ଆଧାରରେ ଏହି ବୃଦ୍ଧି କରାଯାଇଛି ।

# ୨୩ରେ ୫୫୧ ଜଣଙ୍କୁ ନିଯୁକ୍ତି ପତ୍ର ବାଂଟିବେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର : ଆସନ୍ତା ୨୩ ତାରିଖରେ ହେବ ନିଯୁକ୍ତି ମେଳା । ବିଭିନ୍ନ ବିଭାଗରେ ୫୫୧ ଜଣଙ୍କୁ ନିଯୁକ୍ତି ପତ୍ର ବଂଟନ କରାଯିବ । ଅପରାହ୍ନରେ ଆୟୋଜିତ ନିଯୁକ୍ତ ମେଳା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ନିଯୁକ୍ତି ପତ୍ର ବଂଟନ କରିବେ । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ହୋଇଥିବା ଚିଠି ଅନୁଯାୟୀ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିକାଶ ବିଭାଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଇସ୍ପାତ ଓ ଖଣି ବିଭାଗ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ଏବଂ ଏମ୍ଏସ୍ଏମ୍ଇ ବିଭାଗରେ ବିଭିନ୍ନ ପଦବି ପାଇଁ ନିଯୁକ୍ତି ଦିଆଯିବ । ୧୪ଜଣ ଆସୋସିଏଟ୍ ପ୍ରଫେସର, ୭୦ଜଣ ଭିଏଏସ୍/ଏଭିଏଏସ୍, ୪୫ଜଣ ଏସିଏଫ୍, ୧୩୧ଜଣ ଫରେଷ୍ଟ ରେଂଜର, ୧୯ଜଣ ଆସିଷ୍ଟାଂଟ କେମିଷ୍ଟ, ୫୮ଜଣ ଖଣି ଅଧିକାରୀ, ୬୩ଜଣ ଏଇଇ, ୧୫୧ଜଣ ଆସିଷ୍ଟାଂଟ ଇଣ୍ଡଷ୍ଟ୍ରି ଅଫିସରଙ୍କୁ ନିଯୁକ୍ତି ପତ୍ର ବଂଟନ କରାଯିବ ।








# ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଭାରତ ସାମୁଦ୍ରିକ ବୀମାପୁଲ୍ ଗଠନ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରି

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ଆଜି ଏକ ସ୍ୱଦେଶୀବୀମା ପୁଲ ସୃଷ୍ଟି କରିବା ପ୍ରସ୍ତାବକୁ ଅନୁମୋଦନ କରିଛି । ଏହି ବୀମାପାଣ୍ଠିଲାଗି ୧୨,୯୮୦ କୋଟି ଟଙ୍କାର ସାର୍ବଭୌମ ଗ୍ୟାରେଂଟି ରଖାଯାଇଛି । ଏହା ନିରନ୍ତର ସାମୁଦ୍ରିକ ବୀମା ସୁରକ୍ଷାକୁ ସୁଗମ କରିବ । ଯେକୌଣସି ଅନ୍ତର୍ଜାତୀୟ ଉତ୍ସରୁ ଭାରତୀୟ ବନ୍ଦର ପର୍ଯ୍ୟନ୍ତ କିମ୍ବା ଏହାର ବିପରୀତ ମାର୍ଗରେ ମାଲ୍ ନେଇଯାଉଥିବା ଜାହାଜଗୁଡ଼ିକୁ ସୁଲଭ ବୀମାଯୋଗାଣ ପାଇଁ ଏହା ଭାରତୀୟ ବ୍ୟବସାୟଗୁଡ଼ିକୁ ସହାୟକହେବ । ଅସ୍ଥିର ସାମୁଦ୍ରିକ ମାର୍ଗଦେଇ ଅତିକ୍ରମ କରୁଥିବା ଜାହାଜଗୁଡ଼ିକୁ ମଧ୍ୟ ବୀମା ସୁବିଧା ମିଳିବ । ବର୍ଦ୍ଧିତ ବିଶ୍ୱସ୍ତରୀୟ ଭୂରାଜନୈତିକ ଅସ୍ଥିରତା ଯୋଗୁଁସାମୁଦ୍ରିକ ବାଣିଜ୍ୟ ବାଧାପ୍ରାପ୍ତ ହୋଇଛି, ଯାହା ଫଳରେ ମାଲ୍ ଏବଂ ଜାହାଜଗୁଡ଼ିକ କ୍ଷତିଗ୍ରସ୍ତ ହେବାର ଆଶଙ୍କା ବୃଦ୍ଧି ପାଇଛି । ଫଳସ୍ୱରୂପ, ବୀମା ମୂଲ୍ୟ ବୃଦ୍ଧି ପାଇଛିଏବଂ ନିରନ୍ତରବୀମା ସୁରକ୍ଷା ଉପଲବ୍ଧତାକୁ ନେଇ ଅନିଶ୍ଚିତତା ଦେଖାଦେଇଛି । ଏହା ବ୍ୟତୀତ, ଭାରତୀୟ ଜାହାଜଗୁଡ଼ିକ ପିଏଣ୍ଡଆଇବୀମା



ପାଇଁ 'ଅନ୍ତର୍ଜାତୀୟ ସୁରକ୍ଷା ଏବଂ କ୍ଷତିପୂରଣ ଗୋଷ୍ଠୀ (ଆଇଜିପିଏଣ୍ଡଆଇ) କ୍ଲବ' ଉପରେ ଅତ୍ୟଧିକ ନିର୍ଭର କରନ୍ତି - ଯାହା ତୈଳ ପ୍ରଦୂଷଣ ଦାୟିତ୍ୱ, ନଷ୍ଟ ହୋଇଯାଇଥିବା ପଦାର୍ଥ ଅପସାରଣ, ମାଲ୍ କ୍ଷତି, କର୍ମଚାରୀଙ୍କ ଆଘାତ ଓ ପ୍ରତ୍ୟାବର୍ତ୍ତନ, ସଂଘର୍ଷ ଦାୟିତ୍ୱ ଇତ୍ୟାଦି ତୃତୀୟ-ପକ୍ଷ ଦେୟତାକୁ କଭର କରିଥାଏ । ତେଣୁ, ଏକ ସ୍ୱଦେଶୀ ସାମୁଦ୍ରିକ ବିପଦ ସୁରକ୍ଷା ପୁଲର ଆବଶ୍ୟକତା ଥିଲା ଯାହା ବାଣିଜ୍ୟର ସାର୍ବଭୌମତ୍ୱ ଏବଂ ନିରନ୍ତରତାକୁ ସୁରକ୍ଷା ଦେବାରେ ସକ୍ଷମ ।ଏପରିକି କଟକଣା କିମ୍ବା ଭୂରାଜନୈତିକ ଉତ୍ତେଜନା ଯୋଗୁଁ ବୀମାସୁରକ୍ଷା ପ୍ରତ୍ୟାହାର କରାଯାଉଥିବା ପରିସ୍ଥିତିରେ ମଧ୍ୟ ଏଥିରେ ସୁରକ୍ଷା ମିଳିପାରିବ । ଉପରୋକ୍ତ ପୃଷ୍ଠଭୂମିରେ ସରକାର ଭାରତୀୟ ଜାହାଜ ପାଇଁ କିମ୍ବା ଭାରତକୁ ଆସୁଥିବା ଅଥବାପ୍ରସ୍ଥାନ କରୁଥିବା ଜାହାଜ ପାଇଁ –'ଭାରତୀୟ ସାମୁଦ୍ରିକ ବୀମା ପୁଲ୍' (ବିଏମଆଇପୁଲ୍) ଗଠନକୁ ଅନୁମୋଦନ କରିଛନ୍ତି । ଏହା ଏକ ସାର୍ବଭୌମ ଗ୍ୟାରେଂଟି ଦ୍ୱାରା ସମର୍ଥିତ ହେବ । ଏହି ପୁଲ୍ ସମସ୍ତ ସାମୁଦ୍ରିକ ବିପଦ, ଯେପରିକି ହଲ୍ ଓ ଯନ୍ତ୍ରାଂଶ, କାର୍ଗୋ, ପିଏଣ୍ଡଆଇ, ଏବଂ ଯୁଦ୍ଧ ବିପଦକୁ କଭର କରିବ । ପୁଲ୍ ର ସଦସ୍ୟ ବୀମାକାରୀଙ୍କ ଦ୍ୱାରା ବୀମା ପଲିସି ଜାରି କରାଯିବ, ଯେଉଁମାନେ ପୁଲର ସାମୂହିକ ଅଣ୍ଡରରାଇଟିଂ କ୍ଷମତାକୁ ବ୍ୟବହାର କରିବେ । ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୯୫୦ କୋଟି ଟଙ୍କାହେବ । ଏହି ପୁଲ୍ ଭାରତୀୟ ଜାହାଜ ଚଳାଚଳ ପରିସ୍ଥିତି ଓ ନିୟାମକ ଆବଶ୍ୟକତା ଅନୁରୂପସ୍ଥାନୀୟ ସ୍ତରରେ ଦେୟତା ବୀମାର ପରିଚାଳନା କରିବା ତଥା ଭାରତ ଭିତରେ ସ୍ୱତନ୍ତ୍ର ସାମୁଦ୍ରିକ ବୀମା, ଦାବି ପରିଚାଳନା ଏବଂ ଆଇନଗତ ବିଶେଷଜ୍ଞତା ବିକଶିତ କରିବାରେ ସହାୟକ ହେବ । ଏହା ସହିତ, ଏକ ପରିଚାଳନା ସଂସ୍ଥା ପୁଲର ଗଠନ ଏବଂ କାର୍ଯ୍ୟକାରିତା ତଦାରଖ କରିବ । ପ୍ରସ୍ତାବିତ ସ୍ୱଦେଶୀ ବୀମା ସଂସ୍ଥାକୁ ସାର୍ବଭୌମ ଗ୍ୟାରେଂଟି ପ୍ରଦାନ କରିବାର ଔଚିତ୍ୟ ଆତ୍ମ ନିର୍ଭରଶୀଳତାକୁ ମଜବୁତକରିବ । ଏହାର ଉଦ୍ଦେଶ୍ୟ ହେଉଛି ପ୍ରତିବନ୍ଧକ ପ୍ରତି ସହନୀୟ ହେବା ଏବଂ ଅଧିକ ସାର୍ବଭୌମ ନିୟନ୍ତ୍ରଣ ସୁନିଶ୍ଚିତ କରିବା ।

# ଭୁବନେଶ୍ୱର ଇନଫୋଭ୍ୟାଲି-୨୦ରେ ଥ୍ରୀଡିଜିଏସ ସେମିକଣ୍ଡକ୍ଟର ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେବେ ମୁଖ୍ୟମନ୍ତ୍ରୀ ଏବଂ ରେଳମନ୍ତ୍ରୀ

ଭୁବନେଶ୍ୱର : ସେମିକଣ୍ଡକ୍ଟର ଉତ୍ପାଦନ କ୍ଷେତ୍ରରେ ଭାରତ ଦ୍ରୁତ ଗତିରେ ଆଗେଇ ଚାଲିଛି । ଏହି କ୍ରମରେ ଆସନ୍ତାକାଲି ଓଡ଼ିଶାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସେମିକଣ୍ଡକ୍ଟର ଉତ୍ପାଦନ ପ୍ରକଳ୍ପର ଶୁଭାରମ୍ଭ ହେବାକୁ ଯାଉଛି । ଆସନ୍ତାକାଲି ଭୁବନେଶ୍ୱର ଇନଫୋଭ୍ୟାଲି-୨୦ରେ ହେଟ୍ରେଜେନସ୍ ଇଂଟିଗ୍ରେସନ୍ ପ୍ୟାକେଜିଂ ସଲ୍ୟୁସନ୍ସ ବା ଥ୍ରୀଡି ଗ୍ଲାସ ସଲ୍ୟୁସନ (ଥ୍ରୀଡିଜିଏସ୍) ପ୍ରକଳ୍ପ ପାଇଁ ଶିଳାନ୍ୟାସ କରାଯିବ । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ରେଳ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଉପସ୍ଥିତ ରହିବେ । ଏହା ହେଉଛି ଭାରତର ପ୍ରଥମ ଅତ୍ୟାଧୁନିକ ଗ୍ଲାସ୍ ସେମିକଣ୍ଡକ୍ଟର ପ୍ୟାକେଜିଂ ୟୁନିଟ୍ । ଏହି ଅଗ୍ରଣୀ ପ୍ରକଳ୍ପ ଦ୍ୱାରା ବିଶ୍ୱର ସବୁଠୁ ଆଧୁନିକ ଚିପ୍ ପ୍ୟାକେଜିଂ ପ୍ରଯୁକ୍ତି ଭାରତକୁ ଆସିପାରିବ । ଏହା ଓଡ଼ିଶାକୁ ପରବର୍ତ୍ତୀ ପିଢ଼ିର ସେମିକଣ୍ଡକ୍ଟର ଉତ୍ପାଦନ କ୍ଷେତ୍ରରେ ଅଗ୍ରଣୀ କରିବ । କେନ୍ଦ୍ର କ୍ୟାବିନେଟର ଅନୁମୋଦନ ଲାଭ କରିବାର ଅଳ୍ପ ସମୟ ମଧ୍ୟରେ





ଶିଳାନ୍ୟାସ କରାଯିବା ଦ୍ରୁତ କାର୍ଯ୍ୟକାରିତାକୁ ପ୍ରଦର୍ଶିତ କରୁଛି । ପ୍ରକଳ୍ପ ପାଇଁ ପ୍ରାୟ ୧,୯୪୩ କୋଟି ଟଙ୍କାର ପୁଞ୍ଜିନିବେଶ କରାଯିବ । ଏହାଦ୍ୱାରା ୨,୫୦୦ରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହି ପ୍ରକଳ୍ପର ବାର୍ଷିକ ଉତ୍ପାଦନ କ୍ଷମତା ୫୦ ନିୟୁତ ଆସେମ୍ବଲ୍ଡ ୟୁନିଟ୍ ରହିଛି । ଏଠାରେ ତିଆରି ହେବାକୁ ଥିବା ଚିପ୍‌ଗୁଡ଼ିକ ମହାକାଶ, ପ୍ରତିରକ୍ଷା, ଏଆଇ, ଫାଇଭ୍ ଜି ପ୍ରଯୁକ୍ତି ଓ ଡାଟା ସେଂଟର ଆଦି କ୍ଷେତ୍ରରେ ବ୍ୟବହାର କରାଯିବ । ଏହି ମାଇଲଖୁଂଟ ଓଡ଼ିଶାର ସେମିକଣ୍ଡକ୍ଟର ଇକୋସିଷ୍ଟମକୁ ଆହୁରି ମଜବୁତ କରିବ । ଭାରତର ପ୍ରଥମ ରାଜ୍ୟ ଭାବରେ ଏକ କମ୍ପାଉଣ୍ଡ ସେମିକଣ୍ଡକ୍ଟର ଫେବ୍ରିକେସନ୍ ୟୁନିଟ୍ ଏବଂ ଗ୍ଲାସ୍ ସବଷ୍ଟ୍ରେଟ୍ ଉପରେ ଆଧାରିତ ଏକ ଅତ୍ୟାଧୁନିକ ଥ୍ରୀଡି ଚିପ୍ ପ୍ୟାକେଜିଂ କେନ୍ଦ୍ର ଓଡ଼ିଶାରେ ଆରମ୍ଭ ହେବାକୁ ଯାଉଛି । ଏହି ପଦକ୍ଷେପ ଉଚ୍ଚ-ପ୍ରଯୁକ୍ତି ଶିଳ୍ପକୁ ପ୍ରୋତ୍ସାହିତ କରିବା, ବିଶ୍ୱସ୍ତରୀୟ ନିବେଶକୁ ଆକର୍ଷିତ କରିବା ଏବଂ ଆତ୍ମନିର୍ଭର ଭାରତର ଦୃଷ୍ଟିକୋଣ ସହିତ ଏକ ଦୃଢ଼ ନବସୃଜନ-ଚାଳିତ ଅର୍ଥବ୍ୟବସ୍ଥା ସୃଷ୍ଟି କରିବା ଲାଗି ଓଡ଼ିଶା ସରକାରଙ୍କ ପ୍ରତିବଦ୍ଧତାକୁ ଦୃଢ଼ କରିଛି । ସେମିକନ୍ ଇଣ୍ଡିଆ କାର୍ଯ୍ୟକ୍ରମ (ଆଇଏସଏମ - ୧) ଅଧୀନରେ, କେନ୍ଦ୍ର କ୍ୟାବିନେଟ ୧ ଲକ୍ଷ ୬୦ ହଜାର କୋଟି ଟଙ୍କାରୁ ଅଧିକ ନିବେଶ ସହିତ ୧୦ଟି ସେମିକଣ୍ଡକ୍ଟର ଉତ୍ପାଦନ ପ୍ରକଳ୍ପ ପାଇଁ ଆର୍ଥିକ ସହାୟତା ମଞ୍ଜୁର କରିଛନ୍ତି । ଏଥିମଧ୍ୟରୁ ଦୁଇଟି ୟୁନିଟରେ ୨୦୨୫-୨୬ ଶେଷ ତ୍ରୈମାସରେ ବାଣିଜ୍ୟିକ ଉତ୍ପାଦନ ଆରମ୍ଭ ହୋଇଛି ।

# ପଶ୍ଚିମବଙ୍ଗରେ ଆଜି ନିର୍ବାଚନ ରାଲିକୁ ସମ୍ବୋଧିତ କରିବେ ପ୍ରଧାନମନ୍ତ୍ରୀ

କୋଲକାତା : ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ପ୍ରଥମ ପର୍ଯ୍ୟାୟ ଭୋଟ୍ ପୂର୍ବରୁ, ଭାରତୀୟ ଜନତା ପାର୍ଟି (ବିଜେପି)ର ବରିଷ୍ଠ ନେତା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଜ୍ୟର ନିର୍ବାଚନ ପ୍ରଚାରକୁ ତୀବ୍ର କରି ରବିବାର ଜଙ୍ଗଲମହଲ ଅଂଚଳରେ ଚାରୋଟି ସାଧାରଣ ରାଲିକୁ ସମ୍ବୋଧିତ କରିବେ ।ଏହି ଗସ୍ତ ସମୟରେ, ଆଦିବାସୀ ଭୋଟରଙ୍କ ନିକଟରେ ପହଂଚିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ପ୍ରଧାନମନ୍ତ୍ରୀ ମୋଦି ରବିବାର, ରାଜ୍ୟର 'ରାଢ଼ ବଙ୍ଗ' ଅଂଚଳର ଅନେକ ପ୍ରମୁଖ ଅଂଚଳରେ ରାଲି କରିବେ ।ତାଙ୍କର ଯାତ୍ରା କାର୍ଯ୍ୟକ୍ରମରେ ବିଷ୍ଣୁପୁର, ପୁରୁଲିଆ, ଝାଡ଼ଗ୍ରାମ ଏବଂ ମେଦିନୀପୁରରେ ଅଟକିବା ଅନ୍ତର୍ଭୁକ୍ତ । ଗୋଟିଏ ଦିନରେ ରାଜ୍ୟରେ ଚାରୋଟି ରାଲି କରିବା ତାଙ୍କର ସାଧାରଣ ନିର୍ବାଚନ



କାର୍ଯ୍ୟସୂଚୀରୁ ପ୍ରସ୍ଥାନ ବୋଲି ବିବେଚନା କରାଯାଏ ।ନିର୍ଦ୍ଧାରିତ ଯାତ୍ରା ତାଲିକା ଅନୁସାରେ, ପ୍ରଧାନମନ୍ତ୍ରୀ ଶନିବାର ରାତିରେ ଅଣ୍ଡାଲ ବିମାନବନ୍ଦରରେ ପହଂଚିବେ ଏବଂ ଦୁର୍ଗାପୁରରେ ରାତ୍ରୀଯାପନ କରିବେ । ପରବର୍ତ୍ତୀ ସମୟରେ, ରବିବାର ସକାଳେ, ସେ ବାଙ୍କୁଡ଼ାରେ ପହଂଚିବେ, ଯେଉଁଠାରେ ସେ ସକାଳ ପ୍ରାୟ ୧୧:୦୦ ଟା ସମୟରେ ବରଜୋରାରେ ତାଙ୍କର ପ୍ରଥମ ରାଲି କରିବେ । ଏହା ପରେ, ପ୍ରଧାନମନ୍ତ୍ରୀ ପୁରୁଲିଆ ଯିବେ, ଯେଉଁଠାରେ ବଳରାମପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ତାଙ୍କର ଦ୍ୱିତୀୟ ରାଲି ପ୍ରାୟ ୧୨:୪୫ ସମୟରେ ଅନୁଷ୍ଠିତ ହେବ । ତୃତୀୟ ରାଲି ଝାଡ଼ଗ୍ରାମରେ ଅପରାହ୍ନ ୨:୪୫ ସମୟରେ ସହର ଅଂଚଳ ନିକଟରେ ଅନୁଷ୍ଠିତ ହେବ । ଚତୁର୍ଥ ଏବଂ ଶେଷ ରାଲି ମେଦିନୀପୁରରେ ଅନୁଷ୍ଠିତ ହେବ ।ଏହା ବ୍ୟତୀତ, ପ୍ରଧାନମନ୍ତ୍ରୀ ୨୩ ଏପ୍ରିଲରେ ହାଓଡ଼ାର ବେଲୁର ମଠ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ସେଠାରୁ ସେ ସାଲକିଆ ପର୍ଯ୍ୟନ୍ତ ଏକ ରୋଡଶୋ କରିବେ । ସେହି ଦିନ କୃଷ୍ଣନଗରରେ ତାଙ୍କ ପାଇଁ ଏକ ସାଧାରଣ ରାଲି ମଧ୍ୟ ପ୍ରସ୍ତାବିତ ।

# ବିକଶିତ ଭାରତ-ଜୀ ରାମ୍ ଜୀ ପାଇଁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କ ସହ ସମୀକ୍ଷା କଲେ କେନ୍ଦ୍ର କୃଷିମନ୍ତ୍ରୀ

ନୂଆଦିଲ୍ଲୀ : କେନ୍ଦ୍ର ଗ୍ରାମୀଣ ବିକାଶ ଏବଂ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶ୍ରୀ ଶିବରାଜ ସିଂ ଚୌହାନ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ରାଜ୍ୟ ତଥା କେନ୍ଦ୍ରଶାସିତ ଅଂଚଳର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀମାନଙ୍କ ସହ ଏକ ବୈଠକରେ ଅଧ୍ୟକ୍ଷତା କରିଛନ୍ତି । ଏହି ବୈଠକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଂଟି ଅଧିନିୟମର କାର୍ଯ୍ୟାନ୍ୱୟନ ସମୀକ୍ଷା କରାଯାଇଥିଲା ଏବଂ ରୋଜଗାର ଏବଂ ଜୀବିକା ମିଶନ (ଗ୍ରାମୀଣ) (ଭିବି-ଜୀ ରାମ୍ ଜୀ) ଅଧିନିୟମ ପାଇଁ ରାଜ୍ୟଗୁଡ଼ିକର ପ୍ରସ୍ତୁତିର ମୂଲ୍ୟାଙ୍କନ କରାଯାଇଥିଲା । ବୈଠକରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଚୌହାନ ଗୁରୁତ୍ୱାରୋପ କରିଥିଲେ ଯେ ମହାତ୍ମା ଗାନ୍ଧୀ ଏନ୍. ଆର. ଇ. ଜି. ଏ. ଅଧୀନରେ କାର୍ଯ୍ୟ ମୂଳ ସ୍ତରରେ ନିରବଚ୍ଛିନ୍ନ ଏବଂ ଅବାରିତ ଭାବରେ ଜାରି ରହିବା ଆବଶ୍ୟକ । ସେ ପର୍ଯ୍ୟାପ୍ତ ଉପଲବ୍ଧତା ସୁନିଶ୍ଚିତ କରିବାକୁ ରାଜ୍ୟମାନଙ୍କୁ ପରାମର୍ଶ ଯୋଗାଇ ଦିଆଯିବା ଆବଶ୍ୟକ ଏବଂ ସବୁ ସ୍ତରରେ ବିଳମ୍ବ ନକରି ମଜୁରୀ




ଗୁରୁତ୍ୱାରୋପ କରିଥିଲେ ଯେ ଶ୍ରମିକମାନଙ୍କୁ ଠିକଣା ସମୟରେ କାମ ଯୋଗାଇବା ଏବଂ ଶୀଘ୍ର ମଜୁରୀ ପ୍ରଦାନ ସୁନିଶ୍ଚିତ କରିବା ହେଉଛି ସର୍ବୋଚ୍ଚ ପ୍ରାଥମିକତା । ଗ୍ରାମ୍ୟ ପଂଚାୟତ ସ୍ତରରେ କାର୍ଯ୍ୟର ସମୟସୀମା ମଧ୍ୟରେ କାମ ଦିଆଯାଇଥିଲା ଯାହା ଦ୍ୱାରା କୌଣସି ଶ୍ରମିକଙ୍କୁ କାମ ପାଇଁ ଅପେକ୍ଷା କରିବାକୁ ପଡ଼ିବ ନାହିଁ । ସେ ଦୋହରାଇଥିଲେ ଯେ କାମ ଦାବି କରୁଥିବା ପ୍ରତ୍ୟେକ ଶ୍ରମିକଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାମ ପ୍ରଦାନ ସୁନିଶ୍ଚିତ କରାଯିବା ଆବଶ୍ୟକ । କେନ୍ଦ୍ର ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ଫଳପ୍ରଦ କାର୍ଯ୍ୟକ୍ଷେତ୍ର ପରିଚାଳନାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଏ ପର୍ଯ୍ୟନ୍ତ ଅନ୍ତର୍ଭୁକ୍ତ ହୋଇନଥିବା ଯୋଗ୍ୟ ଗ୍ରାମୀଣ ପରିବାରକୁ ଜବ କାର୍ଡ ପ୍ରଦାନ କ୍ଷେତ୍ରରେ ପ୍ରାଥମିକତା ଦେବାକୁ ରାଜ୍ୟମାନଙ୍କୁ ଅନୁରୋଧ କରିଥିଲେ । ସେ ଗୁରୁତ୍ୱାରୋପ କରିଥିଲେ ଯେ କୌଣସି ଯୋଗ୍ୟ ପରିବାର ଯେପରି ଜୀବିକା ସୁଯୋଗରୁ ବଂଚିତ ନହୁଅନ୍ତି, ତାହା ସୁନିଶ୍ଚିତ କରିବା ଲାଗି ଇଚ୍ଛୁକ ପରିବାରକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟ ପ୍ରଦାନ କରାଯିବା ଉଚିତ । ମହାତ୍ମା ଗାନ୍ଧୀ ଏନ୍. ଆର. ଇ. ଜି. ଏ. ର ସୁବ୍ୟବସ୍ଥିତ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ମନ୍ତ୍ରୀ ସୂଚନା ଦେଇଥିଲେ ଯେ ୨୦୨୬-୨୭ ଆର୍ଥିକ ବର୍ଷର ପ୍ରଥମ କିସ୍ତି ଭାବେ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳଗୁଡ଼ିକୁ ୧୭,୭୭୪.୧୯ କୋଟି ଟଙ୍କା ମଜୁରୀ ବାବଦକୁ ପ୍ରଦାନ କରାଯାଉଛି ।

# ଆଇପିଏଲ- ୨୦୨୬: ସୁପର କିଙ୍ଗ୍ସ ଆଗରେ ୧୯୫ ରନ୍‌ର ବିଜୟ ଲକ୍ଷ୍ୟ ରଖିଲା ସନ୍‌ରାଇଜର୍ସ

ହାଇଦ୍ରାବାଦ: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୯ତମ ସଂସ୍କରଣର ୨୭ତମ ମ୍ୟାଚ୍ ହାଇଦ୍ରାବାଦ୍‌ରେ ଜାରି ରହିଛି । ଏହି ମ୍ୟାଚ୍‌ରେ ଆୟୋଜକ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଏବଂ ଚେନ୍ନାଇ ସୁପର କିଙ୍ଗ୍ସ ମୁହାଁମୁହିଁ ହୋଇଛନ୍ତି । ଚେନ୍ନାଇ ଏଠାରେ ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତି ନେଲା ପରେ ଇଶାନ କିଶନଙ୍କ ଦଳ ବ୍ୟାଟିଂ କରିଥିଲା । ଅଭିଷେକ ଶର୍ମା ଏବଂ ହେନ୍‌ରିକ୍ କ୍ଲାସେଁଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ହାଇଦ୍ରାବାଦ୍ ନିର୍ଦ୍ଧାରିତ ୨୦ ଓଭରରେ ୯ଟି ୱିକେଟ୍ ହରାଇ ୧୯୪ ରନ୍ କରିଛି । ଫଳରେ



ଚେନ୍ନାଇକୁ ଏହି ମ୍ୟାଚ୍ ଜିତିବା ପାଇଁ ୧୯୫ ରନ୍‌ର ଲକ୍ଷ୍ୟ ମିଳିଛି । ଆରମ୍ଭରୁ ହାଇଦ୍ରାବାଦ୍‌ର ଭଲ ବ୍ୟାଟିଂ କରିଥିଲଶ । ପ୍ରାରମ୍ଭିକ ବ୍ୟାଟର ଅଭିଷେକ ଶର୍ମା ଏବଂ ଟ୍ରାଭିସ୍ ହେଡ୍ ପ୍ରଥମ ୱିକେଟ ପାଇଁ ୭୫ ରନ୍‌ର ଭାଗିଦାରୀ କରିଥିଲେ । ହେଡ୍ ୨୦ଟି ବଲ୍ ଖେଳି ୩ଟି ଚୌକା ଏବଂ ଗୋଟିଏ ଛକା ବଳରେ ୨୩ ରନ୍ ସଂଗ୍ରହ କରିଥିଲେ । ସେ ଆଉଟ୍ ହେଲା ପରେ ତାଙ୍କ ସ୍ଥାନ ପୂରଣ କିବାକୁ ଆସିଥିଲେ ଅଧିନାୟକ ଇଶାନ କିଶନ । କିନ୍ତୁ ସେ ମାତ୍ର ଗୋଟିଏ ବଲ୍‌ସାମ୍ନା କରି ଖାତା ଖୋଲିପାରି ନପାରି ମୁକେଶ ଚୌଧୁରୀଙ୍କ ବଲ୍ ଋତୁରାଜ ଗାଏକ୍ୱାର୍ଡଙ୍କୁ ଦେଇ ଆଉଟ ହୋଇଥିଲେ । ଚେନ୍ନାଇର ତୃତୀୟ ଶିକାର ହୋଇଥିଲେ ଅଭିଷେକ ଶର୍ମା ।

# ସୁଟ୍‌ଆଉଟ୍‌ରେ ଆର୍ଜେଂଟିନାକୁ ହରାଇଲା ଭାରତୀୟ ମହିଳା ହକି ଦଳ

ବୁଏନସ୍ ଏରିସ୍: ଶେଷ ମ୍ୟାଚ୍‌ରେ ଏକ ରୋମାଂଚକର ବିଜୟ ସହ ଭାରତୀୟ ମହିଳା ହକି ଦଳ



ନିଜର ଆର୍ଜେଂଟିନା ଗସ୍ତ ଶେଷ କରିଛି । ଶୁକ୍ରବାର ଖେଳାଯାଇଥିବା ଶେଷ ମ୍ୟାଚ୍ ନିୟମିତ ସମୟରେ ଅମିମାଂସିତଭାବେ ଶେଷ ହେବା ପରେ ସୁଟ୍‌ଆଉଟ୍‌ରେ ଭାରତ ୩-୨ରେ ଘରୋଇ ଦଳକୁ ପରାସ୍ତ କରିଥିଲା । ଏପ୍ରିଲ ୧୩ରୁ ଆରମ୍ଭ ହୋଇଥିବା ଏହି ଗସ୍ତର ପ୍ରଥମ ଦୁଇଟି ମ୍ୟାଚ୍ ଭାରତ ପାଇଁ ବେଶ କଷ୍ଟକର ଥିଲା । ଆର୍ଜେଂଟିନା ୧୩ ତାରିଖରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ୪-୨ ଗୋଲ୍‌ରେ ଓ ୧୪ ତାରିଖରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ରେ ୨-୧ ଗୋଲ୍‌ରେ ଭାରତକୁ ପରାସ୍ତ କରିଥିଲା । ତେବେ ଏପ୍ରିଲ ୧୬ରେ ଖେଳାଯାଇଥିବା ତୃତୀୟ ମ୍ୟାଚ୍‌ରେ ଭାରତ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ୨-୧ରେ ବିଜୟୀ ହୋଇଥିଲା । ଚତୁର୍ଥ ମ୍ୟାଚ୍‌ରେ ବିଜୟ ସହ ଭାରତ ଏହି ଶୃଙ୍ଖଳାକୁ ୨-୨ରେ ଡ୍ର ରଖିଛି । ଦଳର ଏହି ବିଜୟ ସମ୍ପର୍କରେ ଅଧିନାୟିକ ନବନୀତ କୌର କହିଛନ୍ତି ଯେ ପ୍ରଥମ ଦୁଇ ମ୍ୟାଚ୍‌ରେ ପରାଜୟ ପରେ ଆମ ଦଳ ଯେପରି ଜବାବ ଦେଲା ସେଥିପାଇଁ ସେ ଗର୍ବିତ ।

# ଆଇପିଏଲ - ୨୦୨୬ : ବେଙ୍ଗାଲୁରୁକୁ ୬ ୱିକେଟରେ ହରାଇଲା ଦିଲ୍ଲୀ କ୍ୟାପିଟାଲ୍ସ

ନୂଆଦିଲ୍ଲୀ : ହାରିଲା ବେଙ୍ଗାଲୁରୁ । ୬ ୱିକେଟରେ ଜିତିଲା ଦିଲ୍ଲୀ କ୍ୟାପିଟାଲ୍ସ । ୧୭୬ ରନର ବିଜୟ ଲକ୍ଷ୍ୟ ରହିଥିବାବେଳେ ଗୋଟିଏ ବଲ ବାକି ଥାଇ ଜିତି ନେଇଛି ଦିଲ୍ଲୀ । କେ.ଏଲ ରାହୁଲ ଏବଂ ଷ୍ଟବ୍ସଙ୍କ ଅର୍ଦ୍ଧଶତକ ବଳରେ ଦଳ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛି । ବେଙ୍ଗାଲୁରୁ ପକ୍ଷରୁ



ଭୁବେନଶ୍ୱର କୁମାର ୩ ୱିକେଟ ନେଇଥିବାବେଳେ କୃନାଲ ପାଣ୍ଡ୍ୟା ଗୋଟିଏ ୱିକେଟ ଅକ୍ତିଆର କରିଛନ୍ତି । ୧୭୬ ରନକୁ ପିଛା କରିବାକୁ ଯାଇ ଦିଲ୍ଲୀ ପ୍ରଥମରୁ ବ୍ୟାଟିଂ ବିପର୍ଯ୍ୟୟର ସାମ୍ନା କରିଥିଲା । ଓପନର ବ୍ୟାଟ୍ସମ୍ୟାନ ନିଶାଙ୍କା ୧, କରୁଣ ନାୟାର ୫ ଏବଂ ସମୀର ରିଜଭି ୨ ରନ୍ କରି ଆଉଟ୍ ହୋଇଥିଲେ । ମାତ୍ର ରୋହୁଲ ଧୈର୍ଯ୍ୟର ସହ ଖେଳିଥିଲେ ଆଉ ୩୪ ବଲରୁ ୫୭ ରନ କରିପାରିଛନ୍ତି । ଭୁବନେଶ୍ୱର କୁମାର ପ୍ରଥମରୁ ଦିଲ୍ଲୀ ବ୍ୟାଟ୍ସମ୍ୟାନଙ୍କ ଉପରେ ଭାରି ପଡ଼ିଥିଲେ । କିନ୍ତୁ ପରେ ଷ୍ଟବ୍ସ ୬୦, ଅକ୍ଷର ପଟେଲ ୨୬ ଏବଂ ମିଲର ୨୨ ରନର ମ୍ୟାଚ ବିଜୟୀ ପାଳି ଖେଳିଥିଲେ । ପ୍ରଥମେ ବ୍ୟାଟିଂ କରି ୮ ୱିକେଟ୍ ବିନିମୟରେ ୧୭୫ ରନ କରିଥିଲା RCB । ପ୍ରଥମେ ବ୍ୟାଟିଂ କରିଥିବା ଆରସିବି ଦମଦାର ପାଳି ଆରମ୍ଭ କରିଥିବାବେଳେ ଶେଷ ସମୟରେ ଏହାକୁ ବିଶାଳ ସ୍କୋରରେ ପରିଣତ କରିପାରିନଥିଲା । ପ୍ରଥମରୁ ଅନୁମାନ କରାଯାଉଥିଲା କି, ୨୦୦ ଉପରେ କରିପାରେ ମାତ୍ର ୧୭୫ ରନରେ ସୀମିତ ରହିଛି ବେଙ୍ଗାଲୁରୁ । ବିରାଟ କୋହଲି ଏବଂ ଫିଲ ସଲ୍ଟ ପାଳି ଆରମ୍ଭ କରିଥିଲେ । ବିରାଟ ୧୩ ବଲରୁ ୧୯ ରନ କରିଥିବାବେଳେ ସଲ୍ଟ ୩୮ ବଲରୁ ୬୩ ରନ କରିଥିଲେ । ଦଳର ବାକି ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ପାଡିକଲ ୧୮, ପଟିଦାର ୮, ଟିମ୍ ଡେଭିଡ୍ ୨୬, ଜିତେଶ ଶର୍ମା ୧୪ ଏବଂ କୃନାଲ ପାଣ୍ଡ୍ୟା ୧୨ ରନ କରିଛନ୍ତି । ବାକି ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରିନଥିଲେ । ସେପଟେ ଦିଲ୍ଲୀର ବୋଲରମାନେ ଆଜିର ମ୍ୟାଚରେ କମାଲ କରିଛନ୍ତି ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,

Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**